

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୩ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 23 JULY 2023

Vol.No. 35 ■ No. 194 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମଣିପୁରରୁ ଆସିଲା ପୁଣି ଭୟଙ୍କର ତଥ୍ୟ

### ଦୁଇ ଯୁବତୀଙ୍କୁ ଦୁଷ୍କର୍ମ, ନିର୍ଯାତନା ପରେ ହତ୍ୟା



ନୂଆଦିଲ୍ଲୀ,୨୨/୦୭ : ଯେଉଁ ଦିନ ମଣିପୁରରେ ଦୁଇ ଜଣ ଆଦିବାସୀ ମହିଳାଙ୍କୁ ବିଚ୍ ରାସ୍ତାରେ ଉଲଗ୍ନ କରି ଚଲାଇ ଚଲାଇ ନିଆ ଯାଉଥିଲା, ସେହିଦିନ ରାଜ୍ୟରେ ଆଉ ୨ ଜଣ ଯୁବତୀଙ୍କ ସହ ଘଟିଥିଲା ଭୟଙ୍କର କାଣ୍ଡ। କାଙ୍ଗପୋକପି ଜିଲ୍ଲାରେ ୨ ଜଣ ଯୁବତୀଙ୍କୁ ଅତ୍ୟନ୍ତ ଭୟଙ୍କର ଢଙ୍ଗରେ ନିର୍ଯାତନା ଦିଆଯିବା ସହ ଦୁଷ୍କର୍ମ କରାଯାଇଥିଲା। ଏହାପରେ ସେମାନଙ୍କୁ ହତ୍ୟା କରାଯାଇଥିଲା। ଭାଇରାଲ ଭିଡିଓକୁ ନେଇ ପୂରା ଦେଶରେ ତମ୍ବିତୋଫାନ ଲାଗି ରହିଥିବା ବେଳେ ଏବେ ପୁଣି ଗୋଟିଏ ଭୟଙ୍କର ଘଟଣା ସାମ୍ନାକୁ ଆସିବା ସମସ୍ତଙ୍କୁ ବିଚଳିତ କରିଛି। ମିଳିଥିବା ସୂଚନା ଅନୁସାରେ, ନିର୍ଯାତନା, ଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା ଜଣେ ଯୁବତୀଙ୍କ ବୟସ ୨୧ ଏବଂ ଆଉ ଜଣଙ୍କର ୨୪ ବର୍ଷ। ସେମାନେ ଇମ୍ଫାଲ ଇଷ୍ଟ ଜିଲ୍ଲାର କୋଉଙ୍ଗ ମାମାଙ୍ଗ ଅଞ୍ଚଳରେ ଥିବା ଗୋଟିଏ କାର ୱାଶ ସେଣ୍ଟରରେ କାମ କରୁଥିଲେ। ପ୍ରଥମେ ଦୁଇ ଯୁବତୀଙ୍କୁ ସଂଘବଦ୍ଧ ହୋଇ ଆସିଥିବା ମହିଳା ଓ ପୁରୁଷମାନେ ପ୍ରବଳ ମାଡ଼ ମାରିବା ସହ ଅନେକ ପ୍ରକାରର ଅକଥନୀୟ ନିର୍ଯାତନା ଦେଇଥିଲେ। ପୂରା ଘଟଣାର ସାକ୍ଷୀ ଥିବା ଦୁଇ ଯୁବତୀଙ୍କ ସହକର୍ମୀ (ପୁରୁଷ) କହିଛନ୍ତି ଯେ ସଂଘବଦ୍ଧ ହୋଇ ଆସିଥିବା ଲୋକଙ୍କ ମଧ୍ୟରେ ଥିବା ମହିଳାମାନେ ହିଁ ପ୍ରଥମେ ଆକ୍ରମଣ କରିଥିଲେ। ସେମାନେ ପୁରୁଷମାନଙ୍କୁ ଉସକାଇବା ସହ ଦୁଇ ଯୁବତୀଙ୍କୁ ରୁମ ଭିତରକୁ ନେଇ ଯୌନ ନିର୍ଯାତନା ଦେବାକୁ କହିଥିଲେ। ଏହାପରେ ଦୁଇ ଜଣଙ୍କୁ ରୁମ ଭିତରକୁ ଘୋଷାଡ଼ି ଘୋଷାଡ଼ି ନିଆଯାଇଥିଲା। ସେଠାରେ ଲାଇଟକୁ ବନ୍ଦ କରାଯାଇଥିଲା ଓ ପାଟି ବନ୍ଦ କରିବା ପାଇଁ ସେମାନେ ଦୁଇ ଜଣଙ୍କ ମୁହଁରେ କପଡ଼ା ମଧ୍ୟ ପୂରାଇ ଦେଇଥିଲେ। ରୁମ ଭିତରେ ସେମାନଙ୍କୁ ପ୍ରାୟ ଦେଢ଼ ଘଣ୍ଟା ଧରି ନିର୍ଯାତନା ଦିଆଯାଇଥିଲା। ଏହାପରେ ସେମାନଙ୍କୁ ଘୋଷାଡ଼ି ଘୋଷାଡ଼ି ବାହାରକୁ ଅଣାଯାଇଥିଲା। ଏହି ସମୟରେ ସେମାନଙ୍କ ଦେହରେ କପଡ଼ା ନଥିଲା। ସେମାନଙ୍କ ଚୁଟି କାଟି ଦିଆଯାଇଥିଲା ଓ ଦେହ ସାରା ରକ୍ତ ଲାଗିଥିଲା। ଆକ୍ରମଣକାରୀମାନେ ଦୁଇ ଜଣଙ୍କୁ ନିକଟସ୍ଥ ସ'ମିଲ୍ ନିକଟରେ ଫୋପାଡ଼ି ଚାଲି ଯାଇଥିଲେ। ଭୟରେ

▶▶ପୃଷ୍ଠା ୭

## ଓଡ଼ିଶାର ଶାସନ ବ୍ୟବସ୍ଥା ହାଇଜାକ୍ ହୋଇଛି : ଚେଲ୍ଲାକୁମାର



ଭୁବନେଶ୍ୱର, ୨୨ ଜୁଲାଇ - ଓଡ଼ିଶାର ଶାସନ ବ୍ୟବସ୍ଥା ହାଇଜାକ୍ ହୋଇଛି ବୋଲି କହିଛନ୍ତି ଓଡ଼ିଶା କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲାକୁମାର। ସେ କହିଛନ୍ତି ଓଡ଼ିଶାର ଶାସନ ବ୍ୟବସ୍ଥା ଓ ଗଣତନ୍ତ୍ର ଉପରେ ଆକ୍ରମଣ ହେଉଛି। ଦୀର୍ଘ ୨୪ ବର୍ଷ ଧରି ଓଡ଼ିଶାକୁ ଶାସନ କରୁଛି ବିଜେଡି ସରକାର। କିନ୍ତୁ ସୁପର ସିଏମ୍ ଆସିବା ପୂର୍ବରୁ ବିଜେଡି ବିଧାୟକ, ମନ୍ତ୍ରୀ ଚୌକି ସଜାଡୁଛନ୍ତି । ସୁପର ସିଏମ୍ ଙ୍କ ପାଇଁ ଲୋକ ଯୋଗାଡ଼ କରୁଛନ୍ତି ବିଜେଡି ବିଧାୟକ, ମନ୍ତ୍ରୀ । କଂଗ୍ରେସ ଏହାକୁ ତୀବ୍ର ବିରୋଧ କରୁଛି ।

## ବଗି ଛାଡ଼ି ୨କିଲୋମିଟର ପଳାଇଲା ମାଲବାହୀ ଟ୍ରେନ

ବାଲେଶ୍ୱର, ୨୨/୦୭ (ନି.ପ୍ର): ଗୁଡ୍ସ ଗାର୍ଡ ବଗି ଛାଡ଼ି ପଳାଇଲା ୨କିଲୋମିଟର ପଳାଇଗଲା ଟ୍ରେନ। ଏପରି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ସୋର ଷ୍ଟେସନରେ। ଏଥିରେ କାହାର କିଛି କ୍ଷୟକ୍ଷତି ହୋଇନାହିଁ। ଆଜି ଦିନ ୧୦ଟା ସମୟରେ ଧାମରାରୁ କଲକୋତା ଅଭିମୁଖେ ଯାଉଥିଲା ମାଲବାହୀ ଟ୍ରେନ। ଟ୍ରେନଟି ସୋର ଷ୍ଟେସନର ୨ ନମ୍ବର ପ୍ଲାଟଫର୍ମରେ ଅତିକ୍ରମ କରିବା ବେଳେ ଗୁଡ୍ସ ଗାର୍ଡ ବଗି ଛାଡ଼ି ପଳାଇଯାଇଥିଲା। ପରେ ଟ୍ରେନ୍‌ଟି ପଛରୁ ଫେରି ଗୁଡ୍ସ ଗାର୍ଡ ବଗି ସହ ଯୋଡ଼ିଥିଲା। ୨୫ ମିନିଟ୍ ପରେ ବଗି ସହ ଇଞ୍ଜିନ ଯୋଡ଼ାଯିବା ପରେ ଗଡ଼ିଥିଲା ମାଲବାହୀ ଟ୍ରେନ୍। ଏହି ମାଲବାହୀ ଟ୍ରେନଟି ମେନଲାଇନରେ ଯାଉଥିବାରୁ ଏପରି ଦୁର୍ଘଟଣା ଘଟିବା ଯୋଗୁ ସବୁ ଟ୍ରେନ ବିଳମ୍ବରେ ଚାଲିଛି । ଏନେଇ ରେଳ ବିଭାଗର କୌଣସି ପ୍ରତିକ୍ରିୟା ମିଳିନାହିଁ।



## ବାହାନଗା ରେଳ ଦୁର୍ଘଟଣା : ଏବେ ବି ଏମସ୍‌ରେ ସଂରକ୍ଷିତ ୪୧ ମୃତଦେହ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାହାନଗା ରେଳ ଦୁର୍ଘଟଣାରେ ମତ୍ୟୁବରଣ କରିଥିବା ଆହୁରି ୪୧ ଟି ମୃତଦେହ ଭୁବନେଶ୍ୱର ଏମ୍ସରେ ସଂରକ୍ଷିତ ରହିଛି। ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବର୍ତ୍ତମାନ ଭୁବନେଶ୍ୱର ଏମ୍ସରେ ୪୧ଟି ଶବ ସଂରକ୍ଷିତ ଅବସ୍ଥାରେ ଅଛି। ନିଜ ସମ୍ପର୍କୀୟଙ୍କ ଶବ ନେବା ପାଇଁ ଆସିଲେ ସେମାନଙ୍କ ଡିଏନ୍‌ଏ ନମୁନା ସଂଗ୍ରହ କରାଯାଇ ଟେଷ୍ଟ ପାଇଁ ପଠାଯାଉଛି। ଡିଏନ୍‌ଏ ମ୍ୟାଚ କଲେ ଶବ ହସ୍ତାନ୍ତର କରାଯାଉଛି। ଏହା ଏକ ନିରନ୍ତର ପ୍ରକ୍ରିୟା। ଏବେ ମୃତକଙ୍କ ସଂପର୍କୀୟ କମ୍ ଆସୁଛନ୍ତି। ଶବ ଚିହ୍ନଟ ହୋଇପାରୁଛି। କିନ୍ତୁ ଲୋକ ନେବା ପାଇଁ ଆସୁନାହାନ୍ତି। ଶବ ହସ୍ତାନ୍ତର ସଂପର୍କରେ ସମସ୍ତଙ୍କୁ ବିଭିନ୍ନ ମାଧ୍ୟମରେ ସୂଚନା ଦିଆଯାଉଛି। ଶବଗୁଡ଼ିକୁ ସୁରକ୍ଷିତ ଭାବେ ସଂରକ୍ଷିତ କରି ରଖାଯାଇଛି। ଆହୁରି ଅନେକ ଦିନ ଶବ ସଂରକ୍ଷିତ କରି ରଖାଯାଇପାରିବ। ବର୍ତ୍ତମାନ ସୁଦ୍ଧା ସମୂହ ଶବ ଦାହ ପାଇଁ କୌଣସି ନିଷ୍ପତି ହୋଇନାହିଁ। ସୂଚନାଯୋଗ୍ୟ, ଗତ ଜୁନ୍ ୨ ତାରିଖରେ ଘଟିଥିବା ବାହାନଗା ଟ୍ରେନ ଦୁର୍ଘଟଣାରେ ୨୯୫ ଯାତ୍ରୀଙ୍କର ମୃତ୍ୟୁ ହୋଇଥିଲା। ହଜାରେରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିଲେ। ଏହି ରେଳ ଦୁର୍ଘଟଣାରେ ୨୫୪ ଜଣ ମୃତ ଯାତ୍ରୀଙ୍କର ଶବକୁ ଚିହ୍ନଟ କରାଯାଇ ସେମାନଙ୍କର ପରିଜନଙ୍କୁ ହସ୍ତାନ୍ତର କରାଯାଇଛି।

## ନକଲି ମସଲା ଠାବ ମାମଲାରେ ବ୍ୟବସାୟୀ ଗିରଫ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): କଟକ ମାଲଗୋଦାମରୁ ନକଲି ମସଲା କାରଖାନା ଠାବ ମାମଲାରେ ବ୍ୟବସାୟୀ ଅରୁଣ କୁମାର ଗନ୍ତାୟତଙ୍କୁ ଗିରଫ କରାଯାଇଛି । ମାଲଗୋଦାମ ଥାନା ପୋଲିସ ତାଙ୍କୁ ଗିରଫ କରିଛି । ଜୋନ ୧ ଏସିପି ଅରୁଣ କୁମାର ସ୍ୱାଇଁ ଏହି ସୂଚନା ଦେଇଛନ୍ତିଫ ଉଲ୍ଲେଖନୀୟ ଯେ ଶୁକ୍ରବାର ଦିନ ଏହି ନକଲି ମସଲା କାରଖାନା ଠାବ ହୋଇଥିଲା । ସିଏମସି ଓ ମାଲଗୋଦାମ ଥାନା ପୋଲିସ ମିଳିତ ଚଢାଉ କରି ୨୦ ବସ୍ତା ନକଲି ଲଙ୍କା ଓ ହଳଦୀ ଗୁଣ୍ଡ ଜବତ କରିଥିଲେ। ଏହା ସହ ଚାଉଳ ଚୁନା ଓ ରାସାୟନିକ ରଙ୍ଗ ମଧ୍ୟ ଜବତ କରାଯାଇଥିଲା।

## ଆଜି ଖୋଲିବ ହୀରାକୁଦ ଡ୍ୟାମ୍‌ର ୫ଟି ଗେଟ୍

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ଆସନ୍ତାକାଲି (ରବିବାର) ହୀରାକୁଦ ଡ୍ୟାମ୍ ରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ଛଡ଼ାଯିବ। ପ୍ରଥମ ପର୍ଯ୍ୟାୟରେ ୫ଟି ଗେଟ୍ ଖୋଲାଯିବ। ରବିବାର ସକାଳ ୯ଟାରେ ହୀରାକୁଦ ଡ୍ୟାମ୍ ର ଗେଟ ଖୋଲିବ। ଉପରମୁଣ୍ଡରେ ପ୍ରବଳ ବର୍ଷା ହେଉଥିବାରୁ ହୀରାକୁଦରୁ ପାଣି ଛଡ଼ାଯିବ। ଜଳଭଣ୍ଡାରର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ ରହିଥିବା ବେଳେ ଏବେ ଜଳପତନ ୬୧୪. ୩୩ଫୁଟରେ ପହଂଚିଛି । ଡ୍ୟାମକୁ ସେକେଣ୍ଡକୁ ୯୧ ହଜାର ୨୪୦ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପ୍ରାୟ ୩୯ ହଜାର ୫୮୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ବନ୍ୟା ଜଳ ଛାଡ଼ିବା ବେଳେ ମହାନଦୀ ଭିତରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ମାଇକ୍ ଯୋଗେ ବିଭିନ୍ନ ସ୍ଥାନରେ ବୁଲି ଲୋକଙ୍କୁ ସତର୍କ କରାଇଛନ୍ତି।



## ସିବିଏସଇ ସ୍କୁଲରେ ବିକଳ୍ପ ଭାଷା ଭାବରେ ମାତୃଭାଷାରେ ପାଠ ପଢିପାରିବେ ଛାତ୍ରଛାତ୍ରୀ: ଧର୍ମେନ୍ଦ୍ର




ଭୁବନେଶ୍ୱର, ୨୨/୦୭ (ନି.ପ୍ର): ସିବିଏସଇ ଅନୁବନ୍ଧିତ ସ୍କୁଲ ଗୁଡିକରେ ଛାତ୍ରଛାତ୍ରୀ ମାନଙ୍କୁ ବିକଳ୍ପ ଭାଷା ଭାବରେ ମାତୃଭାଷାରେ ଶିକ୍ଷାଦାନ ଦିଆଯାଇପାରିବ । ଏଥିପାଇଁ ସିବିଏସଇ ବିଜ୍ଞପ୍ତି ଜାରି କରିସାରିଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ବିଶ୍ୱର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ରାଷ୍ଟ୍ରୀୟ ଶିକ୍ଷା ନୀତି ସମସ୍ତ ଭାରତୀୟ ଭାଷାକୁ ଗୁରୁତ୍ୱ ଦେଉଅଛି । ପୂର୍ବରୁ ସିବିଏସଇ ସ୍କୁଲରେ କେବଳ ଇଂରାଜୀ ଓ ହିନ୍ଦିରେ ପାଠ ପଢ଼ାଯିବାର ବ୍ୟବସ୍ଥା ଥିଲା । ଏଣିକି ସମସ୍ତ ସିବିଏସଇ ସ୍କୁଲରେ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ଇଂରାଜି ଓ ହିନ୍ଦି ଭାଷା ବ୍ୟତିତ ପିଲାଙ୍କ ଇଚ୍ଛାନୁସାରେ ଓଡ଼ିଆ ଏବଂ ଅନ୍ୟାନ୍ୟ ଭାରତୀୟ ଭାଷାରେ ଶିକ୍ଷା ଦିଆଯିବ । ମାତୃଭାଷାରେ ପାଠ ପଢ଼ିଲେ ହିଁ ଛାତ୍ରଛାତ୍ରୀମାନେ ଭଲ ଭାବେ ପାଠକୁ ବୁଝି ପାରିବେ । ମୂଳ ବିଷୟର ସ୍ୱଷ୍ଟତା ଆସିବ । ଛାତ୍ରଛାତ୍ରୀଙ୍କର ଚିନ୍ତନ ଶକ୍ତି ବୃଦ୍ଧି ପାଇବ, ଯାହା ଶିକ୍ଷା ନୀତିର ଉଦ୍ଦେଶ୍ୟ ରହିଛି । ତେବେ ପିଲାମାନେ କେଉଁ ଭାଷାରେ ପାଠ ପଢିବେ, ସେଥିପାଇଁ କୌଣସି ଛାତ୍ରଛାତ୍ରୀଙ୍କୁ ବାଧ କରାଯିବନାହିଁ । ସିବିଏସଇ ସ୍କୁଲ ଗୁଡ଼ିକ ଧୀରେ ଧୀରେ ଏ ବ୍ୟବସ୍ଥାକୁ ଆପଣାଇବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ପଦକ୍ଷେପ ଭାରତୀୟ ଭାଷା ଆଧାରିତ ଶିକ୍ଷାକୁ ବଢାଇବ । ଶିକ୍ଷାର ଆଉଟକମ ପାଇଁ ଏହା ଏକ ଭଲ ଶୁଭାରମ୍ଭ ବୋଲି ସେ କହିଛନ୍ତି ।

## ଏୟାରପୋର୍ଟରୁ ଧରାପଡ଼ିଲା ୧୦ କୋଟିର ବିଦେଶୀ ଟଙ୍କା



ନୂଆଦିଲ୍ଲୀ,୨୨/୦୭ : ବେଆଇନ ଭାବେ ବିପୁଳ ପରିମାଣର ବିଦେଶୀ ଟଙ୍କା ନେଇ ଯାଉଥିବା ୩ଜଣଙ୍କୁ ଏୟାରପୋର୍ଟରୁ ଧରିଛନ୍ତି କଷ୍ଟମସ୍ ଅଧିକାରୀ। ଦିଲ୍ଲୀର ଇନ୍ଦିରା ଗାନ୍ଧି ଅନ୍ତର୍ଜାତୀୟ ଏୟାରପୋର୍ଟରୁ ୧୦ କୋଟି ଟଙ୍କାର ବିଦେଶୀ ଟଙ୍କା ଜବତ କରାଯାଇଛି। ପ୍ରଥମଥର ପାଇଁ ଶୁକ୍ରବାର ଏତେ ପରିମାଣ ବିଦେଶୀ ଟଙ୍କା କୌଣସି ଏୟାର ପୋର୍ଟରୁ ଜବତ କରାଯାଇଛି। ତାଜିକିସ୍ତାନର ୩ ଜଣ ଲୋକଙ୍କ ଠାରୁ ଏହାକୁ ଜବତ କରାଯାଇଥିବା କଷ୍ଟମ ବିଭାଗ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ, ବିଦେଶୀ ଟଙ୍କା ଗୁଡ଼ିକୁ ଅଭିଯୁକ୍ତମାନେ ଲଗେଜ ଭିତରେ ଥିବା ଜୋତା ମଧ୍ୟରେ ଲୁଚାଇ ରଖିଥିଲେ। ୩ ଅଭିଯୁକ୍ତ ଦିଲ୍ଲୀ ଏୟାରପୋର୍ଟରୁ ଇସ୍ତାନବୁଲ ଯିବାର ଥିଲା। ସେମାନେ ବିମାନରେ ବସିବା ପାଇଁ ଯାଉଥିବା ବେଳେ ହଠାତ୍ ? କେଷ୍ଟମ ବିଭାଗର ଅଧିକାରୀମାନେ ସେମାନଙ୍କୁ ଅଟକାଇଥିଲେ। ଯାଞ୍ଚ ସମୟରେ ସେମାନଙ୍କ ଠାରୁ ୭,୨୦,୦୦୦ ଡଲାର ଓ ୪,୬୬,୨୦୦ ୟୁରୋ ଜବତ କରଯାଇଥିଲା। ଏତେ ପରିମାଣର ବିଦେଶୀ ଟଙ୍କାର ମୂଲ୍ୟ ଭାରତୀୟ ମୁଦ୍ରାରେ ୧୦.୬ କୋଟି ଟଙ୍କା ହେବ। ଅଧିକାରୀମାନେ ବିଦେଶୀ ଟଙ୍କାଗୁଡ଼ିକୁ ଜବତ କରି ଘଟଣାର ଅଧିକ

▶▶ପୃଷ୍ଠା ୭

## ରାଜ୍ୟ କଂଗ୍ରେସ ଦି'ଫାଳ ସ୍ଥିତିରେ: କାର୍ଯ୍ୟକାରିଣୀ ବୈଠକରେ ଉଠିଲା ମୋକିମ୍-ଚିରଞ୍ଜୀବ ନିଲମ୍ବନ ଝଡ଼



ଭୁବନେଶ୍ୱର, ୨୨/୦୭ (ନି.ପ୍ର): ପୁଣି ଏକ୍ ହୋଇ ଚାଲିପାରିବ ତ କଂଗ୍ରେସ ? ନା ବିଭାଜିତ ହୋଇଯିବ ? କାରଣ ଗୋଟିଏ ପଟେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଚାଲିଥିବା ବେଳେ ଅନ୍ୟପଟେ ଦଳୀୟ ଶୀର୍ଷ ନେତାଙ୍କ ନିଷ୍ପତ୍ତି ଓ ନେତୃତ୍ୱକୁ ବିରୋଧ କରାଯାଇଛି। ଖାଲି ସେତିକି ନୁହେଁ କାର୍ଯ୍ୟକାରିଣୀ ପୂର୍ବରୁ ବସିଥିବା ରାଜନୈତିକ ବ୍ୟାପାର ବୈଠକରେ ଉଠିଲା ମୋକିମ୍-ଚିରଞ୍ଜୀବ ନିଲମ୍ବନ ପ୍ରସଙ୍ଗ। ଦଳେ ସମର୍ଥନରେ ବାହାରିଥିବାବେଳେ ଆଉ କିଛି ନିଲମ୍ବନକୁ ବିରୋଧ କରିଥିଲେ। ରାଜସ୍ଥାନର ଗେହଲଟ-ପାଇଲଟ୍ ବିବାଦକୁ ଯେପରି ବିନା କାର୍ଯ୍ୟାନୁଷ୍ଠାନରେ ଆଲୋଚନା ମାଧ୍ୟମରେ ସମାଧାନ କରାଗଲା, ଓଡ଼ିଶାରେ କାହିଁକି ସେ ନୀତି ଆପଣା ଗଲାନାହିଁ ବୋଲି ମଧ୍ୟ ବୈଠକରେ ମତ ଉଠିଥିଲା। ଏହାସତ୍ତ୍ୱେ ରାଜ୍ୟ କାର୍ଯ୍ୟକାରିଣୀରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଛି। ଦରଦାମ ବୃଦ୍ଧି, ବେକାରୀ, ଚିଟ୍ ଫଣ୍ଡ, ପଛୁଆ ବର୍ଗ ପ୍ରତି ଅବହେଳା, ମହିଳାଙ୍କ ସୁରକ୍ଷା,ଛାତ୍ର ସଂସଦ ନିର୍ବାଚନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଏହାକୁ ଆଧାର କରି ୨୦୨୪ ରଣନୀତି ପ୍ରସ୍ତୁତ କରିବାକୁ ଦଳ ଯୋଜନା କରିଛି। ଏପଟେ ଏବେ ବି ନିଲମ୍ବନକୁ ସହଜରେ ହଜମ କରି ପାରୁନାହାନ୍ତି ମୋକିମ-ଚିରଞ୍ଜୀବଙ୍କ ସମର୍ଥକ। ଥମୁନି ପ୍ରତିବାଦ ସ୍ୱର। ଗତକାଲି କଂଗ୍ରେସ ଭବନରେ ହୋହଲ୍ଲା କରିବା ପରେ ଆଜି କଟକରେ ମୌନ ପ୍ରତିବାଦ କରି ଦୁଇ ନେତାଙ୍କ

▶▶ପୃଷ୍ଠା ୭

## ବେଙ୍ଗଲ ଭାଇରାଲ ଭିଡିଓ: ୫ ଜଣଙ୍କୁ ବାନ୍ଧିଲା ପୁଲିସ୍

ପଶ୍ଚିମବଙ୍ଗ,୨୨/୦୭ : ପଶ୍ଚିମବଙ୍ଗରୁ ଆସିଥିବା ଭାଇରାଲ ତଥା ବିଚଳିତ କଲା ଭିଡିଓ ଘଟଣାରେ ପୁଲିସ୍ ୫ ଜଣଙ୍କୁ ଗିରଫ କରିଛି। ମାଲଦାରୁ ଆସିଥିବା ଏହି ଭିଡିଓରେ ଦୁଇ ଜଣ ମହିଳାଙ୍କୁ କିଛି ଲୋକ ଘୋଡ଼ାଇ ଘୋଡ଼ାଇ ପିଟିବା ସହ ସେମାନଙ୍କୁ ଅର୍ଦ୍ଧନଗ୍ନ ଅବସ୍ଥାରେ ରାସ୍ତାରେ ବୁଲାଇଥିବା ଦେଖିବାକୁ ମିଳିଛି। ଏହି ଦୁଇ ମହିଳାଙ୍କୁ ସ୍ଥାନୀୟ ଦୋକାନୀମାନେ ଚୋର ବୋଲି ସନ୍ଦେହ କରି ଏପରି କାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି। କୁହାଯାଉଛି ଯେ ୩ରୁ ୪ ଦିନ ତଳେ ମାଲଦାର ପକୌହାଟ ଅଞ୍ଚଳରେ ଏହି ଘଟଣା ଘଟିଥିଲା। ପ୍ରଥମେ ଦୁଇ ଜଣ ମହିଳାଙ୍କୁ ଚୋରି କରୁଥିବା ଅଭିଯୋଗରେ କିଛି ଲୋକ ଧରିଥିଲେ। ଏହାପରେ ସେମାନଙ୍କୁ ବିଚ୍ ରାସ୍ତାରେ ନିର୍ଯାତନା ଦିଆଯାଇଥିଲା। ଭିଡିଓରେ କିଛି ମହିଳା ହିଁ ଧରା ପଡ଼ିଥିବା ଯୋଡ଼ିଙ୍କୁ ମାଡ଼ ମାରୁଥିବା ଦୃଶ୍ୟ ରହିଥିଲା। ଏହାକୁ ନେଇ କୌଣସି ପ୍ରକାରର ଅଭିଯୋଗ କେହି କରି ନଥିଲେ। ତେବେ ଭିଡିଓ ସାମ୍ନାକୁ ଆସିବା ପରେ ମାଲଦା ପୁଲିସ୍ ନିଜ ଆଡୁ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ଏଥିସହ ଆଜି ୫ ଜଣଙ୍କୁ ଗିରଫ ମଧ୍ୟ କରିଛି। ପ୍ରାଥମିକ ତଦନ୍ତକୁ ପୁଲିସ ଜାଣିବାକୁ ପାଇଛି ଯେ ଚୋରି କରିବା ବେଳେ ଦୁଇ ମହିଳା ରଙ୍ଗେହାତ ଧରାପଡ଼ିଥିଲେ।

▶▶ପୃଷ୍ଠା ୭

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ




ବାରିପଦା , ୨୨/୦୭ (ନି.ପ୍ର): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲିଟେସନ ସେଣ୍ଟର ଠାରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ ସଭାପତିତ୍ୱ ରେ ଜିଲ୍ଲା ସ୍ତରୀୟ ୭୭ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ବୈଠକର କାର୍ଯ୍ୟସୂଚି ଉପସ୍ଥାପନ କରିଥିବା ବେଳେ, ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ପ୍ରସ୍ତୁତି ବୈଠକର ଆଭିମୁଖ୍ୟ ସମ୍ବନ୍ଧରେ ପ୍ରତିପାଦନ କରି ପୂର୍ବ ତିନି ବର୍ଷ ଧରି କୋଭିଡ କଟକଣାରେ ସ୍ୱାଧୀନତା ଦିବସ ପାଳିତ ହୋଇଥିବା ବେଳେ ଚଳିତ ବର୍ଷ ୭୭ ତମ ସ୍ୱାଧୀନତା ଦିବସ ପୂର୍ଣ୍ଣାଙ୍ଗ ଭାବେ ପାଳିତ ହେବା ନେଇ ସବିଶେଷ ଆଲୋଚନା କରିଥିଲେ. ଏହି ଜାତୀୟ ଦିବସକୁ ଜିଲ୍ଲା ସ୍ତରରେ ସୁବ୍ୟବସ୍ଥିତ ଢଙ୍ଗରେ ପାଳନ କରିବା ପାଇଁ ଆଲୋଚନା କରିଥିଲେ । ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ପ୍ରତିଯୋଗିତା ଆୟୋଜନ, ପ୍ୟାରେଡ ପଡିଆ ସୁସଜ୍ଜିକରଣ, ଅଭିବାଦନ ମଞ୍ଚ ପ୍ରସ୍ତୁତି, ସହରାଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ କରିବା, ରାମ ଧୁନ ପରିବେଷଣ, ଅତିଥି ମାନଙ୍କୁ ନିମନ୍ତ୍ରଣ ଓ କୃତୀ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ବିତରଣ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରହି ଚିକିତ୍ସିତ ହେଉଥିବା ରୋଗୀ, ଗୋପବନ୍ଧୁ ବାଳାଶ୍ରମ ର ଅନ୍ତେବାସୀ ଓ ଭିନ୍ନକ୍ଷମ ବିଦ୍ୟାଳୟ ର ଛାତ୍ର ଛାତ୍ରୀଙ୍କୁ ଫଳ ବିସ୍କୁଟ ବଣ୍ଟନ ଇତ୍ୟାଦି କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ ନିମନ୍ତେ ବିଭିନ୍ନ କମିଟି ଗଠନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀ ତଥା ବ୍ୟକ୍ତି ବିଶେଷଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ରୁଦ୍ର ନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ଅକ୍ଷୟ ସୁନୀଲ ଅଗ୍ରୱାଲ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଉମେଶ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିବା ବେଳେ, ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ, ଶିକ୍ଷାନୁଷ୍ଠାନର ମୁଖ୍ୟ ତଥା ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ବରିଷ୍ଠ ନାଗରିକ, ଆଇନଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ରଖିଥିଲେ । ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ. କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଶ୍ରୀକାନ୍ତ ବେହେରା, ଶିବ ଶଙ୍କର ଦତ୍ତ, ରାମେଶ୍ୱର ବେଶ୍ରା ଓ ରବି ନାରାୟଣ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

# ଲୋୟର ସୁକତେଲ ବିସ୍ଥାପନ: ପ୍ରଭାବିତ ହେବେ ୧ହଜାରରୁ ଅଧିକ ଛାତ୍ରଛାତ୍ରୀ, ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ଅଧିକାର ହନନ ନହେଉ

ବଲାଙ୍ଗୀର, ୨୨/୦୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର ମାଗୁରବେଢା ଠାରେ ନିର୍ମାଣ ହୋଇଥିବା ଲୋୟର ସୁକତେଲ ପ୍ରକଳ୍ପରେ ପ୍ରାୟ ୯୭୦୦ ପରିବାର ବିସ୍ଥାପିତ ହେଉଛନ୍ତି। ତେବେ ସେଥିରେ ପ୍ରକଳ୍ପରେ ସଂପୂର୍ଣ୍ଣ ଭାବରେ ବୁଡୁଥିବା ୧୫ଟି ଗ୍ରାମର ୧୬ଗୋଟି ସ୍କୁଲ ଚଳିତବର୍ଷ ବନ୍ଦ ହେଉଛି। ଏଥିମଧ୍ୟରେ ଗଡଶଙ୍କର ଡୁଙ୍ଗୁରୀପାଲି ଓ ଖୁଂଟପାଲିର ହାଇସ୍କୁଲ ମଧ୍ୟ ରହିଛି। ଏହି ବିସ୍ଥାପନ ଯୋଗୁଁ ମୋଟ ୧୬ଟି ସ୍କୁଲର ୧୦୦୦ ଛାତ୍ରଛାତ୍ରୀ ପ୍ରଭାବିତ ହେଉଥିବା ସୂଚନା ମିଳିଛି । ଏପର୍ଯ୍ୟନ୍ତ ନୀୟମ ଅନୁଯାୟୀ କୌଣସି ଗୋଟିଏ ମଧ୍ୟ ବିସ୍ଥାପିତ କଲୋନୀରେ ସ୍କୁଲ କିମ୍ବା ଅଙ୍ଗନୱାଡି କେନ୍ଦ୍ର ଖୋଲିନଥିବା ଜଣାଯାଇଛି । ଛାତ୍ରଛାତ୍ରୀମାନେ ପାଠପଢାପାଇଁ ମାନସିକ ଚାପରେ ରହୁଛନ୍ତି । ତେଣୁ ବିସ୍ଥାପନ ଯୋଗୁଁ ଛାତ୍ରଛାତ୍ରୀଙ୍କ ମାନବିକ ଓ ଶିକ୍ଷାଅଧିକାର ହନନ ନହେଉ ବୋଲି ବିଭିନ୍ନ ମହଲରେ ଦାବି ହେଉଛି । ସୂଚନାଯୋଗ୍ୟ ଯେ,ଚଳିତବର୍ଷ ଠାରୁ ପ୍ରଶାସନ ଲୋୟରସୁକତେଲ ପ୍ରକଳ୍ପରେ ପ୍ରଥମକରି ଡେମରେ ପାଣି ଅଟକାଇଛି । ସେଥିପାଇଁ ପ୍ରଭାବିତ ଗ୍ରାମଗୁଡିକୁ ଖାଲି କରାଯାଉଛି। ସେହି ଗାଁମାନଙ୍କରୁ ଯୋରଜବରଦସ୍ତ ଲୋକଙ୍କୁ ଉଠାଇ ପୁନଃର୍ବାସ ଓ ଥଇଥାନ କେନ୍ଦ୍ରଗୁଡିକୁ ନିଆଯାଉଛି । କିନ୍ତୁ ପ୍ରଶାସନ ଲୋକଙ୍କୁ ବିସ୍ଥାପିତ କରି ଯେଉଁପ୍ରକାରେ ଥଇଥାନ କରିବା କଥା ତାହା କରାଉନାହିଁ ବୋଲି ଅଭିଯୋଗ ହୋଇଛି । ମୁଖ୍ୟତଃ ଏହି ଗାଁ ଗଣ୍ଡା ଛାଡି ବିସ୍ଥାପନ ହେବାର ଦୁଃଖଠୁ ବଳିଯାଉଛି ଛୋଟଛୋଟ ଶିଶୁଙ୍କ ଆଗାମୀ ଭବିଷ୍ୟତ ଚିନ୍ତା । ସବୁ ମାଆ ବାପା ତାଙ୍କର ପିଲାଙ୍କୁ ପାଠପଢାଇ ବଡଲୋକ କରିବାର ଆଶା ଥାଏ । କିନ୍ତୁ ଏବେ ଗାଁ ଘର ଛାଡି ବିସ୍ଥାପିତ କଲୋନୀରେ ଟିଣ ଛପରତଳେ ଯେଉଁ ଜୀବନ ଯିଉଁଛନ୍ତି ସେଥିରେ ପିଲାଙ୍କ ଭାଗ୍ୟ କେତେ ଗଢିବେ ତାହା ସନ୍ଦେହରେ ରହିଛନ୍ତି। ସ୍କୁଲରେ ପାଠପଢୁଥିବା ଛାତ୍ରଛାତ୍ରୀମାନଙ୍କ ପାଠପଢାରେ ଡୋରୀ ମଧ୍ୟ ବନ୍ଧା ହେବାର ଆଶଂକା ଦେଖାଦେଇଛି । ଏହି ପ୍ରକଳ୍ପରେ ୧୫ଗ୍ରାମ ସଂପୂର୍ଣ୍ଣ ବୁଡୁଛି । ସେହି ଗ୍ରାମମାନଙ୍କରେ କେଉଁଠି ୫ମ,କେଉଁଠି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ସ୍କୁଲ ଚାଲୁଥିଲା। ଖୁଂଟପାଲି ଓ ଗଡଶଙ୍କରଡୁଙ୍ଗୁରିପାଲିରେ ହାଇସ୍କୁଲ ରହିଥିଲା । ଏବେ ସେହି ସ୍କୁଲ ଉଠିଯାଇଥିବାରୁ ସେଠି ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ଅସୁବିଧାରେ ପଡିଛନ୍ତି। ଯେଉଁ ବିସ୍ଥାପିତ କଲୋନୀରେ ଏମାନଙ୍କୁ ଥଇଥାନ କରାଯାଇଛି ସେଠି ପଢିବାର ବ୍ୟବସ୍ଥା କରାଯାଇ ନାହିଁ । କଲୋନୀ ନିକଟସ୍ଥ ଗ୍ରାମମାନଙ୍କର ସ୍କୁଲରେ ପାଠ ପଢାଇବାକୁ କୁହାଯାଉଛି । ନୀୟମ ଅନୁଯାୟୀ ଲୋକଙ୍କୁ ବିସ୍ଥାପିତ କଲୋନୀକୁ ନିଆଯିବା ପୂର୍ବରୁ ସେଠାରେ ଅଙ୍ଗନୱାଡିକେନ୍ଦ୍ର,ସ୍କୁଲ ଇତ୍ୟାଦି ଖୋଲିବା କଥା । କିନ୍ତୁ କୌଣସି ଗୋଟିଏ ମଧ୍ୟ ବିସ୍ଥାପିତ କଲୋନୀରେ ସେଭଳି ବ୍ୟବସ୍ଥା କରାଯାଇନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଆଶା ଓ ଆଶଂକା ଭିତରେ ରହିଛନ୍ତି । ଏଭଳି ଏକ ପରିବାରକୁ ଆମେ ଭେଟିଥିଲୁ ଝାଙ୍କରପାଲି ବିସ୍ଥାପିତ କଲୋନୀରେ। ଗଡଶଙ୍କର ଡୁଙ୍ଗରିପାଲି ଗାଁର ୭୫୦ ବିସ୍ଥାପିତ ପରିବାରଙ୍କୁ ଝାଙ୍କରପାଲି ନୂତନ କଲୋନୀରେ ଯାଗା ଦିଆଯାଇଛି । ସେମାନଙ୍କ ମଧ୍ୟରେ ଶାନ୍ତନୁ ପଧାନ ହେଉଛନ୍ତି ଅନ୍ୟତମ ବିସ୍ଥାପିତ। ଶାନ୍ତନୁ ଓ ରଶ୍ମିତା ପଧାନଙ୍କ ଏକମାତ୍ର ଝିଅ ହେଉଛି ପୂଜା ପଧାନ(୬)। ଚଳିତବର୍ଷ ସେ ଗାଁ ସ୍କୁଲରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ମନସ୍ଥ କରିଥିଲା । କିନ୍ତୁ ଡେମରେ ପାଣି ଅଟକାଯାଇ ଗଡଶଙ୍କର ଡୁଙ୍ଗୁରିପାଲି ଗ୍ରାମବାସୀଙ୍କୁ ହଠାତ ଗାଁରୁ ତଡାଗଲା । ଶେଷରେ ଛୁଆପିଲା, ଘରର ଆସବାବପତ୍ର ଧରି ଶାନ୍ତନୁ ଝାଙ୍କରପାଲି କଲୋନୀରେ ଟିଣଛପର ଘରେ ରହିଛନ୍ତି। ଏକଝିଅକୁ ପାଠପଢାଇବାର ପ୍ରବଳ ଇଚ୍ଛା । ସେପଟେ ପୂଜାର ମଧ୍ୟ ପାଠପଢିବାକୁ ପ୍ରବଳ ଆଗ୍ରହ ରହିଛି । କିନ୍ତୁ କରିବେ କଣ । ଯେଉଁ ବିସ୍ଥାପିତ କଲୋନୀରେ ରହିଛନ୍ତି ତାହା କଙ୍ଗଲ ପାଖକୁ ଲାଗିରହିଛି। ତିନିକିଲୋମିଟର ଦୂର ଗଲେଯାଇ ଗାଁମାନେ ପଡେ। ସେହି ଗାଁମାନଙ୍କର ସ୍କୁଲରେ ଝିଅକୁ ପାଠ ପଢାଇବ। ଶାନ୍ତନୁଙ୍କୁ ପଚାରିବାରୁ ତାଙ୍କ ଝିଅ ପୂଜାର ପାଠ ପଢାପାଇଁ ସେ ୩କିମି ଦୂର ସିଆଲବାହାଲି ସ୍କୁଲରେ ଏଡମିସନ କରାଇଛନ୍ତି। କିନ୍ତୁ ସବୁଦିନ କିଭଳି ଏକ ଛଅବର୍ଷର କଅଁଳ ଛୁଆ ଏକ ଅଜଣା ଅଂଚଳରେ ଏକାକି ସ୍କୁଲ ଯିବ। ଶାନ୍ତନୁ ଓ ତାଙ୍କ ପତ୍ନୀ ରଶ୍ମିତା କୁଲି ମିସ୍ତ୍ରୀକାମ କରି ପରିବାର ଚଳାଇଥାନ୍ତି। ଏବେ ବିସ୍ଥାପିତ କଲୋନୀରେ ଘର ନିର୍ମାଣ କରୁଥିବାରୁ ଘରେ ରହି କାମ କରୁଛନ୍ତି।

## ଭକ୍ତ ଖୋଜୁଛନ୍ତି ଏମାର ମଠ: ଆଉ ନାହିଁ ଗହଳିଚହଳି

ପୁରୀ, ୨୨/୦୭ (ନି.ପ୍ର): ଭକ୍ତଙ୍କ ଗହଳି ଦେଖିଲେ ଭଗବାନ ଖୁସି ହୁଅନ୍ତି । ଧାର୍ମିକ ଧାମରେ ମନ୍ଦିର ପାଖରେ ମଠ ରହିବା ପରମ୍ପରା ରହିଛି । ମଠର ଭଜନ କୀର୍ତ୍ତନରେ ଭକ୍ତ ହଜିଯାଏ । ଏବେ ଶ୍ରୀମନ୍ଦିର ଚାରିପଟେ ଆଉ ଧାର୍ମିକ ମାହୋଲ ନାହିଁ । କେବଳ ଖୋଲା ତଡ଼ା ଆଉ ମାଟି ପଥର ଦେଖିବାକୁ ମିଳୁଛି । କିଛି କୃତିମ ଅଫଳନ୍ତି ଗଛ ପ୍ଲାଷ୍ଟିକ କୁଣ୍ଡରେ ଠିଆ ହୋଇଛି । କିଛି ଦକ୍ଷିଣ ଭାରତୀୟ ଭକ୍ତ ଦୁଇଦିନ ତଳେ ଏମାର ମଠ କୁଆଡ଼େ ଗଲା ଖୋଜୁଥିଲେ । ଭାରତର ଧନି ମଠ ଏବେ ମାଟିରେ ମିଶିଯାଇଛି । ସେହି ସ୍ଥାନରେ କେବଳ ପଥର ଓ ପାଚେରି ଦେଖିବାକୁ ମିଳୁଛି । ନଅଙ୍କ ଦୁର୍ଭିକ୍ଷ ସମୟରେ ହଜାର ହଜାର ଭୋକିଲା ଲୋକଙ୍କୁ ଖାଇବାକୁ ଦେଇ ମହାନ ଧର୍ମ ଅର୍ଜିଥିଲା ଏମାର ମଠ । ଅଯୋଧାରେ ନିର୍ମାଣୀ ମଠ ଉପରେ ମସଜିଦ ନିର୍ମାଣ ହୋଇଥିଲା । ସେହି ଯାଗାରେ କିଏ ଦଖଲ ଥିଲା ସେହି ସ୍ଥିତି ଦେଖି ମାନ୍ୟବର କୋର୍ଟ ମଠକୁ ଯାଗା ଦେବା ପାଇଁ ଆଦେଶ ଦେଇଥିଲେ । ଏମାର ମଠ ପୂର୍ବସ୍ଥିତ ଯେପରି ଥିଲା ସେହି ଡ଼ିଜାଇନ ଓ ସେହି କାରୁ କାର୍ଯ୍ୟ ସମ୍ପନ୍ନ ମଠ ନିର୍ମାଣ କେଉଁ ଠାରେ ହେବ ତାହା ଭକ୍ତ ଜାଣି ପାରୁନାହାନ୍ତି ।

# ଅଗଷ୍ଟକ୍ରାନ୍ତି ସମାବେଶ ପାଇଁ ଏଆଇଟିୟୁସି ନେତୃତ୍ୱରେ ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରେ କନଭେନସନ୍

ଜୟପୁର, ୨୨/୦୭ (ନି.ପ୍ର): ଅଗଷ୍ଟ କ୍ରାନ୍ତି ସମାବେଶର ସଫଳତା ପାଇଁ ଏଆଇଟିୟୁସି ତରଫରୁ ନବରଙ୍ଗପୁର ଓ ମାଲକାନଗିରି ଠାରେ କନଭେନସନ ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଟାଉନ୍ ହଲ୍ ଠାରେ ଏଆଇଟିୟୁସି ନେତୃତ୍ୱରେ ଅଗଷ୍ଟ କ୍ରାନ୍ତି ଦିବସ ଧାରଣା ସମାବେଶର ସଫଳତା ପାଇଁ ମିଳିତ କନଭେନସନ୍ ଶ୍ରମିକ ନେତା ସନାତନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତିଙ୍କ ପ୍ରସ୍ତାବ କ୍ରମେ ପ୍ରାରମ୍ଭରେ ବାହାନଗା ରେଳ ଦୁର୍ଘଟଣାରେ ଓ ମଣିପୁର ହିଂସା ଦଙ୍ଗାରେ ମୃତ୍ୟୁ ବରଣ କରିଥିବା ଶ୍ରମଜୀବୀ ମଣିଷଙ୍କ ସ୍ମୃତିରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହି କନଭେନସନ୍ କୁ ସମ୍ବୋଧିତ କରି ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା କହିଛନ୍ତି ଯେ, ୨୦୧୪ ପୂର୍ବରୁ ନରେନ୍ଦ୍ର ମୋଦି ଆଛେ ଦିନ ର ସୁନେଲି ସ୍ୱପ୍ନ ଦେଖାଇ ଶାସନ କ୍ଷମତା ଅକ୍ତିଆର କରିବା ପରେ ଦେଶର ସାଧାରଣ ଲୋକଙ୍କ ସମସ୍ୟା ଅତି ଉତ୍କଟ ହୋଇଛି। ଦରଦାମ୍ ଆକାଶଛୁଆଁ ହୋଇଛି। ବେକାରୀ ସମସ୍ୟା ସର୍ବାଧିକ ବଢ଼ିଛି। ମଜୁରୀ ହାର କମିଛି । ସମସ୍ତ ସରକାରୀ ଉଦ୍ୟୋଗ ବ୍ୟାଙ୍କ ଏଲ୍ ଆଇ ସି, ଖଣି ଖାଦାନ ଆଦାନୀ ଅମ୍ବାନୀ ଭଳି ପୁଞ୍ଜିପତି ମାନଙ୍କୁ ସମର୍ପି ଦେଇ ସେମାନଙ୍କୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇବାରେ ସହାୟକ ହେଉଛି ମୋଦୀ ସରକାର । ଦେଶର ଲୋକଙ୍କ ଉପରେ ଟିକସ ବୋଝ ଲଦି ଚାଲିଛି । ଆନ୍ତର୍ଜାତୀକ ବଜାରରେ ଅଶୋଧିତ ତୈଳଦର ଯଥେଷ୍ଟ ହ୍ରାସ ପାଇଥିଲେ ମଧ୍ୟ ପେଟ୍ରୋଲ ଡିଜେଲ ରନ୍ଧନ୍ ଗ୍ୟାସ ଦର ଯଥେଷ୍ଟ ଅଧିକ ବୃଦ୍ଧି ପାଇଛି । ଲୋକେ ବଂଚିବା, ପିଲା ଛୁଆଙ୍କର ଶିକ୍ଷା ସ୍ୱାସ୍ଥ୍ୟ ଆର୍ଥିକ ଦୁର୍ଗତିର ଶୀକାର ହେଉଛନ୍ତି । ବହୁ ଦିନରୁ ଦାବି ହେଉଛି ଅଙ୍ଗନବାଡ଼ି, ଆଶା, ପାଚିକା, ସିଆରସି, ମିଶନ କର୍ମୀ, ସ୍ୱାସ୍ଥ୍ୟ କର୍ମୀ, ବ୍ୟାଙ୍କ ମିତ୍ର, ସରକାରୀ ଦପ୍ତରରେ କାମ କରୁଥିବା ଲୋକଙ୍କୁ ଶ୍ରମିକ ମାନ୍ୟତା ଦେଇ ସେମାନଙ୍କୁ ସାମାଜିକ ସୁରକ୍ଷା ଯୋଜନା ଯଥା ପିଏଫ୍, ଇଏସ୍ଆଇ ସୁବିଧା ଦେବା ପାଇଁ ଦାବିକୁ ଅଣଦେଖା କରୁଛନ୍ତି ରାଜ୍ୟ ଓ କେନ୍ଦ୍ର ସରକାର । ସାଧାରଣ ଲୋକ ବଂଚିବା ପାଇଁ କାମ ଆଉ କାମ ପାଇଁ ମଜୁରୀ ଦାବି ପାଇଁ ଲଗାତାର ଆନ୍ଦୋଳନ ଚାଲିଛି, ଏସବୁଥିରୁ ଜନଗଣଙ୍କ ଦୃଷ୍ଟି ହଟାଇବା ପାଇଁ ଆର୍ ଏସ୍ ଏସ୍ ନିର୍ଦ୍ଦେଶନାରେ ବିଜେପି ସାମ୍ପ୍ରଦାୟିକ ବିଭେଦ ସୃଷ୍ଟି କରି ଚାଲିଛି, ଯାହାର ପରିଣାମ ହେଉଛି ମଣିପୁର ହିଂସା ଦଙ୍ଗା ଯେଉଁଥିପାଇଁ କି ଦେଶ ବିଶ୍ୱ ଦରବାରରେ ଲଜ୍ଜିତ ହୋଇଛି । ଯେଉଁ ମାନେ ମୋଦୀ ସରକାର ବିରୁଦ୍ଧରେ ସ୍ୱର ଉତୋଳନ କରୁଛନ୍ତି ସେମାନଙ୍କୁ ଇଡି, ସିବିଆଇ, ଆଇଟି ପରି ସାମ୍ୱିଧାନିକ ସଂସ୍ଥାର ଦୂରୁପଯୋଗ କରି ଗିରଫ କରାଯାଉଛି । ଏଣୁ ଦେଶର ସମ୍ବିଧାନ ଓ ଜନସାଧାରଣଙ୍କ ଜୀବନ ଜୀବିକାର ସୁରକ୍ଷା ପାଇଁ ପୁଣି ଥରେ ଅଗଷ୍ଟ କ୍ରାନ୍ତି ବିପ୍ଳବ ପରି ଜନଗଣଙ୍କ ଆନ୍ଦୋଳନ ସୃଷ୍ଟି କରି ମୋଦୀଙ୍କ ନେତୃତ୍ୱରେ ବିଜେପିକୁ ଶାସନରୁ ହଟେଇବା ପାଇଁ ଆହ୍ୱାନ ଦେଇଥିଲେ । ଯେଭଳି ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଦେଶରୁ ସାମ୍ରାଜ୍ୟବାଦୀ ବ୍ରିଟିଶ ଶାସନକୁ ହଟେଇବା ପାଇଁ ଭାରତ ଛାଡ ଆନ୍ଦୋଳନର ଡାକରା ଦିଆଯାଇଥିଲା ଆଜି ପୁଣି ଏକ ଆନ୍ଦୋଳନର ଆବଶ୍ୟକତା ଜରୁରୀ ହୋଇ ପଡ଼ିଛି । ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ପ୍ରମୋଦ କୁମାର ମହାନ୍ତି, ଯଦୁନାଥ ଗୌଡ଼ , ମମତା ଡାକୁଆ , ରାଜମୋହନ ମେହେର୍ତ୍ତ, ଆଶିଷ ସାହୁ ସରସ୍ୱତୀ ନାୟକ, କମଳା ମାଝୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେହିପରି ମାଲକାନଗିରି ଟାଉନ୍ ହଲ୍ ଠାରେ ଏଆଇଟିୟୁସି ନେତୃତ୍ୱରେ ଏକ ଶ୍ରମିକ ନେତା ଶ୍ରୀ ଦୁର୍ଗା ମହାନନ୍ଦିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ବାହାନଗା ରେଳ ଦୁର୍ଘଟଣାରେ ଓ ମଣିପୁର ହିଂସାରେ ନିହତ ଶ୍ରମଜୀବୀ ମଣିଷ ମାନଙ୍କ ସ୍ମୃତିରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଏହା ସଭାକୁ ସମ୍ବୋଧିତ କରି କହିଥିଲେ ଯେ, ୨୦୧୪ ରେ ଆଛେ ଦିନର ସୁନେଲି ସ୍ୱପ୍ନ ଦେଖେଇ ମୋଦୀ ସରକାର ଦିଲ୍ଲୀ ଗାଦୀ ଦଖଲ କଲାପରେ ଆର୍ ଏସ୍ ଏସ୍ ର ଏଜେଣ୍ଡା କାର୍ଯ୍ୟକାରୀ କରିବା ଓ ଆଦାନୀ ଅମ୍ବାନୀ ଭଳି କତିପୟ ପୁଞ୍ଜିପତିଙ୍କର ଆଚ୍ଛାଦିନ ଆଣି ସମଗ୍ର ଦେଶ ଓ ଶ୍ରମଜୀବୀ ମଣିଷକୁ ଗଭୀର ସଙ୍କଟ ମଧ୍ୟକୁ ଠେଲି ଦେଇଛି । ଦରଦାମ୍ ହୁ ହୁ ହୋଇ ବଢୁଛି, ସେହିପରି ବେକାରୀ ହାର ଗତ ସତୁରୀ ବର୍ଷରେ ସର୍ବାଧିକ ହୋଇଛି । ସମାଜର ସବୁଠୁ ତଳ ସ୍ତରର କର୍ମଚାରୀ ଯଥା ଅଙ୍ଗନବାଡ଼ି, ଆଶା, ପାଚିକା, ବିଭିନ୍ନ ସ୍କିମ୍ ଶ୍ରମିକ, ସରକାରୀ ବିଭାଗରେ କାମ କରୁଥିବା ଗାଁ ସାଥି, ସିଆରସି, ବ୍ୟାଙ୍କ ମିତ୍ର ଇତ୍ୟାଦିଙ୍କ ଠାରୁ ନାମକୁ ମାତ୍ର ପାଉଣା ଦେଇ ସବୁଠୁ ଅଧିକ କାମ ଆଦାୟ କରୁଛି । ସେମାନଙ୍କୁ ଶ୍ରମିକ ମାନ୍ୟତା ଦେଇ ସର୍ବନିମ୍ନ ମଜୁରୀ ପାରିଧିକୁ ଆଣି ସାମାଜିକ ସୁରକ୍ଷା ଯଥା ପି ଏଫ୍ , ଇଏସ୍ଆଇ ସୁବିଧା ଦେବା ପାଇଁ ଏଆଇଟିୟୁସି ନେତୃତ୍ୱରେ ଲଗାତାର ଆନ୍ଦୋଳନ ଚାଲିଛି । ସାଧାରଣ ଲୋକ ଖାଦ୍ୟ ବସ୍ତ୍ର ବାସଗୃହ ଶିକ୍ଷା ସ୍ୱାସ୍ଥ୍ୟର ଆବଶ୍ୟକତା ମେଂଟାଇବା ପାଇଁ ଉତ୍କଟ ଆର୍ଥିକ ଅଭାବର ସାମ୍ନା କରୁଛି କାରଣ ରୋଜଗାର ବଢୁ ନାହିଁ । ଏସବୁଥିରୁ ନଜର ହଟେଇବା ପାଇଁ ଆରଏସଏସ୍ ନେତୃତ୍ୱରେ ବିଜେପି ଓ ତାର ଅନ୍ୟ ସଂଗଠନ ମାନେ ସାମ୍ପ୍ରଦାୟିକ ବିଷ ମଞ୍ଜି ବୁଣି ଚାଲିଛନ୍ତି । ତାର ପରିଣତି ହେଉଛି ଆଜି ମଣିପୁର ହିଂସା ଦଙ୍ଗା ଏବଂ ଏ ଦେଶର ପ୍ରଧାନମନ୍ତ୍ରୀ ୭୯ ଦିନ ପରେ ମହିଳା ମାନଙ୍କ ବିଭତ୍ସ ଭିଡ଼ିଓ ଦେଖିବା ପରେ ଦୁଃଖ ପ୍ରକାଶ କରୁଛନ୍ତି, ଯେତେବେଳେ କି ଗୋଟିଏ କ୍ରିକେଟ ଖେଳାଳିର ଆଙ୍ଗୁଠି ମାଡ଼ ହେଲେ ମୋଦୀଜୀ ଟୁଇଟ୍ କରୁଥିଲେ । ଏଭଳି ଅବସ୍ଥାରେ ଏ ଦେଶ ଉତ୍କଟ ପରିସ୍ଥିତିରେ ରହିଛି।

## ଓଷ୍ଟା ପକ୍ଷରୁ ଜିଲ୍ଲାସ୍ତରୀୟ ସମାବେଶ

ସମ୍ବଲପୁର, ୨୨/୦୭ (ନି.ପ୍ର): ଶନିବାର ଅପରାହ୍ନରେ ସ୍ଥାନୀୟ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ସମ୍ବଲପୁର ଜିଲ୍ଲାର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀମାନଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି କୂଳଧର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଜିଲ୍ଲା ଦାୟିତ୍ୱରେ ଥିବା ରାଜ୍ୟ ପର୍ଯ୍ୟବେକ୍ଷକ ଶିକ୍ଷା ପ୍ରଦୀପର ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ବିଭିନ୍ନ ସମସ୍ୟାକୁ ନେଇ ଓଷ୍ଟା ପକ୍ଷରୁ ହେବାକୁ ଥିବା ଆନ୍ଦୋଳନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଆଗାମୀ ଅଗଷ୍ଟ ୯ ତାରିଖରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ତଥା ମୁଖ୍ୟଶାସନ ସଚିବଙ୍କୁ ବିଭିନ୍ନ ସମସ୍ୟା ସମ୍ବଳିତ ଦାବିପତ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ପ୍ରଦାନ କରାଯିବ। ଅଗଷ୍ଟ ୧୬ ତାରିଖ ଦିନ ଭୁବନେଶ୍ୱର ଠାରେ ଦାବି ଦିବସ ପାଳନ ଅବସରରେ ଏକ ବିଶାଳ ସମାବେଶ ହେବ। ଏହାକୁ ବ୍ୟାପକ କରିବା ପାଇଁ ଅହୋରାତ୍ର ଗଣଧାରଣା ଦିଆଯିବାକୁ ନିଷ୍ପତି ନିଆଯାଇଛି। ପ୍ରମୁଖ ଦାବି ଗୁଡ଼ିକ ମଧ୍ୟରେ ଯୋଗ୍ୟ ୧୯୪ ଉଚ୍ଚ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକୁ ଚାକିରୀ ସର୍ତ୍ତାବଳୀ ସହ ପେନସନ୍ ପ୍ରଦାନ, ୨୨୬ ଓ ୩୯୯ ବର୍ଗର ବିଦ୍ୟାଳୟଗୁଡ଼ିକୁ ସପ୍ତମ ବେତନ ପରିସରଭୁକ୍ତ, ପୂର୍ଣ୍ଣ ଅନୁଦାନପ୍ରାପ୍ତ ୬୦୮ ବିଦ୍ୟାଳୟକୁ ସରକାରୀ କରଣ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୨୮୦୦ ଗ୍ରେଡ୍ ପେ ପାଉଥିବା ହିନ୍ଦୀ, ସଂସ୍କୃତ ଓ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କ ଦରମାଗତ ଅସଂଗତି ଦୂର ଓ ସମାନ ଇନକ୍ରିମେଣ୍ଟ୍ ପ୍ରଦାନ, ହାଇସ୍କୁଲରେ କାର୍ଯ୍ୟରତ ଅଫିସ୍ ସହକାରୀମାନଙ୍କୁ ବର୍ଦ୍ଧିତ ଗ୍ରେଡ୍ ପେ ପ୍ରଦାନ, ଏନ୍ ପି ଏସ୍ ବଦଳରେ ପୁରୁଣା ପେନସନ୍ ବ୍ୟବସ୍ଥା, ୧୧୦ଟି ବାଳିକା ବିଦ୍ୟାଳୟର ସମସ୍ୟା ସମାଧାନ ସହ ନ୍ୟାୟ ପ୍ରଦାନ, ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅଫିସ୍ ସହକାରୀ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନିଯୁକ୍ତି, ତୃତୀୟ ଭାଷାରୁ ଭୋକେସନାଲ ଏଡୁକେସନକୁ ଅଲଗା କରି ସ୍ୱତନ୍ତ୍ର ବିଷୟ କରାଯିବା, ୫ଟି ରୂପାନ୍ତରିତ ବିଦ୍ୟାଳୟ ମାନଙ୍କରେ ବିଜ୍ଞାନାଗାର ସହାୟକ ଓ ପାଠାଗାର ସହାୟକ ନିଯୁକ୍ତି ଓ ଚାକିରି ବୟସ ସୀମା ୬୨ ବର୍ଷକୁ ବୃଦ୍ଧି ଆଦି ଦାବି ଦର୍ଶାଯାଇଛି।

# ନବନିଯୁକ୍ତ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀଙ୍କ ୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ନବନିଯୁକ୍ତ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀଙ୍କ ପାଂଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ସମାହିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜୁଲାଇ ୧୭ ତାରିଖରେ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ୧୭ ଜଣ ନବନିଯୁକ୍ତ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଯୋଗଦେଇଥିଲେ ।

ସମାପନୀ ଉତ୍ସବରେ ଉଦ୍‌ବୋଧନ ଦେଇ ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ କହିଲେ ଯେ ସୂଚନା ଅଧିକାରୀମାନେ ହେଉଛନ୍ତି ସରକାର ଓ ଜନସାଧାରଣଙ୍କ ମଧ୍ୟରେ ପ୍ରମୁଖ ସେତୁ । ରାଜ୍ୟ ସରକାରଙ୍କ ଯୋଜନା, କଲ୍ୟାଣକାରୀ କାର୍ଯ୍ୟକ୍ରମ, ସଫଳ କାହାଣୀଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ଦିଗରେ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି । ସମସ୍ତ ବିକାଶମୂଳକ କାର୍ଯ୍ୟକ୍ରମଗୁଡ଼ିକ ସଂପର୍କରେ ସମ୍ୟକ ସୂଚନା ଏହି ଅଧିକାରୀମାନେ ମୁଦ୍ରିତ ଓ ଇଲେକ୍‌ଟ୍ରୋନିକ୍ସ ଗଣମାଧ୍ୟମଗୁଡ଼ିକୁ ପ୍ରେରଣ କରିଥାନ୍ତି । ତେଣୁ ସେମାନଙ୍କ ନଖ ଦର୍ପଣରେ ସମସ୍ତ ତଥ୍ୟ ରହିବା ଜରୁରୀ । ମୁଖ୍ୟମନ୍ତ୍ରୀଙ୍କ ୫-'ଟି' ମନ୍ତ୍ର ଓ 'ମୋ ସରକାର' କାର୍ଯ୍ୟକ୍ରମକୁ ଅଧିକରୁ ଅଧିକ ଗୁରୁତ୍ୱ ଦେଇ ନିଜର କର୍ମକ୍ଷେତ୍ରରେ ଏଗୁଡ଼ିକୁ ସଫଳତାର ସହ ପ୍ରୟୋଗ କରିବା, ନୂତନ ଜ୍ଞାନକୌଶଳରେ ପ୍ରଶିକ୍ଷିତ ହୋଇ ସୋସିଆଲ୍ ମିଡିଆର ସମୁଚିତ ଉପଯୋଗ ଦ୍ୱାରା ବିକାଶମୂଳକ କାର୍ଯ୍ୟର ପ୍ରଚାର ଓ ପ୍ରସାର ଶୈଳୀର ଆଧୁନିକୀକରଣ କରିବା ଏବଂ ନିଜ ଦକ୍ଷତା ବଳରେ ଜିଲ୍ଲାସ୍ତରର ଅଧିକାରୀମାନଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିବାକୁ ନିର୍ଦ୍ଦେଶକ ଶ୍ରୀ ସାମଲ ଆହ୍ୱାନ ଦେଇଥିଲେ ।

ପ୍ରଶିକ୍ଷଣର ତୃତୀୟ ଦିବସରେ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ରାଜକୁମାର ଶର୍ମା। ସୂଚନା ଓ ଲୋକସଂପର୍କ ଅଧିକାରୀମାନେ ନିଜକୁ ଦକ୍ଷ, ଶୃଙ୍ଖଳିତ, ବିଶ୍ୱସନୀୟ ଅଧିକାରୀ ଭାବେ ଗଢ଼ିତୋଳି ବିଭାଗୀୟ ମନ୍ତ୍ରୀ, ସଚିବ, ଜିଲ୍ଲାପାଳ ଓ ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ପରାମର୍ଶ ଦେଇଥିଲେ। ଗୋପବନ୍ଧୁ ଏକାଡେମୀର ଉପନିର୍ଦ୍ଦେଶକ ଡ. ପ୍ରତାପ କୁମାର ମିଶ୍ର ନବନିଯୁକ୍ତ ଉପଖଣ୍ଡସ୍ତରୀୟ ସୂଚନା ଅଧିକାରୀମାନଙ୍କଠାରୁ ପ୍ରଶିକ୍ଷଣ ଓ ଗୋପବନ୍ଧୁ ଏକାଡେମୀ ସଂପର୍କିତ ମତାମତ ଗ୍ରହଣ କରିବା ସହ ଅଧିକାରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏଠାରେ ପ୍ରକାଶଯୋଗ୍ୟ ଯେ ଅଭିଷେକ ବେହେରା, ଢେଙ୍କାନାଳ, ଅବିନାଶ ପାଣି, ଉଦଳା, ଐଶ୍ୱର୍ଯ୍ୟା ସାମନ୍ତ, ବାଲେଶ୍ୱର, ଅମ୍ଳାନ ଦାସ, ବାଙ୍କୀ, କେ. ଶ୍ରବଣ କୁମାର, ଅନୁଗୋଳ, ପ୍ରହ୍ଲାଦ କାଶଲା, ବାଲିଗୁଡ଼ା, ପ୍ରତିଚୀ ତନୟା ମହାନ୍ତି, ଜଗତସିଂହପୁର, ସଂଯୁକ୍ତା କୁଲୁ, ସମ୍ବଲପୁର, ସାର୍ଥକ ଅଭିନନ୍ଦନ ରାୟ, ଚମ୍ପୁଆ, ସ୍ୱାଗତିକା ବେହେରା, କଟକ, ସରୋଜ କୁମାର ସାହୁ, ବଲାଙ୍ଗିର, ଆଲୋକ କୁମାର ମହାନ୍ତି, କେନ୍ଦ୍ରାପଡ଼ା, ସ୍ୱାତିସ୍ନିଗ୍ଧା ସୁଆର, ସୁଶ୍ରୀସଂଗୀତା ମହାରଣା, ରୋଜାଲିନ୍ ସାହୁ ଓ ତନୁଜା ମହାନ୍ତି, ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ପ୍ରମୁଖ ୧୭ ଜଣ ନବନିଯୁକ୍ତ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

# ସମାଜ ଓ ବଲାଣି ଖଣି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବଲାଣି, ୨୨/୦୭ (ନି.ପ୍ର): ଦୈନିକ ଖବର କାଗଜ ''ସମାଜ''ର ପ୍ରତିଷ୍ଠାତା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୫ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସମାଜ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ପରିପ୍ରେକ୍ଷୀରେ ''ସମାଜ'' ଓ ରାଷ୍ଟ୍ରାୟତ ଉଦ୍ୟୋଗ ସେଲ୍ ର ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ବଲାଣି ଲୌହ ଖଣିର ପରିବେଶ ଓ ଭୂମି ବିଭାଗର ମିଳିତ ଆନୁକୂଲ୍ୟରେ ବଲାଣି ଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟିତ କରିଥିଲେ । ଏହି ଅବସରରେ ଶ୍ରୀ ଚଟ୍ଟୋପାଧ୍ୟାୟ ଦୈନିକ ଖବର କାଗଜ ''ସମାଜ'' ପକ୍ଷରୁ ପରିବେଶୀୟ ସମ୍ବନ୍ଧୀୟ ଏପରି ଅଭିଯାନକୁ ପ୍ରଶଂସା କରିଥିଲେ । ଏହା ବ୍ୟତୀତ ବଲାଣି ଖଣି ପକ୍ଷରୁ ଖଣି ପଟ୍ଟା ଭୁକ୍ତ ଅଂଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ବଲାଣି ପଂଚାୟତ ଓ ବାଲାଗୋଡ଼ା ପଂଚାୟତର ବିଭିନ୍ନ ସ୍ଥାନରେ ଉଭୟ ସରପଂଚଙ୍କ ସହଯୋଗରେ ବିଭିନ୍ନ ଫଳ ଉଦ୍ୟାନ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ । ପରିବେଶ ଓ ଭୂମି ବିଭାଗର ମହାପ୍ରବନ୍ଧକ ରାଧାକାନ୍ତ ଜେନା ବନ ମହୋତ୍ସବର ଉପକାରିତା ଓ ଏହାର ଆବଶ୍ୟକତା ସମ୍ବନ୍ଧରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବଲାଣି ଖଣିର ମହାପ୍ରବନ୍ଧକ ପ୍ଲାଂଟର ବୁଦ୍ଧଦେବ ନାଏକ, ସମରେନ୍ଦ୍ର ପଟ୍ଟନାୟକ, ବଲାଣି ଥାନାର ଥାନା ଅଧିକାରୀ ବିଦେଶୀ ବାଘ, ବଲାଣି ପଂଚାୟତର ସରପଂଚ ମୁଗା ମୁଣ୍ଡା, ବାଲାଗୋଡ଼ା ପଂଚାୟତ ର ସରପଂଚ ଗୌରୀ ଖୁଂଟିଆ, ବରିଷ୍ଠ ନାଗରିକ ତଥା ବସୁନ୍ଧରା ସ୍ୱେଚ୍ଛାସେବୀ ସଂଗଠନର ନିର୍ଦ୍ଦେଶକ ବିବେକାନନ୍ଦ ନନ୍ଦ, ଅବସରପ୍ରାପ୍ତ ଶିକ୍ଷକ କମଳଲୋଚନ ମହାନ୍ତି, ବଲାଣି ବଜାର କମିଟିର ସଭାପତି ଶ୍ରୀନିବାସ ପଣ୍ଡା ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଉପସ୍ଥିତ ଅତିଥି ବୃନ୍ଦ ୩୦ ରୁ ଉର୍ଦ୍ଧ୍ୱ ଫଳ ଜାତୀୟ ବୃକ୍ଷ ରୋପଣ କରିଥିଲେ । ପରିବେଶ ଓ ଭୂମି ବିଭାଗର ବରିଷ୍ଠ ଅଧିକାରୀ ଏସ୍ ରମେଶ, ତାପସ ସାହୁ, କର୍ମଚାରୀ ମାନସ ସେନାପତି , ବଲାଣି ବିକାଶ ପରିଷଦର ସଦସ୍ୟ ଅଜୟ ମହାନ୍ତି, ରୂପକ କୁମାର ଦାସ, ସିବାଶିଷ୍ ପଣ୍ଡା ବ୍ୟତୀତ ପରିବେଶ ଓ ଭୂମି ବିଭାଗର ୨୦ରୁ ଉର୍ଦ୍ଧ୍ୱ ଠିକା କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

ରବିବାର, ୨୩ ଜୁଲାଇ ୨୦୨୩

email :
rabibarachayan2015@gmail.com




## ଧାରାବାହିକ ଉପନ୍ୟାସ




# ବୈଦେହୀ

ଡ.ଭାଗବତ ବେହେରା

ଭାଗ-୧୨

(ପୂର୍ବ ପ୍ରକାଶିତ ଉତ୍ତାରୁ...)



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

॥ ଛରି ॥

ଗୃହ ମଧ୍ୟରେ ଏକାକୀ ପ୍ରଦୀପଟିଏ ଜାଳି ବସି ରହିଥିଲି ମୁଁ । କାହିଁକି କେଜାଣି ମୋ ବେନି ନୟନରୁ ଧାରଧାର ହୋଇ ଅଶ୍ରୁ ଝରି ପଡୁଥାଏ । ମୋର ସେହି ଅଶ୍ରୁସିକ୍ତ ନୟନରେ ଭାସି ଉଠୁଥାଏ ସେହି ପ୍ରେମମୟ ପୁରୁଷଙ୍କ ପ୍ରତିଚ୍ଛବି । ଆହା, ସତରେ କେତେ ସୁନ୍ଦର ସେ । ଶ୍ୟାମ ଦୁର୍ବାଦଳକୁ ଜିଣି ତାଙ୍କ ତନୁକାନ୍ତି । ମୁଖରେ କୋଟି ଚନ୍ଦ୍ରର ଆଭା । ଚକ୍ଷୁଦୁଇଟି ଢଳଢଳ ନୀଳପଦ୍ମକୁ ନିନ୍ଦା କରୁଛି । ଅଧରରୁ ତାଙ୍କର ଝରି ପଡୁଥାଏ ମଲ୍ଲୀ, ମାଧବୀ ସଦୃଶ ସ୍ମିତହସର ଝରଣା । ଚନ୍ଦନ ଚର୍ଚ୍ଚିତ କପାଳ । ମସ୍ତକର ସୁନ୍ଦର କୁଞ୍ଚିତ କେଶ ରାଜି । ଆଜାନୁଲମ୍ବିତ ଭୁଜ । ବକ୍ଷରେ ସୁଶୋଭିତ ହୀରାଲୀଳା ଖଚିତ ମୋତିହାର । କଟି ତଟରେ ପୀତବସନ । ପାଦ ତଳ ବାଳ ଅରୁଣର କାନ୍ତିକୁ ନିନ୍ଦା କରୁଛି । ଏପରି ସୁନ୍ଦର, କମନୀୟ, ନମନୀୟ, ଶାନ୍ତ, ସୌମ୍ୟ ପୁରୁଷକୁ ଏ ଆଖି କେବେ ଆଗରୁ ଦେଖିନଥିଲା । ତାଙ୍କ ସମ୍ବନ୍ଧରେ ଉର୍ମିଳା, ମାଣ୍ଡବୀ ଯାହା କହୁଥିଲେ ସେ କୁଆଡ଼େ ରାଜା ଦଶରଥଙ୍କ ଜ୍ୟେଷ୍ଠପୁତ୍ର । ନାମ ତାଙ୍କ ରାମ । କି ସୁନ୍ଦର ନାମ, ତାଙ୍କ ରୂପ, ତାଙ୍କ ହସ । ଦର୍ଶନ ମାତ୍ରକେ ମୋ ନେତ୍ର ତାଙ୍କର ସେହି ଉର୍ବଶୀ ମନ ଜିଣାରୂପକୁ ବାନ୍ଧି ରଖିଛି । କାଲି ରାଜଦାଣ୍ଡରେ ଯାତ୍ରାକାଳରେ ମାତ୍ର କେଇ ମୁହୂର୍ତ୍ତ ତାଙ୍କ ସହିତ ଦେଖା । ତାଙ୍କ ଚକ୍ଷୁ ସହିତ ମୋ ଚକ୍ଷୁ ମିଶି ଏକାକାର ହୋଇ ଯାଇଥିଲା । ମୁଁ ନେତ୍ର ଫେରାଇ ପାରିନଥିଲି ତାଙ୍କ ନେତ୍ରରୁ । ଛରିନେତ୍ର ମିଶି ଏକ ହୋଇ ଯାଇଥିଲା । କିଛି ସମୟ ପରେ ସେ ରାଜଦାଣ୍ଡରେ ଛଳି ଯାଇଥିଲେ । ତାଙ୍କର ସେ ରୂପର କାନ୍ତି, ତାଙ୍କ ମୁଖର ଦରବିକଶିତ କୁମୁଦ ଜିଣା ହସ, ନୟନର କଟାକ୍ଷ ମୋତେ ବିବଶ କରିଦେଇଛି । ସେହି ମୁହୂର୍ତ୍ତରେ ମୁଁ ତାଙ୍କୁ ପତିପଦରେ ବରଣ କରିସାରିଛି । ଆଜି ପୁଣି ପ୍ରଭାତରେ ତାଙ୍କ ସହିତ ଦେଖା । ବିଧାତା ମୋ ଭାଗ୍ୟରେ କ'ଣ ଲେଖିଛି ତାହା ମୁଁ ଜାଣେନା । ସେ ଯଦି ଶିବଧନୁ ଭାଂଗନ୍ତି, ତେବେ ସୀତା ତାଙ୍କର ଦାସୀ ହୋଇ ମୃତ୍ୟୁ ପର୍ଯ୍ୟନ୍ତ ରହିବ । ଯଦି ବିଫଳ ହୁଅନ୍ତି ତାହେଲେ ଆଜି ହିଁ ସୀତା ଯମାଳୟ ଦର୍ଶନ କରିବ । ମାତା ପାର୍ବତୀଙ୍କୁ ସେହି କଥା ହିଁ ମୁଁ ଜଣାଇ ଆସିଛି । ସ୍ୱୟମ୍ବର ପୂର୍ବରୁ ତାଙ୍କରି ପାଇଁ ଗୃହକୋଣରେ ଏ ଅଖଣ୍ଡ ଦୀପ । ତୁଣ୍ଡରେ ତାଙ୍କରି ନାମ । ନୟନରେ ତାଙ୍କ ରୂପ । ହୃଦୟରେ ତାଙ୍କ ଛବି । ଜନକ କନ୍ୟାର ତନୁମନ ପ୍ରାଣ ସବୁଥିରେ ସେ ବସି ଯାଇଥିଲେ ସୁଧାମୟୀ । ଶତଚେଷ୍ଟା କରି ମଧ ମୁଁ ତାଙ୍କୁ ମୋ ମନମନ୍ଦିରରୁ ଦୂରେଇ ଦେଇ ପାରୁନଥିଲି ।

ଦେବୀ ମୈଥିଳୀଙ୍କ ମୁଖରୁ ଏପରି କଥା ଶୁଣି ପ୍ରୀତିଦା କହିଥିଲା, ଦେବୀ ବିଧାତା ତାଙ୍କପାଇଁ ଆପଣଙ୍କୁ ସୃଷ୍ଟି କରିଛି ଯେତେବେଳେ ଆପଣ ତାଙ୍କୁ ପାସୋରି ପାରନ୍ତେ କେମିତି । ଏହାପରେ କ'ଣ ହେଲା ଆମକୁ ଖୋଲି କୁହନ୍ତୁ । ଆପଣଙ୍କ ଜୀବନର ଏ ଦରଦଭରା କାହାଣୀ ଶୁଣି ଆମେ ନିଜକୁ ଧନ୍ୟ କରିନେବୁ ।

ହରଗୌରୀ ମନ୍ଦିରରୁ ଫେରି ଗୃହକୋଣରେ ଅଖଣ୍ଡ ଦୀପଟିଏ ଜାଳି ଦେଇ ଶିବପାର୍ବତୀଙ୍କୁ ତାଙ୍କୁ ଭିକ୍ଷା ମାଗୁଥିବାବେଳେ ମୋର ତିନି ସାନଭଉଣୀ ହସିହସି ଘର ମଧ୍ୟକୁ ପଶି ଆସି କହିଥିଲେ, "ଆଲୋ ଅପା ! ତୁ ଏଠାରେ କ'ଣ କରୁଛୁ ? ତେଣେ ତୋ ପାଇଁ ସୌନ୍ଦର୍ଯ୍ୟର ହାଟ ବସିଗଲାଣି । ବାପା ତ ତୋ ପାଇଁ ମିଥିଳା ପୁରୀକୁ ସୁବର୍ଣ୍ଣ ପୁରୀର ରୂପ ଦେଇଛନ୍ତି । ଆଜି ଯିଏ ମିଥିଳାକୁ ଦେଖିବ ସେ ବିଶ୍ୱାସ କରିପାରିବ ନାହିଁ ଏହା ମିଥିଳା ଏକ ରାଜବାଟୀ ନାଁ ଇନ୍ଦ୍ରପୁରୀ । ତୋ ସ୍ୱୟମ୍ବର ପାଇଁ ଅନେକ ରାଜା, ରାଜପୁତ୍ର ସବୁ ନିମନ୍ତ୍ରିତ ହୋଇ ଆସିଛନ୍ତି । ସେମାନଙ୍କୁ ଚମକାଇ ଦେବାପାଇଁ ମିଥିଳା ରାଜବାଟୀକୁ ସୁନା, ରୁପା, ହୀରା, ଲୀଳା, ମୋତି, ମାଣିକ୍ୟରେ ସଜାଇ ଦିଆଯାଇଛି । ସ୍ଥାନେସ୍ଥାନେ ସୁବର୍ଣ୍ଣ ତୋରଣ ସ୍ଥାପି ରମ୍ଭାବୃକ୍ଷ ସହିତ ସୁବର୍ଣ୍ଣ କଳସ ବସାଯାଇ ଶୁଭାଗମନର ସଂକେତ ଦିଆଯାଇଛି । ରାଶିରାଶି ଫୁଲ ସବୁ ବିଛେଇ ହୋଇ ପଡ଼ିଛି ମିଥିଳାର ରାଜଦାଣ୍ଡରେ । କର୍ପୂର, ଚନ୍ଦନର ଛେରା ତହିଁ ଉପରେ ବିଛେଇ ହୋଇ ପଡ଼ିଛି । ପରିଚାରିକା ମାନେ ପୁଷ୍ପ, ଚନ୍ଦନ, ଦୁର୍ବା, ଅକ୍ଷତ ଧରି ଧାଡ଼ିବାନ୍ଧି ରହିଛନ୍ତି ରାଜଦାଣ୍ଡରେ । ଚାମର ବ୍ୟଜନ କରିବାପାଇଁ ତଥା ଶଙ୍ଖନାଦ କରିବାପାଇଁ ଅନେକ ପ୍ରସ୍ତୁତ ହୋଇ ରହିଛନ୍ତି । ମଧୁର ସଂଗୀତର ଅମୀୟ ଧାରା ବୁହାଇ ଦେବାପାଇଁ ସୁଲଳିତ କଣ୍ଠିକା ନାରୀମାନେ ପ୍ରସ୍ତୁତ ହୋଇ ରହିଛନ୍ତି । ସୁନ୍ଦରୀ ନୃତ୍ୟାଙ୍ଗନା ମାନେ ନାନା ରଂଗର ବେଶ ପରିପାଟୀରେ ନିଜକୁ ସଜାଇ ରାଜଦାଣ୍ଡରେ ନୃତ୍ୟରତ । ଜଣଜଣ କରି ରାଜା, ରାଜକୁମାର ମାନେ ସଭାମଣ୍ଡପକୁ ବିଜେ କରୁଛନ୍ତି । ସତଲୋ ଅପା ତୁ ଏ ଦୃଶ୍ୟ ଦେଖିଲେ ନା ଅଭିଭୂତ ହୋଇଯିବୁ । କାହିଁକି ଘରକୋଣରେ ମୁଣ୍ଡ ପୋତି ବସିରହିଛୁ । କାହିଁକି ତୋ ନେତ୍ରରେ ଅଶ୍ରୁ ?

ସାନଭଉଣୀ ମାଣ୍ଡବୀ କଥା ଶୁଣି ଉର୍ମିଳା କହିଥିଲା ମାଣ୍ଡବୀ ! ଅପା କାହିଁକି କାନ୍ଦୁଛି ତୁ କ'ଣ ତାହା ଜାଣିପାରୁ ନାହୁଁ । ବାପା ତା' ପାଇଁ ସ୍ୱୟମ୍ବର ଆୟୋଜନ କରିଛନ୍ତି ସିନା, ହେଲେ ଅପାର ମନ ମୋର ବନ୍ଧା ତ ଆଉ କେଉଁଠି ପଡ଼ିଯାଇଛି ।

ହଁ ଉର୍ମିଳା ତୁ ଠିକ୍ କହିଛୁ । ଶ୍ରୁତକୀର୍ତ୍ତି କହୁଥିଲା କାଲିଠାରୁ ଅପା ଆମର ଆନମନା ହୋଇପଡ଼ିଛି । ପୁଣି ଆଜି ସକାଳେ ତାଙ୍କରି ସହିତ ସାକ୍ଷାତ । ସେଥିପାଇଁ ଅପା ।

ଶ୍ରୁତକୀର୍ତ୍ତି ! ସାମାନ୍ୟ ଉତ୍ତେଜିତ ହୋଇ ପଡ଼ିଥିଲି ମୁଁ ।

ମୋ ତୁଣ୍ଡରୁ କଥା ନସରୁଣୁ ମାଣ୍ଡବୀ କହିଥିଲା, ଆଲୋ ଅପା ! ତୁ ଆମ ଉପରେ ରାଗୁଛୁ କାହିଁକି ? ତୁ ଯେମିତି ରାମ ପାଇଁ ଦୀପ ଜାଳୁଛୁ ସେ ମଧ ତୋ ପାଇଁ ମନ୍ଦିର ଯାଇ ପ୍ରାର୍ଥନା କରୁଥିବେ । ସେ କାହିଁକି ତୋତେ ପାଇବା ପାଇଁ ବ୍ୟାକୁଳ ହେଉଥିବେ ଜାଣିଛୁ ଅପା, ସେ କଥା ତୁ ନ ଜାଣିଲେ ବି ମୁଁ ଜାଣିଛି । ମିଥିଳା ଦାଣ୍ଡରେ କାଲି ଯାତ୍ରା କରୁଥିବାବେଳେ ସେ ତୋତେ ଅନାଇ ଅନେକ ସମୟ ସ୍ଥିର ହୋଇ ରହିଯାଇଥିଲେ । ତୋର ଏ ଯେଉଁ ଚନ୍ଦ୍ରଜ୍ୟୋତିକୁ ଜିଣା କପାଳ, ରକ୍ତ କରବୀ ତୁଲ୍ୟ ଅଧର, କଳାହାଣ୍ଡିଆ ମେଘକୁ ବଳି ଯାଇଥିବା କେଶକାନ୍ତି, ତହିଁ ଉପରେ ଲହଡ଼ି ଭାଂଗୁଥିବା ମଲ୍ଲୀଗଜରା, ଶଙ୍ଖ ଜିଣା କଣ୍ଠ, ଡମ୍ବରୁ ମଧକୁ ବଳି ପଡ଼ିଥିବା କଟି, କଟିତଟରେ ଜଡ଼ି ରହିଥିବା ଶ୍ୟାମଳ ବସନ, ରକ୍ତ କୋକନଦକୁ ବଳି ପଡ଼ିଥିବା ବେନିପାଦ, ପ୍ରସ୍ଫୁଟିତ ଧବଳ କଇଁର ଜ୍ୟୋତିକୁ ନିନ୍ଦା କରୁଥିବା ନଖପନ୍ତି ଏ ସମସ୍ତ ସେ ଦଶରଥ ନନ୍ଦନର ମନ ନନ୍ଦନବନରେ ଏକ ଏକ ପାରିଜାତ ହୋଇ ଫୁଟିଯାଇଛି । ତୁ ଯେମିତି ତାଙ୍କୁ ଝୁରି ହେଉଛୁ ସେ ସେମିତି ତୋ ଠାରୁ ଦ୍ୱିଗୁଣ ଉତ୍ସାହରେ ତୋତେ ପାଇବା ପାଇଁ ବ୍ୟଗ୍ର ହୋଇ ପଡୁଥିବେ ।

ମାଣ୍ଡବୀ ! ସତରେ ତୁ କ'ଣ କବିଟିଏ ହୋଇଗଲୁ କି ? ତୋ ଅପା ଯେତିକି ନୁହେଁ ତୁ ତାକୁ ସହସ୍ର ଗୁଣ ବଢ଼ାଇ କହୁଛୁ ।

ନାଁ ଅପା ମାଣ୍ଡବୀ ଆମର କିଛି ଭୁଲ୍ କହିନାହିଁ । ଏ ଜଗତରେ ଏପରି କିଏ ସୁନ୍ଦରୀ ରମଣୀ ଅଛି ଯିଏ ଆମ ସୀତା ଅପା ସହିତ ତୁଳି ହେବ ।

ଉର୍ମିଳା ! କ'ଣ ପାଇଁ ତୁମେସବୁ ମୋତେ ଏମିତି କହୁଛ । ଯାହାଙ୍କୁ ମୁଁ ମନେମନେ ବରଣ କରିଛି ସେ ଯଦି.... ଶିବଧନୁ ଭାଂଗି ନପାରନ୍ତି... । ତୁ ଏ କ'ଣ କହୁଛୁ ଅପା ! ଶ୍ରୀରାମ ଶିବଧନୁ ଭାଂଗି ପାରିବେ ନାହିଁ ? ତୁ କ'ଣ ଜାଣିନାହୁଁ ଅପା, ଲୋକେ କୁହାକୁହି ହେଉଛନ୍ତି, ରାମଚନ୍ଦ୍ରଙ୍କ ଭଳି ଶ୍ରେଷ୍ଠ ଯୋଦ୍ଧା, ଧନୁର୍ଦ୍ଧର ଏ ସଂସାରରେ ଆଉ କେହି ନଥିବେ ।

(କ୍ରମଶଃ)


♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର


## କଳିଙ୍ଗ ସାଗରର ସମାଧିରେ ଠିଆ ବଙ୍ଗୋପ ସାଗର

ଅରୁଣ କୁମାର ତ୍ରିପାଠୀ

କିଛି ଘଟଣା ଥାଏ ଯାହା ଗଛରୁ ତୋଳିଲା ଭଳି ମିଛ ହେଇଥାଏ , ଆଉ କିଛି ମିଛ ଶୁଣିଲେ ହିଁ ଧରାପଡ଼ିଯାଏ ଯେ ସେୟା ମିଛ ; କିନ୍ତୁ ଏମିତି କିଛି ଘଟଣା ଥାଏ ଯାହା ବାର୍ଦ୍ଧକ୍ୟ ଭଳି । ଯୌବନ ଥରେ ଚାଲିଗଲେ ସେୟା ଆସି ଏମିତି ବସିଯାଏ ଯେ , ଚମ ଧୁଡୁ ଧୁଡୁ ଅବସ୍ଥାକୁ ଦେଖିଲେ କିଏ କହିବ ନାହିଁ ଏହି ଚେହେରା ଅନେକ ହୃଦୟର ସ୍ପନ୍ଦନ ଥିଲା । ସଂପୃକ୍ତ ବୃଦ୍ଧଙ୍କ ସ୍ମୃତି ପଟଳରେ ସେୟା ଯଦିଓ ଥାଏ କିନ୍ତୁ ପାଖଲୋକଙ୍କୁ ବଡ଼ପାଟିରେ ଶୁଣେଇବାକୁ ଦେହରେ ବଳ ନଥାଏ ଆଉ କହିଲେ ବି କେହି ଶୁଣନ୍ତି ନାହିଁ ।


ସ୍ମୃତିର ଅତର ଗହୀରରେ ଆଜି କଳିଙ୍ଗ ସାଗର ବୁଡ଼ିରହି ଖୋଜୁଛି ନିଜ ପରିଚୟ । ଜାହାଜଟେ ତା ବକ୍ଷ ଦେଇ ଗତି କଲେ ତା ଦେହରେ ସୃଷ୍ଟ ହେଉଥିବା ତରଙ୍ଗମାନଙ୍କ ସହାୟତାରେ କଟିଯାଇଥିବା ଜିଭ ସହକାରେ ଖନେଇ ଖନେଇ କହୁଛି ବହୁତ କଥା କିନ୍ତୁ ଶୁଣିବାକୁ ଆମେ ସେତିକି ଥୟ ନାହେଁ ଅବା ଆମ ପାଖେ ବେଳର ଅଭାବ । ଓଡ଼ିଆ ଭାଷା ୧୫୦୦ ରୁ ଉର୍ଦ୍ଧ୍ୱ ବର୍ଷର ଗୌରବମୟ ଇତିହାସକୁ ଧରି ରଖିଛି ବୋଲିତ ସେ ଆଜି ବଙ୍ଗଳାକୁ ପଛରେ ପକେଇ ପାଇଅଛି ଶାସ୍ତ୍ରୀୟ ମାନ୍ୟତା । ଓଡ଼ିଆ ଏକଟୋ ସ୍ୱତନ୍ତ୍ର ଭାଷା ନଏ ଯେ ଦିନେ କାନ୍ତିଲାଲଙ୍କ ତୁଣ୍ଡରୁ ଗୁଞ୍ଜରିତ ହେଇଥିଲା ଏକଥା ଆଜି କେହି କହିଲେ ମଧ ବିଶ୍ୱାସ କରିବେ ନାହିଁ । ଯଦିଓ ସେଠି ୩୭୪ କିଲୋ ମିଟର ର ଉପକୂଳ ରହିଅଛି କିନ୍ତୁ ଓଡ଼ିଶାରେ ସେୟା ସୁଦୀର୍ଘ ୪୮୦ କିଲୋ ମିଟର । ପୁଣି ଉତ୍କଳୀୟ ନୌବାଣିଜ୍ୟର ନିଦର୍ଶନର ମୂକସାକ୍ଷୀ ରୂପେ ଆମେ କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ କରୁ । ଉତ୍କଳର ସାଧବ ପୁଅ ଜାଭା, ସୁମାତ୍ରା, ବର୍ଣ୍ଣିଓ , ବାଲି ଆଦି ଦ୍ୱୀପ ମାନଙ୍କରେ ବାଣିଜ୍ୟ ବ୍ୟବସାୟ କରି ପ୍ରଚୁର ପରିମାଣରେ ଏହାର ଅର୍ଥନୀତି କୁ ସମୃଦ୍ଧ କରୁଥିବାର ଐତିହ୍ୟାସିକ କିମ୍ବଦନ୍ତି କହୁଅଛି ତଅପୋଇ ଉପଖ୍ୟାନ । ପୁଣି ପରମ୍ପରାକୁ ଅଧୁନା କଟକରେ ବାଲିଯାତ୍ରା ସହକାରେ ସମ୍ପର୍ଣ୍ଣ କରାଯାଏ । ବଣିକ ଜାତି ବ୍ରିଟିଶ୍ ଙ୍କ ପରେ ଯଦି କିଏ ଚାଲାକ୍ ଥାଏ ତେବେ ସେମାନେ ହେଉଛନ୍ତି ଆମ ପଡ଼ୋଶୀ ପଶ୍ଚିମବଙ୍ଗର ବାସିନ୍ଦା, ପରିଶ୍ରମ ଯେମିତି ବୁଦ୍ଧି ଖଟାନ୍ତି ସେମିତି । ଗୋଟିଏ ସ୍ଥାନରେ ଚିରସ୍ଥାୟୀ ଭାବେ ବସବାସ କରିବାକୁ ତଥା ନିଜର ପରିଚୟ ସୃଷ୍ଟି କରିବାକୁ ସେମାନେ ନିଜସ୍ୱ ଅର୍ପଣ କରିବାକୁ ମଧ ପଛାନ୍ତି ନାହିଁ । କିନ୍ତୁ ତାଙ୍କ ପରାକାଷ୍ଠା ପ୍ରଶଂସନୀୟ । ସେ ଯାହାବି ହେଉ ଅଭିଯୋଗ ଉଠିଛି ବ୍ରିଟିଶ୍ ଙ୍କୁ ସଲାସୁତୁରା କରି ସେମାନେ କଳିଙ୍ଗ ସାଗର ର ନାମ ପରିବର୍ତ୍ତନ କରେଇଦେଇଅଛନ୍ତି । ଭାରତୀୟ ନ୍ୟାୟ ବ୍ୟବସ୍ଥାର ସର୍ବୋଚ୍ଚ ସଂସ୍ଥା ମାନ୍ୟବର ସୁପ୍ରିମ୍ କୋର୍ଟ୍ ବାବ୍ରି ମସଜିଦ୍ ବିପକ୍ଷ୍ୟରେ ନ୍ୟାୟ ଏଥିପାଇଁ ଦେଲେ ଯେ ୧୫୨୬ ରେ ବିଦେଶୀ ଆକ୍ରମଣ ସହ ଶ୍ରୀରାମ ଜନ୍ମଭୂମିର ଦେଉଳକୁ ସମାଧି ଦେଇ ସେୟା ଗଠନ ହେଇଥିଲା, ୫୦୦ ବର୍ଷ ଲାଗିଲା କିନ୍ତୁ ଶ୍ରୀରାମ ତମ୍ବୁରୁ ଦେଉଳକୁ ଫେରିବେ ୨୦୨୪ ରେ । ତେବେ ଆଜିର ଆଲୋଚନାରେ ଆମେ କଳିଙ୍ଗ ସାଗର ର ପରିଚୟ କିଭଳି ନ୍ୟାୟିକ ଉପସ୍ଥାପନା କରିବା ସେହି ବିଷୟରେ ଆଲୋକପାତ କରିବା, କିଛି ପ୍ରମାଣ ଆଉ କିଛି ବିବେକାନୁମୋଦନରେ । ବ୍ରିଟିଶ୍ ସମୟରେ ହିଁ ଏହି କାରସାଦି ହେଇଥିବାର ଅନେକ ଐତିହ୍ୟାସିକ ଦାବି କରନ୍ତି । ବିଖ୍ୟାତ ଐତିହ୍ୟାସିକ ହିମାଂଶୁ ଶେଖର ନନ୍ଦୀ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ କରି ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ବଙ୍ଗୋପ ସାଗର ର ପୂର୍ବନାମ କଳିଙ୍ଗ ସାଗର କିମ୍ବା କଳିଙ୍ଗୌଦଧି ଅବା କଳିଙ୍ଗେନ୍ଦ୍ର ଥିଲା । ସୂଚନାଯୋଗ୍ୟ ଯେ ସେ ତାଙ୍କ ମାତୃଭାଷା ବଙ୍ଗଳା । ବୁଦ୍ଧ ସାହିତ୍ୟ ଅଧ୍ୟୟନ କଲେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ୭ମ ଏବଂ ୮ମ ଶତାବ୍ଦିରେ ରଚିତ ଗ୍ରନ୍ଥ ମାନଙ୍କରେ ସଂପୃକ୍ତ ସାଗର ନିମିତ୍ତ କଳିଙ୍ଗ ସାଗର ଶବ୍ଦ ବ୍ୟବହୃତ ହେଉଥିଲା । ସିନ୍ଧୁ ସଭ୍ୟତାର ଆବିଷ୍କାରକ ବଙ୍ଗଳାର ବୀରପୁତ୍ର ରାଖଲ୍ ଦାସ୍ ବାନାର୍ଜୀଙ୍କ ଦ୍ୱାରା ଲିଖିତ ପୁସ୍ତକରେ ବ୍ୟବହୃତ ମାନଚିତ୍ରରେ ମଧ କଳିଙ୍ଗ ମହୋଦଧି ଶବ୍ଦ ବ୍ୟବହୃତ ହେଇଥିଲା । ଓଡ଼ିଶାର ପ୍ରଖ୍ୟାତ ସାହିତ୍ୟିକ ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ଖାରବେଳଙ୍କ ଶାସନ ସମୟରେ କଳିଙ୍ଗ ସାଗରକୁ କଳିଙ୍ଗଦୋଧି କୁହାଯାଉଥିଲା । ପୁନଶ୍ଚ ପ୍ରାଚୀନ ଐତିହ୍ୟାସିକ ଗ୍ରନ୍ଥ ମାନଙ୍କରେ କଳିଙ୍ଗର ପରିଦୃଶ୍ୟ ବର୍ଣ୍ଣନା ସମୟରେ ଉତ୍ତର ତୋଷାଳି, ତ୍ରିକଳିଙ୍ଗ, କଳିଙ୍ଗ, ଉତ୍କଳ ଆଦି ଶବ୍ଦ ପରିବେଷଣ ହେଇଥିବା ସ୍ଥଳେ ବଙ୍ଗୋପ ସାଗର ର ନାମ ଗନ୍ଧ ନାହିଁ । ସ୍ୱାଧୀନତା ପରେ ପଶ୍ଚିମବଙ୍ଗର ଅନେକ ସ୍ଥାନ ସହ ସୀମା ବିବାଦ ଦେଖା ଦେଇଥିଲା । ଅନେକ ଉପକୂଳ ଅଞ୍ଚଳ ଏବେ ପଶ୍ଚମ ବଙ୍ଗରେ , କଥା ଯାହାବି ହଉ ଆଜି ଆମ ଓଡ଼ିଶା ଅନେକ କ୍ଷେତ୍ରରେ ପ୍ରଗତିଶୀଳ ଏବଂ ରାଜସ୍ୱ ବଳକା କ୍ଷେତ୍ର । ନିକଟରେ ସଦ୍ୟ ପ୍ରକାଶିତ ନିତି ଆୟୋଗୋ ରିପୋର୍ଟ ଅନୁସାରେ ଏଠି ଦାରିଦ୍ର୍ୟର ହାର ମଧ କମିଛି । ନିକଟ ଅତୀତରେ ରସୋଗଲା ନିମନ୍ତେ ଜିଆଇ୍ ଟାଗ୍ ମିଳିପାରିଛି, ଯାହାପାଇଁ ମଧ ସେହି ପଶ୍ଚିମବଙ୍ଗ ସହ ବିବାଦ ଚାଲିଥିଲା। ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ଅନ୍ତିମ ଉତ୍ସବ ନିଳାଦ୍ରି ବିଜେ ରେ ମାନଭଞ୍ଜନ ନିମନ୍ତେ ପ୍ରଦାନ କରାଯାଉଥିବା ରସଗୋଲା ଏହି ଦ୍ରବ୍ୟର ଓଡ଼ିଶାର ସଂସ୍କୃତିଯେ ଜଡ଼ିତ, ତାହାର ପ୍ରାଚୀନତାକୁ ପ୍ରତିପାଦିତ କଲାଭଳି ସମାନ ଧରଣର ପ୍ରୟାସ ଆମର କଳିଙ୍ଗ ସାଗରକୁ ତା ପରିଚୟ ଫେରେଇବା ନିମନ୍ତେ ଦାବି ହେବା ଦରକାର ।


ତେବେ ପ୍ରଶ୍ନ ଉଠେ ଗୋଟିଏ ସ୍ଥାନର ନାମ କିଭଳି ପରିବର୍ତ୍ତନ କରାଯିବ ? ସମ୍ବିଧାନରେ ଧାରା ୩ ରେ ଉଲ୍ଲେଖ ଅଛି ସଂସଦରେ ଅର୍ଦ୍ଧାଧିକ ମତ ଦ୍ୱାରା ପାରିତ କରାଯାଇପାରେ । ରାଜ୍ୟ ବିଧାନ ସଭା ମାନଙ୍କରେ ମଧ ଏହିଭଳି ବିଷୟ ସମାନ ଶୈଳୀରେ ଉପସ୍ଥାପନା କରାଯାଇପରେ ; କିନ୍ତୁ ସେୟା ସ୍ୱୀକୃତି ନିମନ୍ତେ କେନ୍ଦ୍ର ଗୃହ ବିଭାଗକୁ ଚିଠି ଲେଖାଯାଏ । ସେମାନେ ବିଷୟଟି ଉପଯୁକ୍ତ ଭାବିବା ପରେ ରେଳବାଇ ବିଭାଗ, ଇଣ୍ଟଲିଜେନ୍ସ ବିଭାଗ, ପୋଷ୍ଟାଲ ବିଭାଗ, ଭରତୀୟ ସର୍ବେକ୍ଷଣ ବିଭାଗ, ରେଜିଷ୍ଟ୍ରାର ଜେନେରାଲ୍ ଆଦିଙ୍କୁ ଆପତ୍ତି ଅଭିଯୋଗ ନିମନ୍ତେ ଚିଠି କରେ । ସେମାନଙ୍କ ଠାରୁ ସ୍ୱୀକୃତି ଯଦି ଆସିଗଲା ତେବେ ଭାରତୀୟ ଗେଜେଟ୍ ନୋଟିଫିକେସନ୍ ଜାରି ହୁଏ । ଆମେ ଓଡ଼ିଆ ସବୁବେଳେ ବଢିଆ । ଜାତିପ୍ରିତି ସବୁବେଳେ ଆମ ଶୋଣିତରେ ବୋହେ , ଯଦିଓ ଓଡ଼ିଆ କଙ୍କଡ଼ାର ଉପଖ୍ୟାନ ରହିଅଛି ; କିନ୍ତୁ ମଇଁଷି ଶିଙ୍ଗ ପଛା ଜୁଝିଲା ବେଳକୁ ଗୋଟା ନ୍ୟାୟରେ ଆମେ ସ୍ୱାଭିମାନ ଏବଂ ଅସ୍ମିତାର ବଶବର୍ତ୍ତୀ ହେଉ । ହେ ମୋର ୪ କୋଟି ଓଡ଼ିଶା ବାସୀ, ଗୋଟିଏ ଦୀପ ଲଗାଯାଉ ଏଥି ନିମନ୍ତେ ଏବଂ ତାହାର ତେଜର ପ୍ରଭାବ ଏତେ ପରିମାଣରେ ସଂପ୍ରାସାରିତ ହେଇ ଏକ ବିଲ୍ ପାରିତ ହେଉ ଯାହା ଉତ୍କଳ ମାତାଙ୍କୁ କଳିଙ୍ଗ ଅସ୍ମିତାକୁ ଫେରେଇ ଦେଉ ।

ପାହିଲାଣି ଏବେ ନିରାଶା ସର୍ବରୀ
ଡାକୁଛନ୍ତି ମାତା କେତେ ଆଶାକରି
ଜାଗହେ ସରବେ ଉତ୍କଳ ସନ୍ତାନ
ଏକତାର ମନ୍ତ୍ର ଜପି ପ୍ରାଣେପଣ ।


+ ଜୟପୁର
ମୋ: ୯୦୭୮୮୩୮୬୨୭


## ଆମ ସମୟର କବିତା .....





### ॥ ଶେଷରେ ॥

ମାନସ ରଞ୍ଜନ ମହାପାତ୍ର

ମୋର ଚାଲିବାର କିଛି
ହିସାବ ନାହିଁ
କେବେ ଚାଲୁଥାଏ ସିଧା ରାସ୍ତାରେ
ତ କେବେ ବଙ୍କା ରାସ୍ତାରେ
ପୁଣି କେବେ ହଜି ଯାଉଥାଏ
ଅନ୍ଧ ମୁହାଣିରେ

ସାରା ଜୀବନ ବିତିଗଲା
ଶୀତଳ ଯୁଦ୍ଧରେ
ମୃତ ପକ୍ଷୀ ଗଣିବାରେ
ଚିହ୍ନା ଅଚିହ୍ନା ସହରରେ
ନିଜ ସହ ସହବାସରେ
ଏକାକୀ ଆକାଶରେ
ମତେ ଚିରକାଳ କରୁଥାନ୍ତି କଲବଲ
ଛିଣ୍ଡା ଅଛିଣ୍ଡା ସ୍ମୃତିମାନେ
ମୃତ୍ୟୁ, ମୋର ଅନ୍ତିମ ପ୍ରେମିକା
ଓ ମୁଁ ସହୁଥାଏ ସମୟର ସକଳ ଔଦ୍ଧତ୍ୟ
ନିରବରେ

ଏମିତି ବିତେଇଦେଲି
ହିସାବହୀନ, ବନ୍ଧୁହୀନ ଗୋଟେ ଜୀବନ
ପଚାରି ପାରିଲି ନାହିଁ
ସକଳ ଅତ୍ୟାଚାରର କାହାଣୀ
କାହାକୁ ବି, କେବେ ବି
କାହା ଦୁଆରରେ, ଝରକାରେ !


♥ମୋ: ୯୮୯୧୯୪୬୧୭୮




### ॥ ଅଫେରା ବେଳ ॥

ରାଜେଶ ପୂଜାରୀ

ଥର ଥର ମନେ ପଡ଼େ ମୋର
ଦୁଷ୍ଟାମିରେ ଭରା ପିଲା ବେଳ,
କୁଆଡ଼େ ଗଲା ସେ ହସ ଖୁସି
ଧୂଳିଖେଳ ସାଙ୍ଗସାଥୀ ମେଳ !

କି'ଏ କଲା ଚୋରୀ ହୁଏ ଝୁରି
ପ୍ରଶନ୍ନତା ମୋ ଅଚିନ୍ତନୀୟ,
ଇଚ୍ଛା ରାଇଜ ଅଧୀଶ୍ୱର
ନିର୍ଭୟ ସ୍ୱଚ୍ଛନ୍ଦ ଶାନ୍ତିମୟ !

ମିଠା ମିଠା ସେଇ ଚଗଲାମି
ଅତୁଳିତ ସରାଗରେ ଭରା,
କେମିତି ପାଶୋରି ପାରିବି ମୁଁ
ଅମୂଲ୍ୟ ସଂପତ୍ତି ତାହା ପରା।

ଖରା ବର୍ଷା ଶୀତ ସବୁ ଭଲ
ମିଳେ ସବୁ ଇଚ୍ଛିତ ଦରବ,
ଥିଲି କା' ଜହ୍ନ ଥିଲି କା' ତାରା
ହୁଏ ଭାରି ଗର୍ବ ଅନୁଭବ।

ସମୟ ସୁଅରେ ଗଲା ଭାସି
ସ୍ନେହ ଶରଧାର ବାଲିଘର,
ହେବାକୁ ଚାହିଁଲି ମୁକ୍ତ ପକ୍ଷୀ
ନଜାଣି କି ଏତେ ଭୟଙ୍କର।

ଅଳ୍ପ ଦିନ ମୁଁ ଡେଣା ମେଲିଲି
ସୁଖର ସୁନ୍ଦର ନଭ ତଳେ,
ଅଦିନ ଝଡେ ପଡ଼ିଲି ଲୋଟି
ଶୁଷ୍କତରୁ ପ୍ରାୟ ମରୁଥଳେ।

ପରମ ସତ୍ୟକୁ ଜାଣି ସାରି
ସ୍ମୃତିଧାରେ ଖୋଜେ ପିଲାବେଳ,
ସେ ବେଳେ ବାହୁଡ଼ି ଯିବା ପାଇଁ
ଅନିଶ୍ଚିତ ସ୍ୱପ୍ନେ ହୋଇ ଭୋଳ।

ହେଲେ ଉଷୁନା ଧାନ କି ଗଜା
ହୋଇଅଛି ଅବା ହେବ କେବେ,
ଆଖିରୁ ଝରେ ଅସରା ଲୁହ
ଅଫେରା ବେଳ ହସଇ ଯେବେ।


♥ କୁଶମେଲ, ଝାରସୁଗୁଡ଼ା
ମୋ-୮୧୪୪୭୭୯୦୬୧


### ॥ ଦୂରତ୍ୱ ବୋଲି କିଛି ॥

ସୌଭାଗ୍ୟବନ୍ତ ମହାରଣା



ଇତିହାସର ଆଦିମ ସକାଳରୁ ଆଜିଯାଏଁ
ତୁମ ଓ ମୋ ମଧ୍ୟରେ ଲୁଚିଥିବା
ଅବଶିଷ୍ଟ ଆୟୁଷର ମୁହୂର୍ତ୍ତମାନଙ୍କ ମହୋତ୍ସବ ।
ମିଳାମିଶାର ମହାପର୍ବ ଭିତରେ
ଦୂରତ୍ୱ ବୋଲି କିଛି ନାହିଁ
ସତ ମୃତ୍ୟୁ ଓ ମିଛ ଜୀବନର ଫାଙ୍କରେ ।

ଏ ମଗ୍ନମାଟିର ଭିଜା ଭିଜା ଅନୁରାଗ
ଓ ଆକାଶର ବର୍ଣ୍ଣିଳ ଚିତ୍ରରାଗ
ସମୁଦ୍ରର ଲହଡି ଗଣିବାକୁ ସାକ୍ଷୀରଖି
ଆମ ଦୁଇଜଣଙ୍କୁ ଘେରିଛି ସମ୍ମୋହନରେ ।
ମାୟା ଓ ମୋହର ନିବିଡ ଆଲିଙ୍ଗନରେ
ସେଇଟା ତ ଆମ ଭିତରେ ଉବୁଟୁବୁ
କୋଉ ଆବହମାନ କାଳରୁ ପାଣିରେ ଚନ୍ଦନ ପରି ।

ତୁମେ ବୋଧେ ଚିହ୍ନି ପାରିନ
ଭ୍ରମର କୁହୁଡିରେ ଆଉଟୁ ପାଉଟୁ ହୋଇ
ଆମ ପ୍ରିୟ ଆକାଶର ନୀଳିମ ଉଦାରତାକୁ
ଆମ କୋଳ ମାଟିରେ ଲୁଚକାଳି ଖେଳୁଥିବା
ସବୁଜ ମାତୃତ୍ୱ ଓ ମହକର ସାନ୍ଦ୍ରତାକୁ ।
ତୁମେ ମୋ ମଧ୍ୟରେ ଅଛ ବୋଲି ଜଣା
ଏ ଉଦାର ମାଟି ଓ ଆକାଶକୁ କୋଉ କାଳରୁ
ଅଥଚ ତୁମକୁ ଅଜଣା
ଋତୁର ବର୍ଣ୍ଣାଳୀ ଭିତରେ
ଏଇ ନିଛକ ସତ୍ୟଟିର ଗାଢ ଆତ୍ମୀୟତା
ଯାହା ପ୍ରକଟିତ ଏବେ ସଚରାଚର ।

ଆମ ପରିଚିତର ପ୍ରତୀକର ବିଶେଷତ୍ୱ
ଓ ପ୍ରଜ୍ଞାର ପରିସୀମାର ଗୁରୁତ୍ୱ
ଆଉ କଣ ହୋଇପାରେ ସମ୍ପର୍କର
ବିଶ୍ୱାସକୁ ବଳିଦେଇ ଅନ୍ଧରାତିରେ
ନିଃଶ୍ୱାସରୁ, ରକ୍ତରୁ, ହୃଦୟରୁ ?

ଏ ମାଟିର ମୋହ ଓ ମମତାକୁ କିଏ ଭୁଲିପାରେ
ଆମ ପାଖରୁ ଦୂରେଇ ଦେବାପରେ
ଯୋଜନ ଯୋଜନ ଦୂରତ୍ୱର ଭ୍ରମ ଭିତରକୁ !

ଆମ ଭିତରେ ଦୂରତ୍ୱର ଭ୍ରାନ୍ତିର ନିର୍ଜନତା
ତୁମ ଓ ମୋ ଭିତରେ ଥିବା ଧଳା କାନଭାସ୍‌ରେ
ଅନ୍ତରଙ୍ଗ ଅନ୍ଧାରର ଚିତ୍ରକଳା ଆଙ୍କିବାକୁ
ବିଶାଳ ପାଚେରୀ ଭଳି ଛିଡା ହୋଇଛି
ଆମ ପ୍ରାଚୀନ ଉଦାସୀନତା
ଅନ୍ଧଦିଗନ୍ତର ଆକୁଳତା ଓ ନିଃସଙ୍ଗତା ।

ଆସ, ଆମେ ଦୁହେଁ ମିଳେଇଯିବା
ହୁରହୁରିଆ ଧୂକା ଭିତରେ ଫୁଲର ବାସ୍ନା ପରି
ଜୀବନ ଭିତରେ କଣ୍ଟାର ଯନ୍ତ୍ରଣା ପରି
ଆଉ ଏକ ପ୍ରେମର ସ୍ଥାପତ୍ୟ ଗଢିବାକୁ
ନିଃସର୍ତ୍ତ ଭାବରେ

ମାଟି ଓ ଆକାଶର ଘନିଷ୍ଠ ସଖାପଣ ଭିତରେ ।
ଦୂରତ୍ୱର ବିଭ୍ରମ ଆଉ କିଛି ନରହୁ ଏଣିକି
ଆମ ଦୁହିଁଙ୍କ ହୃଦୟର ଆତ୍ମୀୟ ସ୍ପନ୍ଦନରେ ।


ଭାରତୀ ଭବନ, ଶିବମ୍ କଲୋନୀ
ଆୟକର ଭବନ ପଛ, ସମ୍ବଲପୁର-୭୬୮୦୦୪
(ମୋ) ୯୪୩୭୪୫୭୭୩୬

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୨୩ ଜୁଲାଇ ୨୦୨୩



■ ଦୃଷ୍ଟିକୋଣ- ୧୨ ■

# ଦୃଷ୍ଟିକୋଣ ହିଁ ସଶକ୍ତ ଓ ସଂଯତ କରାଏ

## କାଳୀପଦ ପଣ୍ଡା



ମନୁଷ୍ୟ ମନୁଷ୍ୟ ମଧ୍ୟରେ ଅନେକ ବୈଷମ୍ୟ ପରିଲକ୍ଷିତ ହୁଏ। ଏମିତି ହେବାର କାରଣକୁ ନେଇ ଅନେକ ସମୟରେ ଚିନ୍ତାଶୀଳ ଜ୍ଞାନୀଗୁଣୀ ବ୍ୟକ୍ତିଙ୍କ ମଧ୍ୟରେ ବିଚାରବିମର୍ଶ ହୋଇଛି। ସମସ୍ତେ ନିଜ ନିଜ ଦୃଷ୍ଟିକୋଣରୁ ଭିନ୍ନ ଭିନ୍ନ ମତପୋଷଣ କରିଛନ୍ତି। ଧନୀ ଗରିବର ପ୍ରାଚୀର ମଧ୍ୟରେ କିଏ ସ୍ୱଚ୍ଛଳ ପରିବାରରେ ଜନ୍ମ ନିଏ ତ କିଏ ଅତି ଦରିଦ୍ର ପରିବାରରେ ଜନ୍ମ ନିଏ। ପୁଣି କିଏ ଜନ୍ମକାଳରୁ ଭିନ୍ନକ୍ଷମ ହୁଏତ କିଏ ସ୍ୱୟଂସଂପୂର୍ଣ୍ଣ। କିଏ ସମସ୍ତ ସୁବିଧା ସୁଯୋଗ ଥାଇ ପ୍ରାଚୁର୍ଯ୍ୟ ମଧ୍ୟରେ ବଡ଼ ହୁଏ ପୁଣି ଆଉ କିଏ ସାରାଜୀବନ ଯନ୍ତ୍ରଣାଦଗ୍ଧ ହୋଇ ଜୀବନ ସଂଗ୍ରାମରେ ଲହୁ ଲୁହାଣ ହେଉଥାଏ। ଖାଦ୍ୟ, ବସ୍ତ୍ର, ବାସଗୃହ ଭଳି ମୌଳିକ ସୁବିଧା ମଧ୍ୟ ତା' ଭାଗ୍ୟରେ ଜୁଟେନାହିଁ। ଏମିତି ବୈଷମ୍ୟ ବା ପ୍ରଭେଦ ସଂପର୍କରେ ଏକ କାହାଣୀ ଶୁଣାଯାଏ।

ଜଣେ ଧନାଢ଼୍ୟ ବ୍ୟକ୍ତି ନିଜର ବିଶାଳ ପ୍ରସାଦର ଏକ ସୁସଜ୍ଜିତ କୋଠରି ମଧ୍ୟରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାରେ ରହି ଝରକା ଦେଇ ତଳକୁ ଅନାଇ ଦେଖିଲେ ପ୍ରଚଣ୍ଡ ଗ୍ରୀଷ୍ମତାପରେ ଜଣେ ଗରିବ ଶ୍ରେଣୀର ଲୋକଟିଏ ମୁଣ୍ଡରେ ଓଜନିଆ ବୋଝ ଧରି ଚାଲୁଛି। ଏହି ସମୟରେ ଧନୀକ ବ୍ୟକ୍ତି ଜଣକ ମନେ ମନେ କହିଉଠିଲେ, ଯାହାହେଉ ଭଗବାନଙ୍କୁ ଶତ ଧନ୍ୟବାଦ ମୋତେ ଗରିବ କରାଇନାହାନ୍ତି। ନହେଲେ ମୋର ଅବସ୍ଥା ଆଜି ଏହିଭଳି ହୋଇଥାନ୍ତା।

> ଜଣେ ଧନାଢ଼୍ୟ ବ୍ୟକ୍ତି ନିଜର ବିଶାଳ ପ୍ରସାଦର ଏକ ସୁସଜ୍ଜିତ କୋଠରି ମଧ୍ୟରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାରେ ରହି ଝରକା ଦେଇ ତଳକୁ ଅନାଇ ଦେଖିଲେ ପ୍ରଚଣ୍ଡ ଗ୍ରୀଷ୍ମତାପରେ ଜଣେ ଗରିବ ଶ୍ରେଣୀର ଲୋକଟିଏ ମୁଣ୍ଡରେ ଓଜନିଆ ବୋଝ ଧରି ଚାଲୁଛି। ଏହି ସମୟରେ ଧନୀକ ବ୍ୟକ୍ତି ଜଣକ ମନେ ମନେ କହିଉଠିଲେ, ଯାହାହେଉ ଭଗବାନଙ୍କୁ ଶତ ଧନ୍ୟବାଦ ମୋତେ ଗରିବ କରାଇନାହାନ୍ତି। ନହେଲେ ମୋର ଅବସ୍ଥା ଆଜି ଏହିଭଳି ହୋଇଥାନ୍ତା।

ଏହାଶୁଣି ବୈକୁଣ୍ଠନିବାସୀ ଅନ୍ତର୍ଯ୍ୟାମୀ ଭଗବାନ ବିଷ୍ଣୁ ସ୍ମିତହାସ୍ୟ ଦେଲେ। ପାଖରେ ଥିବା ଅନ୍ନଦାତ୍ରୀ ମା' ମହାଲକ୍ଷ୍ମୀ ତତ୍‌କ୍ଷଣାତ୍ ପଚାରି ବସିଲେ ପ୍ରଭୁ ଆପଣ ହସିଲେ କାହିଁକି? ସେ ବ୍ୟକ୍ତିଜଣକ ତ ଠିକ୍ କହିଲେ ଆପଣଙ୍କ ଉଦ୍ଦେଶ୍ୟରେ। ଆପଣତ ଜଗତର ପାଳନକର୍ତ୍ତା, ଆପଣଙ୍କ ହେତୁ ମର୍ତ୍ତ୍ୟମଣ୍ଡଳରେ ଏଭଳି ବୈଷମ୍ୟ। ମହାଲକ୍ଷ୍ମୀଙ୍କ ପ୍ରଶ୍ନରେ ଭଗବାନ ବିଷ୍ଣୁ କହିଲେ ବୈଷମ୍ୟ ବା ପ୍ରଭେଦ କିଛି ନାହିଁ। ଏପଟକୁ ଅନାଇ ଦେଖ କ'ଣ ଘଟୁଛି।

ମା'ଲକ୍ଷ୍ମୀ ଠାକୁରାଣୀ ଏଥର ଦେଖିଲେ ମର୍ତ୍ତ୍ୟରେ ଏକ ବିଭୀଷିକା ଖେଳିଯାଉଛି। ଏକ ଜନବସିତର ଅନେକ ଅଟ୍ଟାଳିକା ସବୁ ଭୂମିକମ୍ପରେ ଧରାଶାୟୀ ହୋଇଯାଉଛି। ସେଭିତରେ ସେହି ଧନାଢ଼୍ୟବ୍ୟକ୍ତି ଜଣଙ୍କର ସୁଉଚ୍ଚ ସୁସଜ୍ଜିତ ଅଟ୍ଟାଳିକାଟି ମଧ୍ୟ ଭାଙ୍ଗିପଡ଼ି ତାର ଚିହ୍ନ ବର୍ଣ୍ଣ ହରାଇ ବସୁଛି। ମାତ୍ର ସୌଭାଗ୍ୟବଶତଃ ସେଇ ଧନୀକ ବ୍ୟକ୍ତି ନିଜ ସ୍ତ୍ରୀ ଓ ପିଲାଛୁଆ ସମେତ ଘରର ଅନ୍ୟମାନଙ୍କ ସହ ଘରୁ ରାସ୍ତା ଉପରକୁ ବାହାରି ଆସି ପାରିଥିଲେ। ଏହାଦେଖି ରାସ୍ତା ପାର୍ଶ୍ୱରେ ପଲାମାରି ରହିଥିବା ଜଣେ ଅତି ଦରିଦ୍ର ଲୋକ ମନକୁ ମନ କହିଲା- ଯାହାହେଉ ଭଗବାନ ମୋତେ ଧନୀ କରିନାହାଁନ୍ତି, ସେଥିପାଇଁ ତାଙ୍କୁ ଧନ୍ୟବାଦ। ଏତେବେଳେ ମା' ଲକ୍ଷ୍ମୀ ମହାପ୍ରଭୁଙ୍କୁ ଅନାଇ କହିଲେ ଧନ୍ୟ ମହାପ୍ରଭୁ ତୁମ ଲୀଳା। ସବୁକୁ ସମାନ କରିଦେଲେ, ତେବେ ସେହି ଧନାଢ଼୍ୟ ବ୍ୟକ୍ତି ଜଣକ ଏଥିରେ ଯେଉଁ କ୍ଷତିରେ ଶିକାର ହେଲେ ତାହାର ଭରଣା କିପରି ହେବ? ଉତ୍ତରରେ ଭଗବାନ କହିଲେ ସେ ଲାଗି ଚିନ୍ତାକର ନାହିଁ। ଦେଖ ଧନାଢ଼୍ୟବ୍ୟକ୍ତି ଜଣକ ଏବେ ଭାବୁଛି, ଯାହାହେଉ ଭଗବାନ ବଡ଼ ଉପକାର କଲେ, ଅନ୍ତତଃ ମୋ ପରିବାରଟି ସୁରକ୍ଷିତ ଅଛି। ତାର ପଡୋଶୀ ପରିବାରର ସମସ୍ତେ ସେଇ ଭୂମିକମ୍ପରେ ମୃତ୍ୟୁବରଣ କରିଥିଲେ, ଯେଉଁଥିରୁ କି ତାଙ୍କ ପରିବାର ବର୍ତ୍ତି ଯାଇଥିଲେ।

ଏଥିରୁ ଆମକୁ ଶିଖିବାକୁ ଅଛି ପରିସ୍ଥିତି ନେଇ ନିଜର ଦୃଷ୍ଟିକୋଣକୁ ସ୍ଥାବ୍ୟସ୍ତ କରିବାକୁ ପଡ଼େ। ସବୁବେଳେ ଭଲ କି ଖରାପ ଘଟେ ନାହିଁ। ସେଥିପାଇଁ କୁହାଯାଇଛି - ଆଜି ଯିଏ ରାଜେନ୍ଦ୍ରସନେ କାଲି ସିଏ ଫକୀର। ଈଶ୍ୱର ଯାହାକୁ ଯେମିତି ଯେଉଁସ୍ଥାନରେ ରଖୁଛନ୍ତି ସେ ଭିତରେ ତାଙ୍କର ସୁବିଚାର ନିହିତ। କିଛି ବି ଚିରସ୍ଥାୟୀ ନୁହେଁ। ପରିବର୍ତ୍ତନଶୀଳ ଅବସ୍ଥା। ପ୍ରକୃତି ଯେମିତି ପରିବର୍ତ୍ତନ ଭିତରେ ଆମକୁ ଅନେକ କିଛି ଶିକ୍ଷାଦିଏ ସେମିତି ଆମ ଜୀବନଯାତ୍ରାରେ ସଫଳତା ଓ ବିଫଳତା ମଧ୍ୟରେ ଜୀଇଁବାକୁ ପଡ଼େ। ଆଜି ଯାହା ସୁଖ ବୋଲି ମନେହୁଏ ଭବିଷ୍ୟତରେ ତାହା ଅସରନ୍ତି ଦୁଃଖର ବି କାରଣ ହୁଏ। ପରିବେଶ, ପରିସ୍ଥିତି ଓ ଅବସ୍ଥା ଭିତରେ ନିଜର ଦୃଷ୍ଟିକୋଣକୁ ସ୍ୱକୀୟ ବିଚାରଧାରା ମଧ୍ୟରେ ସଶକ୍ତ ଓ ସୁସଂଯତ କରିପାରିଲେ ହିଁ ଅନେକ ବିଷମ ପରିସ୍ଥିତିକୁ ଏଡ଼ାଇବା ସମ୍ଭବ ହୋଇଥାଏ। ଶ୍ରୀମଦ୍ ଭାଗବତରେ ଜଗନ୍ନାଥ ଦାସ ଲେଖିଛନ୍ତି-

କାଳରେ ବଶ ଏଜଗତ ପ୍ରାଣୀ ଏ କାଳର ଆୟତ୍ତ ॥
ସେ କାଳ ବଶେ ସର୍ବେଚଳି ପବନେ ଯେହ୍ନେ ଘନାବଳୀ ॥

ସେହିଭଳି ଭାବରେ ଅନ୍ୟଏକ ସ୍ଥାନରେ ଜଗନ୍ନାଥ ଦାସ କହିଛନ୍ତି-

ଲାଭ ଅଲାଭେ ସମଭାବ ଦୁଃଖ ହରଷ ନ କରିବ ॥
ଅଦୃଷ୍ଟ ଦୁଃଖ ସୁଖ ହେତୁ ଅଦୃଷ୍ଟ ବଶ ସର୍ବ ଜନ୍ତୁ ॥
ଉପାୟ ଆହାର କାରଣେ ଚିନ୍ତିବ ଶରୀର ଧାରଣେ ॥
ଏ ଦେହ ଥିଲେ ଜ୍ଞାନ ପାଇ ଜଳେ ଯେସନ ଚନ୍ଦ୍ର ଛାଇ ॥
ଜ୍ଞାନ ସକଳ ପାପନାଶେ ନିର୍ବାଣ ମୁକତି ପ୍ରକାଶେ ॥


ଏଥିରୁ ମନୁଷ୍ୟ ସମାଜ ସର୍ବଦା ହେଜିବା ଉଚିତ ଯେ, ଯେକୌଣସି ପରିସ୍ଥିତି ଉପୁଜିଲେ ସେତେବେଳେ ତାହାର ମୁକାବିଲା ପାଇଁ ନିଜର ଦୃଷ୍ଟିକୋଣ ଭିତରେ ନିଜକୁ ଯଥେଷ୍ଟ ସଶକ୍ତ ଓ ସଂଯତ କରି ନିଷ୍ପତି ନେବାକୁ ପଡ଼ିଥାଏ। ନଚେତ୍ ପରିଣାମ ଶୁଭଙ୍କର ହୁଏନାହିଁ। କୌଣସି ବି ଘଟଣା, ଦୁର୍ଘଟଣା ବା ଦୁର୍ଦ୍ଦିନ ବା ଅସ୍ଥିର ଅବସ୍ଥା ଦେଖାଦେଲେ ସେତେବେଳେ ଆମକୁ ଯଥେଷ୍ଟ ଆତ୍ମସଂଯମ ସହ ନିଜର ବିଚାର ଶକ୍ତିକୁ ଖଟାଇ ତାର ପରିଣତି ଉପରେ ଧ୍ୟାନରଖି କାର୍ଯ୍ୟ କରିବାକୁ ପଡ଼ିଥାଏ। ନିଜ ସାମର୍ଥ୍ୟକୁ ତ୍ୱରିତ ବଢ଼ାଇବା ଦିଗରେ ଅସତ୍ ପନ୍ଥ ଅବଲମ୍ବନ କେବେ ସୁଫଳ ଦେଇନଥାଏ। ହୁଏତ କିଛି କ୍ଷଣପାଇଁ ସଫଳତା ଆସିଥାଏ ମାତ୍ର ତାହା ଦୀର୍ଘସ୍ଥାୟୀ ହୁଏନାହିଁ ବରଂ ଯେଉଁ ସ୍ଥାନ ଯେଉଁ ସ୍ଥିତାବସ୍ଥା ଭିତରେ ଆମ ସ୍ଥାନ ପ୍ରାପ୍ତ ହୋଇଛି ସେହି ସ୍ଥାନ ଭିତରେ ରହି ନିଜର କର୍ମରୂପି ଧର୍ମ ମଧ୍ୟରେ ନିରନ୍ତର ପ୍ରୟା କରିପାରିଲେ ଦିନେ ଅବସ୍ଥାରେ ପରିବର୍ତ୍ତନ ଆସେ। ସେହି ଶ୍ରୀମଦ୍ ଭାଗବତରେ ଜଗନ୍ନାଥ ଦାସ ମାନବଗଣକୁ ଚେତାଇ ଦେଇ କହିଛନ୍ତି -

ଏ ଜୀବ ଆତ୍ମା କର୍ମ ଘେନି ଗତ ଆଗତ ପଥଶ୍ରମୀ ॥
କର୍ମର ମତେ ଦୁଃଖ ସୁଖ ଜନ୍ମ ମରଣ ହୁଏ ଦେଖ ॥
କର୍ମଟି ଦୁଃଖ ସୁଖ ଦାତା ବିଶ୍ୱ ସଂସାରେ ବଳବନ୍ତା ॥
ଭୋ ତାତ କର୍ମପାଦେ ସେବ କର୍ମ ହିଁ ନାହିଁ ଅନ୍ୟଦେବ ॥

♥ ସୂନାରୂଇ, ବି.କଟିସାହି, ସିଂଲା, ବାଲିଆପାଳ, ବାଲେଶ୍ୱର-୭୫୬୦୨୩
(ବୋ).:୯୪୩୭୦୮୯୨୪୧

ଗୋଟେ ଅନୁଭବୀ ଗପ

# ଅସ୍ତରାଗର ରକ୍ତଛିଟା





## ପ୍ରଫୁଲ୍ଲ ବାରିକ

ରାତି ପାହିଲାଣି କାଇଁ କେତେବେଳୁ । ସୂର୍ଯ୍ୟ ଛୁଇଁଲେଣି ଆକାଶ କାନ୍ଧକୁ । ସମୟ କେତେ ହବ? ନହେଇ ହେଇ ହବ ନିଶ୍ଚିତ ନଅ କି ଦଶ । ଗୋଠରୁ ଗୋରୁ ଗଲେଣି ବିଲକୁ । ମର୍ଦମାନେ ଧନ୍ଦାକୁ । ଭୁଆଶୁଣି ସ୍ନାନକର୍ମ ସାରି ଯାଉଥିବେ ରୋଷ ସାଳକୁ। ଶୂନସାନ ଗାଁ ଦାଣ୍ଡ। ମାଛି ମରି ଯାଉଛି । ନଙ୍ଗଳା ପିଲା କେଇଟା ଖେଳୁଛନ୍ତି ଧୂଳୀରେ, ମଝି ଦାଣ୍ଡରେ।

ତଳକୁ ମୁହଁ ପୋତି ପାଦ ଘୋସାରି ଘୋସାରି ମଝି ଦାଣ୍ଡରେ ଚାଲିଛନ୍ତି ମଧୁ ସାଆନ୍ତେ। ଛଅ ଫୁଟର କବାଟ ପରି ମଣିଷଟା ଲାଗୁଛନ୍ତି ଛାଇଟେ ଭାସିଯିବା ପରି । କଂକାଳସାର ପକ୍ୱକେଶ ମଧୁ ସାଆନ୍ତଙ୍କୁ ପାଖରୁ ନଦେଖିଲେ ଜାଣି ହବନି ସେ ମଣିଷ, କି ମଣିଷର ଜୀବନ୍ତ ସ୍କେଲିଟନ । ଅଶରୀରି ପ୍ରାୟ ଆବିର୍ଭୁତ ଗାଁ ଦାଣ୍ଡରେ । ଅଥଚ, ଏଇ ଲୋକର ବିଶିଆଙ୍ଗୁଠି ଅଗରେ ନାଚୁଥିଲା ଦିନେ ଗାଁ । ମଧୁ ସାଆନ୍ତଙ୍କ ନ୍ୟାୟକୁ ଧରା ଯାଉଥିଲା ସର୍ବୋଚ୍ଚ ନ୍ୟାୟାଳୟର ଆଦେଶ ବୋଲି । ମୁଖିଆ ଭୂମିକାକୁ ବେଶ ନିଭଉଥିଲେ ସାଆନ୍ତେ। ତାଙ୍କ ସ୍ଥାୟୀ ନିର୍ଦ୍ଦେଶ, ଗାଁ'ର କେଶ ଗାଁ'ରେ ମେଣ୍ଟିବ । ଯିବନି କୋର୍ଟକୁ । ପୁଲିସ ଆସିବନି ଗାଁ'କୁ । ଗାଁ'ର ଇଜ୍ଜତ ଗାଁ'ରେ ରହିବ । ଯିବନି ପଦାକୁ । କେଶ ବିଚାର ହୁଏ ଗାଁ'ମୁଣ୍ଡ ବରଗଛ ମୂଳେ । ସମସ୍ତଙ୍କ ଉପସ୍ଥିତିରେ । ନ୍ୟାୟକାରଙ୍କ ଫଇସାଲାକୁ ମାନିବାକୁ ବାଧ ସମସ୍ତେ । ମଧୁ ସାଆନ୍ତଙ୍କ ଦାଣ୍ଡ ଆଗରେ ଗର୍ଭଣୀ ଗାଈବି ବାଟ ଛାଡ଼େ ।

ସେଦିନ ଏବେ ବହୁ ପଛରେ । ମଧୁ ସାଆନ୍ତଙ୍କ ଶରୀର ମନରୁ ଉତ୍ତୁରି ଯିବାକୁ ପୂର୍ବ ବହପ, ଦୁନିଆଁରେ ଆସିଛି ଢେର ପରିବର୍ତ୍ତନ । ମୁଖିଆ ପଦରୁ କେବେଠୁ ଗଲେଣି ସାଆନ୍ତେ । ଏବେ ଫି'କଥାରେ ଥାନା, କୋର୍ଟକଚେରୀ । ଅତୀତ ହାତଛଡା ହେବା ପରେ ମଧୁ ସାଆନ୍ତେ ହେଇ ପଡିଛନ୍ତି ଗାଁ ପାଇଁ ଅଲୋଡ଼ା, ଅପାଂକ୍ତେୟ। ଇମିତିକି ସ୍ଥାନ ତାଙ୍କର ସାଧାରଣ ଲୋକଠୁ ବି ହୀନ।

ଜୀର୍ଣ୍ଣ ଶରୀର ଓ ଥକ୍କାମନ ନେଇ ମଧୁ ମହାପାତ୍ରେ ଏବେ ଭିକ୍ଷା ମାଗୁଛନ୍ତି ଭଗବାନଙ୍କ ପାଖରେ ଆଉ ଦିନ କେଇଟା ପାଇଁ ଜିଇ ନେବାକୁ ଜୀବନ । ନାଁ ଅଛି ଗାଁ ପ୍ରତି ତାଙ୍କ ମନରେ ଶ୍ରଦ୍ଧା ସଦିଚ୍ଛା, ନା ଗାଁ ଲୋକଙ୍କର ତାଙ୍କ ପ୍ରତି ଭକ୍ତି ସଂଭ୍ରମ । ଓଲଟା ଟିଟିକାର କାନରେ ବଜେ - କେତେଦିନ ବଂଚିବ ବୁଢ଼ା? କେବେ ତୁଟିବ ମାଟିର ମୋହ? କଥାଯେ ନବାଜେ ମଧୁଙ୍କ କାନରେ, ତା ନୁହେଁ, କରିବେ କଣ? ଜୀବନତ ନାଇଁ ତାଙ୍କ ହାତରେ? କେଡେ ନୃଶଂସ, ନମକହାରାମ ଲୋକଗୁଡ଼ା ସତେ! ବସନ୍ତ ଆସିଥାଏ କଲେଜରୁ । ବସିଥାଏ ପିଣ୍ଡାରେ । ସାମ୍ନାରେ ମଧୁ ସାଆନ୍ତଙ୍କୁ ଦେଖି ପିଣ୍ଡାରୁ ଓହ୍ଲେଇ ପ୍ରଣାମ କଲା। ମଧୁ ମହାପାତ୍ରେ ଦୋଚିହ୍ନା ହେଇ ପରିଚୟ ପଚାରିବାରୁ ବସନ୍ତ ତା ବାପାଙ୍କ ନାଁ କହିଲା । ବସନ୍ତ ଦେଖିଲା ମଧୁ ସାଆନ୍ତେ କିଛି କହିବାକୁ ଚାହିଁ କହି ପାରୁନାହାନ୍ତି । ତାଙ୍କ ଆଖିରେ ଢଳ ଢଳ ଲୁହ ଦେଖି ବସନ୍ତ ବୁଝି ଗଲା ସାଆନ୍ତଙ୍କ ମନ ସହ ତାଙ୍କ ଅବ୍ୟକ୍ତ ଭାଷାକୁ । ପଚାରିଲା - ଆପଣ ଏକା ଏକା ଏ ଅବସ୍ଥାରେ କୁଆଡେ ଯାଉଛନ୍ତି?

- ଜାଣେନାରେ ପୁଅ କୁଆଡେ ଯାଉଛି । କୁଆଡେ ନଉଚି ଏ ପାଦ...

- ଆପଣଙ୍କର ପୁଣି ଦୁଃଖ କଣ? ଇମିତି କହିବାର ଅର୍ଥ?

- କଣ କହିବି ପୁଅ? ଏ ଗାଁ' ପାଇଁ, ଏ ମାଟି ପାଇଁ କେବେଠୁତ ମୁଁ ଅଲୋଡ଼ା ହେଇ ସାରିଛି । ମୋ ବଞ୍ଚିବାରେ ଲୋକେ ସନ୍ତୁଷ୍ଟ ନୁହନ୍ତି । ବରଂ ଭାବୁଛନ୍ତି ମୁଁ ଏ ମାଟିର ଗୋଟେ ଅଶୁଭ ଶକୁନ। ତେବେବି ବାହାର ଲୋକଙ୍କ କଥା ଉପରେ ମୁଁ ଗୁରୁତ୍ୱ ଦଉ ନଥିଲି। ଏଥିପାଇଁଯେ ମଣିଷଠାରୁ ସ୍ୱାର୍ଥପର ପ୍ରାଣୀ ଆଉ କେହି ନାଇଁ ଏ ମାଟିରେ। ଖୁବ ଶୀଘ୍ର ଭୁଲିଯିବା ମଣିଷର ଦୁର୍ବଳତା ଓ ସ୍ୱାର୍ଥପୂର୍ଣ୍ଣ ପ୍ରକୃତି। ହେଲେ ମୋ ଆପଣା ସୃଷ୍ଟି, ମୋ ରକ୍ତଜଯେ ଇମିତି ହବ, କେବେ ଭାବି ନଥିଲି । ତାହାହିଁ ବାଧୁଛି । ପୀଡ଼ା ଦଉଚି ଅସହ୍ୟ । ମୁଁ ଚାହୁଁନି ଆଉ ମୁହୂର୍ତ୍ତେ ରହିବାକୁ ଏ ମାଟିରେ।

- ପୁଅ ବୋହୂ ଅଣହେଳା କଲେକି?

ବସନ୍ତ ପଚାରିଲା ଡରି ଡରି।

- ଆରେ ଅଣହେଳାତ ହେଲିଣି କେବେଠୁ । ସବୁ ସହି ଚାଲିଥିଲି । କାଲି ରାତିରେ ନିର୍ଘାତ ଗାଳି ଦେବା ସହ ମୋ ଖାଇବା ବନ୍ଦ କରି ଦେଲେ । ଖାଲି ମାଡ଼ ଖାଇବା ବାକି ଅଛି।

ବସନ୍ତ ଝାଉଁଳି ପଡିଲା ମଧୁ ସାଆନ୍ତଙ୍କ ଦୁଃଖରେ। ମଣିଷ ପଶୁ ଠାରୁବି ହୀନ ହେଇଗଲା? କିମିତି ଏତେ ସ୍ୱାର୍ଥପର ହୁଅନ୍ତି କିଜାଣି? ତାକୁ ବାଧିଲା ଭାରି । ଦଣ୍ଡେ ଚିନ୍ତାକରି କହିଲା -- ସାଆନ୍ତେ , ପ୍ରସ୍ତାବଟିଏ ଦେବି । ତମ ଭଲପାଇଁ । ଗ୍ରହଣ କରିପାର । ନକରିବି ପାର । ତମ ଚାହିଁବା ଉପରେ ନିର୍ଭର କରେ ।

- କି ପ୍ରସ୍ତାବ ଦବୁରେ ପୁଅ? ଦିଏ, ମୁଁ ଶୁଣେ।

- ବୃଦ୍ଧାଶ୍ରମରେ ବ୍ୟବସ୍ଥା କଲେ କିମିତି ହୁଅନ୍ତା? ସେଇଠି ବିତନ୍ତା ଅବଶିଷ୍ଟ ଜୀବନ ଶାନ୍ତିରେକ୍ଷ ଆଉ ହୀନସ୍ତା ହବାକୁ ହୁଅନ୍ତା ନାଇଁ କାହାଠାରୁ । କେତେକେତେ ବୃଦ୍ଧବୃଦ୍ଧା ଅଛନ୍ତି ସେଠି ଆଶ୍ରୟ ନେଇ । କହିଲେ ମୁଁ ବ୍ୟବସ୍ଥା କରି ଦିଅନ୍ତି । କଣ କହୁଛନ୍ତି?

ସାଆନ୍ତେ ଅନେଇଲେ ବସନ୍ତ ମୁହଁକୁ ଏକ ଗଭୀର ଦୃଷ୍ଟିରେ । କହିଲେ -- ମଧୁ ମହାପାତ୍ର କାଟିବ ଶେଷ ଜୀବନ ବୃଦ୍ଧାଶ୍ରମରେ? ଅସମ୍ଭବ । ଜୀବନଟା ଦେଇଚି ଯୋଉ ମାଟି ପାଇଁ, ତା'ଠୁ ଦୁରେଇ ଜୀବନ ଜିଇବି ବୃଦ୍ଧାଶ୍ରମରେ? ଏଡ଼େ ସ୍ୱାର୍ଥପର ହେଇ ପାରିବିନି ମୁଁ । ବଞ୍ଚିବିତ ଏଇ ମାଟିରେ । ମରିବିତ ଏଇଠି । ଏହାଠୁ ଦୁରେଇ କୋଉଠି କେବେବି ନୁହେଁ ।

- ଏବେ ଯାଉଛ କୁଆଡେ?

- ଯାଉଛି ଗାଁ ମୁଣ୍ଡ ବରଗଛ ମୂଳକୁ । ସେଇଠି ବସିବି, ଯୋଉଠି ବସି ଜୀବନ ଗୋଟା ନ୍ୟାୟ ଶୁଣେଇଛି। ଲୋକ ସବୁ ଫେରିଲେ ଧନ୍ଦାରୁ ଅଟକେଇ ଅନୁରୋଧ କରିବି, ଯଦି କିଛି କରିଥାଏ ତମ ମାନଙ୍କ ପାଇଁ,ମୋର ଶେଷ ଇଚ୍ଛା ଟିକକ ପୂରଣ କର । ଏଇଠି ଗାତଖୋଳି ମୋତେ ଦିଅ ଜୀବନ୍ତ ସମାଧି । ସମସ୍ତଙ୍କ ହାତରୁ ମାଟିପାଇ ପବିତ୍ର ହେବ ମୋ ମୃତ୍ୟୁ । ଦିଅ, ସମସ୍ତେ ମୁଠେ ମୁଠେ ମାଟି ମୋତେ ମୁଁ ମାଗୁଛି ହାତ ଯୋଡି....


ଶେଷ ବାକ୍ୟକୁ ଦୋହରେଇ ଦୋହରେଇ ସାଆନ୍ତେ ଚାଲିଲେ ଆଗକୁ । ଭେଲକା ହେଇ ଅନେଇଥାଏ ବସନ୍ତ ପଛରୁ ।

+ ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫



## ବିଜୟ କୁମାର ପଣ୍ଡା

# ମାଆ



ରାତ୍ରିକୁ ଯୌବନ ଛୁଇଁଲାଣି ବୋଧେ !!

କ୍ଲିନିକ୍‌ର ବାଲକୋନିରୁ ଠିଆ ହୋଇ ରାତିର ବୟସ ମାପୁଥିଲେ ପ୍ରଶାନ୍ତ।

କ୍ଲିନିକ୍‌ର ଶେଯରେ ବାପା ଗଣୁଥିଲେ ବାକି ଆୟୁଷ। ଦିନକୁ ଥରେ ଦୁଇ ତିନିଟା ପାଉଁରୁଟି ଆଉ କ୍ଷୀର, ତାହା ପୁଣି ଅନେକ ବାଧ ବାଧକତାରେ ଖୁଏଇବାକୁ ପଡ଼େ। ନହେଲେ ଔଷଧ କେମିତି ଖାଇବେ !!

ତା'ଛଡ଼ା ଦିନକୁ ଦୁଇଥର ଚା।

ମାଆର ହାତ ତିଆରି ଚାହା ବାପାଙ୍କୁ ଏତେ ପସନ୍ଦ !! ଭଲଥିଲା ବେଳେ ଦିନକୁ ଅନେକ ଥର ଚାହା ବରାଦ କରି ପିଅନ୍ତି ବଜାର କି ହାଟ ଚାହା ତାଙ୍କର ପସନ୍ଦ ନୁହେଁ । କୁହନ୍ତି 'ତୋ ମାଆ ହାତ ତିଆରି ଚାହାରେ ଯେଉଁ ଆପଣାପଣ ଅଛି ତାହା କଣ ବଜାର ଚାହାରେ ମିଳିବ !!'

ମାଆ ବି ଷ୍ଟୋଭଟିଏ, ଚାହା ଗୁଣ୍ଡ, ଅଦା, ଅଳେଇଚ, ଡାଳଚିନି ନେଇ ଆସିଛି। କ୍ଲିନିକ୍ ମ୍ୟାନେଜରଙ୍କୁ ଅନେକ ଗୁହାରୀ କରି ତଳ ମହଲାରେ ସିକ୍ୟୁରିଟି ଗାର୍ଡ ଘର ପାଖରେ ଚା କରିବା ପାଇଁ ଅନୁମତି ପାଇଛି।

ଆକାଶର ଛାତିଚିରି ପୁରୁବରେ ସୁରୁଜ ଉଇଁଲେଣି।

ମାଆର ଡ଼ାକ ଶୁଣି ପ୍ରଶାନ୍ତ ଦଉଡ଼ିଲା ବାପାଙ୍କ ପାଖକୁ।

ଶେଷଥର ପାଇଁ କହିଲେ 'ବାବୁରେ ମୋ ନାଁରେ ଥିବା ସବୁ ସମ୍ପତି ତୁମ ଦୁଇଭାଇଙ୍କ ନାଁରେ ମୁଁ କରିଦେଇଛି ହେଲେ ତୁମ ମା'କୁ ଦୁଇଭାଗ କରିପାରିନି। ତା କଥା ତୁମ ଦୁହିଁଙ୍କୁ ଲାଗିଲା। କେତେବେଳେ କଉ କଥା!! ଶ୍ୱାସରୁଦ୍ଧ ହୋଇ ଆସୁଥିଲା ବାପାଙ୍କର। 'ଡକ୍ଟର.. ଡକ୍ଟର..' ଧଡ଼ ପଡ଼ ହୋଇ ଡାକ୍ତରଙ୍କୁ ଡକାଡକି କଲେ। ଶେଷ ନିଃଶ୍ୱାସ ତ୍ୟାଗ କଲାବେଳେ ଅସ୍ପଷ୍ଟ ସ୍ୱରରେ ବାପା କହିଗଲେ ..' ମାଆ ତୋତେ ଲାଗିଲା।'

ମାଆ ତାଙ୍କ ପାଖେ ରହିବା ପରଠୁଁ ପ୍ରଶାନ୍ତ ଚାହା ପିଇବା ଅଭ୍ୟାସ ଆରମ୍ଭ କରିଛନ୍ତି କିନ୍ତୁ ଏଇ କେତେଦିନ ହେବ ମାଆ ହାତର ଚାହା ପିଇବାପରେ ସେ ଜାଣିସାରିଥିଲେ ମାଆ ସେମିତି କିଛି ଖାସ୍ ଚାହା ବନେଇ ପାରେନି କିନ୍ତୁ ବାପା ତା ହାତ ତିଆରି ଚାହାର ଏତେ ପ୍ରଶଂସା କେମିତି କରୁଥିଲେ କେଜାଣି । ମାଆ ଅନେକ ଦିନ ହେଲା ଏମିତି ଏକ ରୋଗରେ ଆକ୍ରାନ୍ତ ଯେ ଛୋଟରୁ ବଡ଼ ଗୁରୁତ୍ୱପୂର୍ଣ୍ଣ କଥା ସବୁ ଅତି ସହଜରେ ସେ ଭୁଲିଯାଏ। କେବେ ବିନା ଚିନିରେ ଚାହା ତ କେବେ ଚିନି ଜାଗାରେ ଲୁଣିଆ ଚାହା ତ ଆଉ କେବେ ଅଧିକ ଚିନି ଲୁଣ ମିଶା ଚାହା.. ସେଥିପାଇଁ ଆଜିକାଲି ସେ ନିଜେ ଚାହା ବନେଇ ପିଅନ୍ତି ଆଉ ମାଆକୁ ବି ଦିଅନ୍ତି।

ମାଆ ଆସି ତାଙ୍କ ସହିତ ରହିବାପରେ, ସ୍ତ୍ରୀ ମାନୁର କଟୁ ବ୍ୟବହାର ଅସହ୍ୟ ହୋଇ ପଡୁଥିଲା। ସେଥିପାଇଁ ସେ କୋର୍ଟରେ ଛାଡ଼ପତ୍ର ଦାଖଲ କରିସାରିଥିଲେ। ଛ'ମାସ ସାଥିରେ ରହିବା ପରେ କୋର୍ଟ ଶେଷ ନିଷ୍ପତ୍ତି ନେବ ବୋଲି ରାୟ ଦେଇଥିଲେ। ନିଜ ବୈବାହିକ ଜୀବନକୁ ପୁଣିଥରେ ସଜାଡ଼ି ଦେବାକୁ ଅଣ୍ଟାଭିଡ଼ି ଥିଲେ ପ୍ରଶାନ୍ତ। ବାପାଙ୍କ କଥା ମନେ ପକାଇ ମାନୁର ଅନେକ ଭୁଲ୍ ଏଡ଼ାଇ ଯାଉଥିଲେ।

ମାନୁ ତାଙ୍କ ଠାରୁ ବୟସରେ ଛଅ ସାତ ବର୍ଷ ସାନ ତେଣୁ ବୟସ ହେଲେ ଆପେ ସବୁ ବୁଝିଯିବ ଭାବି ଘରକାମ ସବୁ ଚୁପ୍ ଚାପ୍ ନିଜେ କରିନେଉଥିଲେ। ମାଆକୁ ପାଖ ବୃଦ୍ଧାଶ୍ରମରେ ଛାଡ଼ି ଆସିବାର ଜିଦ୍ କିନ୍ତୁ ତାଙ୍କୁ ଦୋଛକିରେ ପକାଇ ଦେଲା। ତାଙ୍କ ଅନୁପସ୍ଥିତିରେ ମାନୁ ବୃଦ୍ଧାଶ୍ରମରେ କଥା ଛିଡ଼େଇ ମାଆଙ୍କୁ ନେଇ ଛାଡ଼ି ଆସିଥିଲେ। ସେଦିନ ଘରକୁ ଫେରିବା ପରେ ମାଆର ତାଙ୍କ ଦୁନିଆଟା ତାଙ୍କୁ ପର ଲାଗିଲା। ଘଣ୍ଟା କଣ୍ଟା ମିନିଟ୍ କଣ୍ଟା ତାଙ୍କ ପାଇଁ ଯେମିତି ସ୍ଥାଣୁ ହୋଇଯାଇଥିଲେ। ଖେଳ ସାରି ସଂଧ୍ୟାରେ ଦଶ ବର୍ଷର ପୁଅ ଜଗା ତା ଜେଜେମାକୁ ଖୋଜି ନପାଇବା ପରେ ତାର ପ୍ରଶ୍ନର ଉତ୍ତର ବାପାଙ୍କଠାରୁ ନପାଇ ମାଆ ପାଖକୁ ଗଲା।

'ତୋ ଜେଜେମା ଏବେଠୁଁ ବୃଦ୍ଧାଶ୍ରମରେ ରହିବେ। ଏଠାରେ ତାଙ୍କର ଯତ୍ନ ନେବାକୁ କାହା ପାଖେ ସମୟ ନାହିଁ। ସବୁ କଥା ଭୁଲି ଯାଉଛନ୍ତି। ସେଠି ତାଙ୍କର ଖୁବ୍ ଭଲ ଯତ୍ନ ନିଆଯିବ ଆଉ ତାଙ୍କୁ ଭଲ ସାଥି ମିଳିଯିବେ । ସେଠାରେ ସେ ଖୁବ୍ ଭଲରେ ରହିବେ।' ଜେଜେମା ବିଷୟରେ ମାଆର ଉତ୍ତର ଶୁଣି ଖୁବ୍ କଷ୍ଟ ହେଲା ଜଗାକୁ।

'ହଉ ମାଆ ଠିକ୍ ଅଛି। ତୁ ବି ବୁଢ଼ୀ ହେଇଗଲେ ତୋତେ ନେଇ ସେଇଠି ଛାଡ଼ି ଆସିବି। ମୁଁ ତ ଅଫିସ୍ ଯିବି ଆଉ କାମରେ ବ୍ୟସ୍ତ ରହିବି। ବାପା ତ ବୁଢ଼ା ହୋଇ ଯାଇଥିବେ ନିଜ କାମ କରିପାରୁନଥିବେ। ତୋ କଥା କିଏ ବୁଝିବ?'

ଜଗାର ଉତ୍ତର ଶୁଣି ସେଇ ସଂଧ୍ୟାରେ ବୃଦ୍ଧାଶ୍ରମ ଦୌଡ଼ିଲେ ମାନୁ। ଶାଶୂଙ୍କୁ କ୍ଷମା ମାଗି ଘରକୁ ଫେରେଇ ଆଣିଲେ।


ଫେରିଲା ବେଳେ ମାଆ ତାର ହାତର ମୁଦି ଆଉ କେତେଟା ଭଲ ଶାଢ଼ୀ, ଆଉ ତା ପନ୍ ବଟୁଆ,ଏସବୁ ଭୁଲି ଛାଡ଼ି ଆସିଥିଲା ବୃଦ୍ଧାଶ୍ରମରେ । ହେଲେ ବାପାଙ୍କର ସେଇ ଫଟୋ ଯେଉଁଟା ସେ ଅନେକ ବର୍ଷ ହେଲାଣି ତା ପାଖରେ ସାଇତି ରଖିଥିଲା, ସେଇ ଫଟୋକୁ ଛାତିରେ ଜାବୁଡ଼ି ଧରିଥିଲା।

+ସମ୍ପାଦକ କନକପ୍ରଭା, ଭର୍ତ୍ତୁର୍, ବାଙ୍ଗାଲୋର
ମୋ : ୯୭୩୯୫୯୧୮୧୬

## ॥ ସ୍ମୃତି ଆଲେଖ୍ୟ ॥

# ଭାରତୀୟ ରାଷ୍ଟ୍ରବାଦର ଜନକ : ବାଲ୍ ଗଙ୍ଗାଧର ତିଳକ

### ସୌର ଚନ୍ଦ୍ର ମହାପାତ୍ର



ବାଲ ଗଙ୍ଗାଧର ତିଲକଙ୍କୁ ଭାରତୀୟ ରାଷ୍ଟ୍ରବାଦର ଜନକ କୁହାଯାଏ । ସେ ଲୋକମାନ୍ୟ ତିଲକ ଭାବେ ମଧ୍ୟ ପରିଚିତ । ଲୋକମାନ୍ୟର ଅର୍ଥ ସମଗ୍ର ଜନ ମାନସରେ ଗ୍ରହଣୀୟ ଅଦ୍ୱିତୀୟ ନେତା । ହେଲେ ବ୍ରିଟିଶ ଶାସନ ବ୍ୟବସ୍ଥାରେ ତାଙ୍କୁ ଭାରତୀୟ ଅଶାନ୍ତିର ଜନକ କୁହାଯାଉଥିଲା । ସେ ଥିଲେ ଏକାଧାରରେ ହିନ୍ଦୁ ଜାତୀୟତାବାଦୀ, ସ୍ୱାଧୀନତା ସଂଗ୍ରାମୀ, ସଂସ୍କାରକ, ଶିକ୍ଷକ, ସାମ୍ବାଦିକ ଓ ଆଇନଜିବୀ । ରାଜନୈତିକ କଠୋରପନ୍ଥୀ ଭାବେ ପରିଚିତ ତିଲକ ସ୍ୱରାଜ ସପକ୍ଷରେ ପ୍ରଥମେ ମତ ଦେଇଥିଲେ । ସେ ଏକଦା କହିଥିଲେ, ସ୍ୱରାଜ ମୋର ଜନ୍ମଗତ ଅଧିକାର, ଏହାକୁ ମୁଁ ନିଶ୍ଚିତ ଭାବେ ନେବି । ତାଙ୍କ ପିତା ଗଙ୍ଗାଧର ତିଲକ ଜଣେ ସଂସ୍କୃତ ପଣ୍ଡିତ ଥିଲେ ଏବଂ ତାଙ୍କ ବୃତ୍ତି ଥିଲା ବିଦ୍ୟାଳୟରେ ଶିକ୍ଷକତା । ଲୋକମାନ୍ୟ ତିଲକ ଗଣିତରେ ଉଚ୍ଚଶିକ୍ଷା ଲାଭ କରିଥିବା ପ୍ରଥମ ପିଢ଼ିର ଭାରତୀୟ । ସେ ପୁଣେର ଡେକାନ୍ ମହାବିଦ୍ୟାଳୟରୁ ଗଣିତରେ ଡିଗ୍ରୀ ଲାଭ କଲାପରେ ପିତାଙ୍କ ଭଳି ଶିକ୍ଷକତାକୁ ପେସା ଭାବେ ଗ୍ରହଣ କରିଥିଲେ । ତେବେ ବିଦ୍ୟାଳୟ କର୍ତ୍ତୃପକ୍ଷ ତଥା ସହକର୍ମୀଙ୍କ ସହ ଆଦର୍ଶଗତ ମତପାର୍ଥକ୍ୟ ହେତୁ ଶିକ୍ଷକତା ଛାଡ଼ି ସାମ୍ବାଦିକତା ଆରମ୍ଭ କରିଥିଲେ । ଶିକ୍ଷାର ମାନ ବୃଦ୍ଧି ପାଇଁ ତିଲକ ଡେକାନ୍ ଏଜୁକେସନ ସୋସାଇଟି ଗଢ଼ିଥିଲେ । ଧାର୍ମିକ-ସାଂସ୍କୃତିକ ନବଜାଗରଣରେ ନେତୃତ୍ୱ ନେଇଥିଲେ । ସେ କହୁଥିଲେ ଧର୍ମ ଓ ବ୍ୟକ୍ତିଗତ ଜୀବନ ପରସ୍ପର ସହ ସଂଯୁକ୍ତ । ସନ୍ନ୍ୟାସର ଅର୍ଥ ଗୃହତ୍ୟାଗ ନୁହେଁ । ରାଷ୍ଟ୍ରକୁ ଏକ ପରିବାରରେ ପରିଣତ କରିବା ହେଉଛି ପ୍ରତ୍ୟେକ ଭାରତୀୟର ଲକ୍ଷ୍ୟ । ସେ କେସରୀ ନାମକ ମରାଠୀ ଓ ମରାଠା ନାମକ ଇଂରେଜୀ ଖବରକାଗଜ ପ୍ରକାଶ କରୁଥିଲେ । ସେଥିରେ ଭାରତୀୟଙ୍କୁ ଉତ୍ତେଜିତ କରିବା ଭଳି ବ୍ରିଟିଶ ବିରୋଧୀ ନିବନ୍ଧ ଲେଖୁଥିଲେ । ଶ୍ରୀମଦ୍ ଭଗବତ୍ ଗୀତାକୁ ଉଲ୍ଲେଖ କରି ଏକଦା ଲେଖିଥିଲେ ପ୍ରଜା-ଉତ୍ପୀଡ଼କଙ୍କୁ ହତ୍ୟା କରିବା ପାପ ନୁହେଁ । ତାହା ପିଢ଼ି ଚାପେକର ଭ୍ରାତା ତ୍ରୟ - ଦାମୋଦର ହରି, ବାଲକୃଷ୍ଣ ହରି ଓ ବାସୁଦେବ ହରି ଦୁଇ ଜଣ ବ୍ରିଟିଶ ଅଫିସରଙ୍କୁ ଗୁଳି କରି ହତ୍ୟା କରିଥିଲେ । ସେମାନଙ୍କୁ ଉସକାଇଥିବାରୁ ତିଲକଙ୍କୁ ଅଠର ମାସ ଜେଲ ହୋଇଥିଲା । ୧୮୯୦ରେ ତିଲକ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ । ମହାତ୍ମା ଗାନ୍ଧୀଙ୍କୁ ସଂପୂର୍ଣ୍ଣ ଅହିଂସା ତ୍ୟାଗ କରିବା ପାଇଁ ସେ ପରାମର୍ଶ ଦେଉଥିଲେ । ମହାତ୍ମା ତାଙ୍କୁ ଗୁରୁ ଭାବେ ଗ୍ରହଣ କରିଥିଲେ ହେଁ ଅହିଂସା ପ୍ରସଙ୍ଗରେ ମନ ପରିବର୍ତ୍ତନ କରି ନଥିଲେ । ଦେଶଦ୍ରୋହ ଅଭିଯୋଗରେ ତାଙ୍କୁ ବର୍ମାର ମାଣ୍ଡାଲେକୁ ପଠାଯାଇଥିଲା । ମାଣ୍ଡାଲେ ଜେଲରେ ସେ ଛଅ ବର୍ଷ ରହିଥିଲେ । ଭାରତୀୟ ସ୍ୱାଧୀନତା ସଂଗ୍ରାମ ଠାରୁ ନିଜ ଜନ୍ମମାଟି ମୂଳକ ମାତୃଭୂମିକୁ ନିଜ ମାଆ ପରି ସମ୍ମାନ କରୁଥିବା ଏହି ବୀରପୁରୁଷ ନିଜ ଜୀବନକୁ ଏ ରାଷ୍ଟ୍ରର ସାମଗ୍ରିକ ବିକାଶ ପାଇଁ ଉତ୍ସର୍ଗ କରିଦେଇଥିଲେ। ଦିନ ଦିନ ଧରି ନିଜର ପ୍ରତିଟି ମୁହୂର୍ତ୍ତ ଜାତୀୟ ସଂଗ୍ରାମ ପ୍ରତି ଉତ୍ସର୍ଗ କରିଦେଇଥିବାରୁ ନିଜ ଦେହପାଆକୁ ସେ ଖାତିର କରିନଥିଲେ। ଯାହାଦ୍ୱାରା ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଶେଷ ସମୟ ବେଳକୁ ଉଦ୍‌ବେଗଜନକ ହୋଇପଡ଼ିଥିଲା। ସେ କହୁଥିଲେ ମୋର ପ୍ରତିଟି ନିଶ୍ୱାସ ପ୍ରଶ୍ୱାସ ଥିବା ପର୍ଯ୍ୟନ୍ତ ଭାରତ ମାଟିର ସ୍ୱାଧୀନତା ପ୍ରାପ୍ତି ପାଇଁ ବିଶ୍ରାମ ନେବି ହିଁ ନାହିଁ। କେବଳ ସଂଗ୍ରାମ ନୁହେଁ ଜାତୀୟ ସଂଗ୍ରାମକୁ ତେଜୀୟାନ କରିବା ପାଇଁ ସେ ଅନେକ କ୍ରାନ୍ତିକାରୀ ଲେଖା ମଧ୍ୟ ଲେଖି ନିଜର ସୃଜନଶୀଳତାର ଜ୍ଞାନ ପ୍ରତିପାଦିତ କରିପାରିଥିଲେ। ଯାହାକୁ ଇଂରେଜ ସରକାର ଭୟଭୀତ ହୋଇ ବ୍ୟାଜାପ୍ତ କରିଦେଇଥିଲେ। ତିଲକ୍ ମହୋଦୟଙ୍କ ଜୀବନ ବିଶେଷକରି ଆମ ସମାଜର ବିଭିନ୍ନ ମୂଲ୍ୟବୋଧ ପ୍ରତିଷ୍ଠା କ୍ଷେତ୍ରରେ ସଂଗ୍ରାମ କରୁଥିବା ବିଶେଷକରି ଯୁବବର୍ଗଙ୍କ ପାଇଁ ଆଲୋକବର୍ତ୍ତିକା ନିଶ୍ଚୟ। ୧୮୫୬ ଜୁଲାଇ ୨୩ ତାରିଖ ଦିନରେ ମହାରାଷ୍ଟ୍ର ଅନ୍ତର୍ଗତ ରତ୍ନଗିରୀ ଜିଲ୍ଲାର ଚିଖଲୀ ଗ୍ରାମରେ ଏକ ବ୍ରାହ୍ମଣ ପରିବାରରେ ତିଲକ ଜନ୍ମ ଗ୍ରହଣ କରିଥିଲେ ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ

# ମୋହିନୀ ମୋହନଙ୍କ 'ଭାଗ୍ୟ' ବିଚାର

### ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ଏଠି ମୋହିନୀ ମୋହନଙ୍କ 'ଭାଗ୍ୟ' ବିଷୟରେ ବିଚାର କରିବା ପାଇଁ ଏ ପ୍ରବନ୍ଧରେ ପରିକଳ୍ପନା କରାଯାଇ ନାହିଁ । 'ଭାଗ୍ୟ' ଶୀର୍ଷକ ପ୍ରବନ୍ଧଟିଏରେ ମୋହିନୀ ମୋହନ ଯେଉଁ ନିଜସ୍ୱ ବିଚାର ପ୍ରକଟ କରିଛନ୍ତ, ତାହା ହିଁ ଏହି ଲେଖାର ପ୍ରକୃତ ଆଧାର ।

ମଣିଷ ସୁଖଭୋଗ କରିବ ବା ଦୁଃଖ ଭୋଗ କରିବ ତାହା ପୂର୍ବ ନିର୍ଦ୍ଧାରିତ ବୋଲି ଯେଉଁମାନେ ପ୍ରମାଣ କରିଦେଇଛନ୍ତି ସେମାନଙ୍କ ସଂପର୍କରେ ପ୍ରାବନ୍ଧିକ ଦେଇଛନ୍ତି ଏକାଧିକ ଉଦାହରଣ । ମହାନ୍ ନାଟ୍ୟକାର ସେକ୍ସପିୟରଙ୍କର ନାଟକର ଏକ ସଂଳାପ ଉଦ୍ଧାର କରି ସେ ଲେଖିଛନ୍ତି- 'ଭାଗ୍ୟ ! ତୁମ୍ଭର ଶକ୍ତି ଦେଖାଅ; ଆମ୍ଭେମାନେ ନିଜର ପ୍ରଭୁ ନହୁଁ; ଯାହା ଭାଗ୍ୟରେ ଥିବ ତାହା ନିଶ୍ଚୟ ଘଟିବ ଏବଂ ସେହି ରୂପଘଟୁ । ଯୋଷେଫାଇନ୍ ତାଙ୍କ ବାଲ୍ୟ କାଳରେ ଜଣେ ବୃଦ୍ଧାର ନିକଟବର୍ତ୍ତୀ ହୋଇ ତା'ଠାରୁ ନିଜର ଭବିଷ୍ୟତ ବାଣୀ ଶୁଣିଛନ୍ତି ଏବଂ ତାହାହିଁ ତାଙ୍କ ଜୀବନରେ ଘଟିଛି ସେହିପରି । ଏହି ଭାଗ୍ୟର ନିୟନ୍ତା କିଏ ବୋଲି ପ୍ରଶ୍ନକରି ମୋହିନୀ ମୋହନ ପ୍ରାଚ୍ୟ ପ୍ରାଶ୍ଚାତ୍ୟ ଉଭୟ ପଣ୍ଡିତ ମାନଙ୍କ ମତାମତର ବିଶ୍ଳେଷଣ କରିଛନ୍ତି । ହିନ୍ଦୁମାନଙ୍କର ଧାରଣା ହେଉଛି ଭାଗ୍ୟ ପୂର୍ବ ଜନ୍ମର କର୍ମ ଅନୁସାରେ ନିର୍ଦ୍ଧାରିତ । ଏହି କର୍ମବାଦ ଯେହେତୁ ବୈଜ୍ଞାନିକ ଭିତ୍ତି ଉପରେ ସଂସ୍ଥାପିତ ନୁହେଁ, ତେଣୁ ଏହାକୁ ମୋହିନୀ ମୋହନ ଗ୍ରହଣ ଯୋଗ୍ୟ ବୋଲି ବିଚାର କରି ନାହାନ୍ତି । ପାଶ୍ଚାତ୍ୟ ପଣ୍ଡିତମାନଙ୍କର ମତ ହେଲା ଯେ କାର୍ଯ୍ୟ- କାରଣର ଶୃଙ୍ଖଳରେ ବନ୍ଧା ଏ ଜୀବନ ପୂର୍ବବର୍ତ୍ତୀ ଘଟଣାମାନଙ୍କ ଦ୍ୱାରା ନିୟନ୍ତିତ । ଏହି ଉଭୟ ଅଭିମତର ଉଲ୍ଲେଖ କରିବା ପରେ ମୋହିନୀ ମୋହନ 'ଭାଗ୍ୟ'କୁ ସ୍ୱୀକାର କରିନେଇଛନ୍ତି ବାଧ ହୋଇ । ବର୍ଣ୍ଣନା କରନ୍ତି ଯେ- 'ପ୍ରତ୍ୟେକ ବ୍ୟକ୍ତିର ଭାଗ୍ୟ ଦୁଇ ଗୋଟି କାରଣ ଦ୍ୱାରା ନିୟମିତ ହୁଏ; ପ୍ରଥମତଃ ସେ ଯେଉଁ ପ୍ରକୃତି ଘେନି ଜନ୍ମ ଗ୍ରହଣ କରେ; ଦ୍ୱିତୀୟତଃ ସେ ଯେଉଁ ପାର୍ଶ୍ୱବର୍ତ୍ତୀ ଘଟଣାବଳୀ ମଧ୍ୟରେ ଜୀବନ ଅତିବାହିତ କରେ। ଏ ଦୁଇଗୋଟି କାରଣ ମଧ୍ୟରୁ କୌଣସିଟି ତାହାର ନିଜର ଆୟତ୍ତାଧିନ ନୁହେଁ ।

ଯଦି 'ଭାଗ୍ୟ' ହିଁ ହେଉଛି ସର୍ବନିୟନ୍ତା ତାହେଲେ ମଣିଷର ପ୍ରଚେଷ୍ଟା କଣ ଅର୍ଥହୀନ ? ମଣିଷର ପାପ-ପୁଣ୍ୟ, ନିନ୍ଦା ଓ ଯଶ ପାଇଁ ମାନବ ଯେ ନିଜେ ଦାୟୀ ନୁହେଁ ଏହାକୁ ସଂସ୍କୃତ ଶ୍ଳୋକ ଉଦ୍ଧାର କରି 'ମହାଭାରତ'ର ସ୍ରଷ୍ଟା ଏ ସବୁ ନିମନ୍ତେ ଭାଗ୍ୟନିୟନ୍ତାଙ୍କୁ ଦାୟୀ କରିଛନ୍ତି । ପାଶ୍ଚାତ୍ୟ ପଣ୍ଡିତମାନେ ମାନବ ପାପ, ପୁଣ୍ୟ ପାଇଁ ପ୍ରକୃତିକୁ ଦାୟୀ କରିଛନ୍ତି । ବିଶ୍ୱ ପ୍ରକୃତି ମଣିଷ ଭାଗ୍ୟ ଓ ଭବିଷ୍ୟତକୁ ନିୟନ୍ତ୍ରଣ କରୁଥିବା ଦର୍ଶାଇ ଦେଇଛନ୍ତି ସେ । ବକ୍ଲ ନାମକ ଜଣେ ପାଶ୍ଚାତ୍ୟ ପଣ୍ଡିତ ଯେଉଁ ଭବିଷ୍ୟତ ବାଣୀ କରୁଥିଲେ ସେଥିରୁ ମଧ୍ୟ ପ୍ରତିପାଦିତ ହେଉଛି ଯେ ମାନବ ପରାଧୀନ। ତାହାର କାର୍ଯ୍ୟାବଳୀ ଗଣନା ଦ୍ୱାରା ନିର୍ମିତ କରାଯାଇ ପାରିବ ।

ମୋହିନୀ ମୋହନ ଏଠାରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ବିଶେଷଜ୍ଞ ମାନଙ୍କର ବିଶ୍ଳେଷଣକୁ ଆଧାର କରି 'ଭାଗ୍ୟ'କୁ ହିଁ ସ୍ୱୀକାର କରି ନେଇଛନ୍ତି । ମୋହିନୀ ମୋହନଙ୍କ ପରି ଜଣେ ସ୍ୱାଧୀନଚେତା ଦାର୍ଶନିକ କିପରି ଭାଗ୍ୟ'କୁ ସ୍ୱୀକାର କରିଗଲେ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ପ୍ରାଚ୍ୟ ପାଶ୍ଚାତ୍ୟ ଉଭୟ ଅଭିମତ ଅନୁଶୀଳନ କରିବା ପରେ ସେ ନିଜସ୍ୱ ସ୍ୱତନ୍ତ୍ର ଚିନ୍ତାର କୌଣସି ପ୍ରମାଣ ଉପସ୍ଥାପନ କରିପାରି ନାହାନ୍ତି । 'ଭାଗ୍ୟ'କୁ ମାନି ନେଇଛନ୍ତି ଓ ଭାଗ୍ୟ ନିଅନ୍ତା ଭଗବାନଙ୍କୁ ମଧ୍ୟ ଆଦୌ ଅସ୍ୱୀକାର କରିପାରି ନାହାନ୍ତି । ତାହେଲେ ମୋହିନୀ ମୋହନ

> **ମୋହିନୀ ମୋହନ ଏଠାରେ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ବିଶେଷଜ୍ଞ ମାନଙ୍କର ବିଶ୍ଳେଷଣକୁ ଆଧାର କରି 'ଭାଗ୍ୟ'କୁ ହିଁ ସ୍ୱୀକାର କରି ନେଇଛନ୍ତି । ମୋହିନୀ ମୋହନଙ୍କ ପରି ଜଣେ ସ୍ୱାଧୀନଚେତା ଦାର୍ଶନିକ କିପରି ଭାଗ୍ୟ'କୁ ସ୍ୱୀକାର କରିଗଲେ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ।**

'ଭାଗ୍ୟ' ସଂପର୍କରେ ତାଙ୍କ ମୌଳିକ ଚିନ୍ତନର କଣ ପରିଚୟ ଦେଇଛନ୍ତି ତାହା ଅନୁସନ୍ଧାନର ସାପେକ୍ଷ। ମୋହିନୀ ମୋହନଙ୍କ ପାଠକମାନଙ୍କ ଉଦ୍ଦେଶ୍ୟରେ ରହିଛି କି ସନ୍ଦେଶ ? ତାହା ହିଁ ଏ କ୍ଷେତ୍ରରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏକ ସାକାରାତ୍ମକ ଜୀବନଦୃଷ୍ଟି ପ୍ରକଟ କରି ପ୍ରବନ୍ଧଟିରେ ପ୍ରବନ୍ଧଟିରେ ସମାପ୍ତିରେଖା ଟାଣି ଦେଇଛନ୍ତି ସିଏ। ତାଙ୍କର ଏହି ସକାରାତ୍ମକ ଭାବନାଟି କଣ ହୋଇପାରେ ?

ତାହା ଆଉ ଅନ୍ୟକିଛି ନୁହେଁ ଅନ୍ତାସକ୍ତ ଭାବରେ ଜୀବନ ବଞ୍ଚିବାର ସମୁଚିତ ଶୈଳୀ ନିର୍ଦ୍ଧାରଣ । ତା' ଅର୍ଥ ଆମେ କେହି କାହାପ୍ରତି ଶତ୍ରୁତାର ଭାବ ରଖିବା ନାହିଁ । ଅକାରଣ କ୍ରୋଧ, ଏପରିକି କୃତଜ୍ଞତାର ଅନୁଭବରୁ ଉତ୍ତୀର୍ଣ୍ଣ ହୋଇ ସମସ୍ତ ବିଷୟ ପ୍ରତି ହୋଇ ରହିବା ଅସଂପୃକ୍ତ; ଅସଂଲଗ୍ନ ଓ ରହିବା ସର୍ବଦା ଏକ ଭାରସାମ୍ୟଯୁକ୍ତ ବ୍ୟକ୍ତିତ୍ୱ ନେଇ । ପ୍ରବନ୍ଧର ଶେଷରେ ସେ ଯାହା ଉଲ୍ଲେଖ୍ୟ କରୁଛନ୍ତି ତାହା ହିଁ ଏ କ୍ଷେତ୍ରରେ ଏକାନ୍ତ ପ୍ରାସଙ୍ଗିକ । ତାଙ୍କ ଭାଷାରେ କୁହାଯାଇ ପାରିବ ଯେ,- 'ଜ୍ଞାନୀ ଲୋକମାନେ ଭାଗ୍ୟ ସହିତ ବିବାଦ କରନ୍ତି ନାହିଁ ।' ସେଥିପାଇଁ ସମ୍ପଦରେ ଓ ବିପଦରେ, ସୁଖ ଓ ଦୁଃଖ ମଧ୍ୟରେ କୌଣସି ପାର୍ଥକ୍ୟ ଅନୁଭବ ନକରି ସମସ୍ତଙ୍କ ପ୍ରତି ହେବା ଉଦାର । ନିଜର ମାନ, ଅଭିମାନ, କେତେ ତୁଚ୍ଛାତିତୁଚ୍ଛ, ତାହା ପ୍ରତିପାଳନ କରିବା ସଙ୍ଗେ ସଙ୍ଗେ ଭାଗ୍ୟ ନିଅନ୍ତାଙ୍କ ପ୍ରତି ସମର୍ପିତ ହେବାପାଇଁ ଓ ମନୁଷ୍ୟ ଜୀବନର ଐକ୍ୟ ତଥା ସମର୍ପଣର ମହନୀୟ ଭାବ ଉଦ୍ରେକ କରି ପାରିଛନ୍ତି ସେ ।

ଭାଗ୍ୟ ଓ ଭଗବାନ ଏ ଉଭୟ ଏକ ଓ ଅଭିନ୍ନ ବୋଲି ମୋହିନୀ ମୋହନ କିପରି କରିପାରିଲେ ସ୍ୱୀକାର ? ଏହା ଠିକ୍ କଥା ଯେ ଭଗବାନ ହିଁ ହେଉଛନ୍ତି ଭାଗ୍ୟକୁ ନିୟନ୍ତ୍ରଣରେ ରଖିଛନ୍ତି ସର୍ବଶକ୍ତିମାନ ସତ୍ତା । ଯିଏ ଭାଗ୍ୟ ନିଅନ୍ତା ଭାଗ୍ୟକୁ ପରିବର୍ତ୍ତନ କରିଦେବାର ସାମର୍ଥ୍ୟରୁ କଣ ବଞ୍ଚିତ ? ଯଦି ଭାଗ୍ୟଠାରୁ ସେ ଉର୍ଦ୍ଧ୍ୱସ୍ତରର ଶକ୍ତି, ତାହେଲେ ଭାଗ୍ୟ ପରିବର୍ତ୍ତନର ଯେଉଁ କ୍ଷମତା ତାଙ୍କର ରହିଛି ତାହା ମଣିଷ ଜୀବନ ବା ପୃଥିବୀ ଉପରେ କଣ କୌଣସି ପ୍ରଭାବ ପକାଇବା ନିମିତ୍ତ ବ୍ୟବହୃତ ହୋଇପାରିବ ନାହିଁ ? ଭାଗ୍ୟକୁ ଅତିକ୍ରମ କରିଯିବାର ଯେଉଁ ସାହସ ପୌରାଣିକ ସାହିତ୍ୟରୁ ଆରମ୍ଭ କରି ସାଂପ୍ରତିକ ସାହିତ୍ୟ ମଧ୍ୟରେ ସୂଚିତ ତାହାର ଆଭାସ ସୁଦ୍ଧା ମୋହିନୀ ମୋହନ ଦେଇପାରି ନାହାନ୍ତି ଏ ପ୍ରବନ୍ଧରେ । ତେବେ ତାଙ୍କର ସକାରାତ୍ମକ ବାର୍ତ୍ତାଟି ହେଲା ଯେ ଯେହେତୁ- ଭାଗ୍ୟଚକ୍ର ମନୁଷ୍ୟର ଜୀବନ ଘୂର୍ଣ୍ଣିତ ତେଣୁ ସମସ୍ତ ପ୍ରକାରର ମାନ, ଅଭିମାନ କେତେ ତୁଚ୍ଛାତିତୁଚ୍ଛ । ଆମର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସବୁକିଛିକୁ ସମର୍ପିତ କରିଦେଇ ନିରାସକ୍ତ ଜୀବନ ଅତିବାହିତ କରିବା ପାଇଁ ତାଙ୍କ ପ୍ରେରଣା ପାଠକ ମାନଙ୍କ ନିମନ୍ତେ ଉପଯୋଗୀ ନିଶ୍ଚୟ । ଅହଂମୁକ୍ତ ଜୀବନ ଯାପନ ନିମନ୍ତେ ଏପରି ପ୍ରବନ୍ଧର ପ୍ରେରଣା ଯେ ନିତାନ୍ତ ଆବଶ୍ୟକ ଏଥିରେ ଦ୍ୱିରୁକ୍ତି ଥାଇ ପାରେନା । ଯାହା ବି ହେଉ ନା କାହିଁକି ଜୀବନ ଉଦ୍ଦେଶ୍ୟରେ ଏକ ମହାନ୍ ସନ୍ଦେଶ ଦେବା ସାହିତ୍ୟର ହୁଏ ଯଦି ପ୍ରକୃତ ଲକ୍ଷ୍ୟ, ସେଥିରେ ମୋହିନୀ ମୋହନ ସିଦ୍ଧିପ୍ରାପ୍ତ କରିଛନ୍ତି ।

+ପୂର୍ବତନ ବିଭାଗ୍ୟମୁଖ୍ୟ, ଭାଷା ଓ ସାହିତ୍ୟ ଫକୀରମୋହନ ବିଶ୍ୱବିଦ୍ୟାଳୟ

## ॥ ଚିନ୍ତନ ॥

# ଆବେଗର ନିବିଡ଼ ମୂର୍ତ୍ତି : ଜେଜେମା

### ସୌମ୍ୟସାଇ ସିଦ୍ଧାର୍ଥ ଭୂୟାଁ




ପିତୃ ଓ ମାତୃ ଦିବସ ଭଳି ଜୁଲାଇ ୨୩ରେ ପାଳିତ ହୁଏ ଜେଜେମାଆ ଦିବସ। ଏହି ଦିବସ ପାଳନ ଆମେରିକାରେ ଆରମ୍ଭ ହୋଇଥିଲା। ଏବେ ଗୁଡ଼ିଏ ଦେଶରେ ପାଳନ କରାଯାଉଛି। ଆମ ଭାରତରେ ମଧ୍ୟ କିଛି ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଏହି ଦିବସକୁ ପାଳନ କରିଥାନ୍ତି। ଓଡ଼ିଶାରେ ସରସ୍ୱତୀ ଶିଶୁମନ୍ଦିର ଅନୁଷ୍ଠାନରେ ମଧ୍ୟ ନିଜ ନିଜର ଜେଜେ ଓ ମାଆ ମାନଙ୍କୁ ବର୍ଷର ଏକ ସ୍ୱତନ୍ତ୍ର ଦିବସରେ ପାଦ ପୂଜା କରି ସେମାନଙ୍କୁ ସମ୍ମାନିତ ମଧ୍ୟ କରାଯାଏ। ଏହି ଦିବସ ଅବସରରେ ଜେଜେମାଆ ମାନଙ୍କ ସଂପର୍କରେ କେତେକ ଜଣା ଅଜଣା କଥା। ଯୁକ୍ତରାଷ୍ଟ୍ର ଆମେରିକାରେ ଜେଜେମାଆ ମାନଙ୍କର ହାରାହାରି ବୟସ ଅଠଚାଳିଶ ବର୍ଷ। ରୋମାନିଆର ତେଇଶ ବର୍ଷ ବୟସ୍କା ରିଫ୍‌କା ଷ୍ଟାନେସ୍‌କୁ ବିଶ୍ୱର ସର୍ବ କନିଷ୍ଠା ଜେଜେମାଆ ବୋଲି ବିଶ୍ୱାସ କରାଯାଏ। ବିଶ୍ୱର ଷାଠିଏ ପ୍ରତିଶତ ଜେଜେମାଆ ନିଜ ନିଜର ନାତି-ନାତୁଣୀଙ୍କ ଲାଳନ ପାଳନ ଭାର ଗ୍ରହଣ କରୁଥିବା ପ୍ରକାଶ। ଏମାନଙ୍କ ସଂଖ୍ୟା ଚାଇନାରେ ସର୍ବାଧିକ। ଯେଉଁ ଶିଶୁମାନଙ୍କର ଯେତେ ଅଧିକ ସମୟ ଜେଜେମାଆ ତଥା ଜେଜେବାପାଙ୍କ ପାଖରେ କଟେ, ସେମାନେ ଭବିଷ୍ୟତରେ ସେତେ ଅଧିକ ସଫଳ, ଶୃଙ୍ଖଳିତ ଓ ବ୍ୟବସ୍ଥିତ ହେଉଥିବା, ଏକ ସାମାଜିକ ଅଧ୍ୟୟନ ସୂତ୍ରରୁ ପ୍ରକାଶ। ୧୮୫୫ରେ ଚେକ ଲେଖିକା ବୋଜାଇନା ନିମକୋଭାଙ୍କ ଦ୍ୱାରା ରଚିତ ବବିଚିକା ଉପନ୍ୟାସ, ଜେଜେମାଆ ଉପରେ ଆଧାରିତ। ଏହି ଉପନ୍ୟାସର ଇଂରେଜୀ ଅନୁବାଦକ ନାମ ଦ ଗ୍ରାଣ୍ଡମା। ପ୍ରସିଦ୍ଧ କାର୍ଟୁନିସ୍‌ଟ ଚାର୍ଲସ୍ କୁହନ ୧୯୪୭ରେ ଗ୍ରାଣ୍ଡମା ନାମକ କମିକଷ୍ଟ୍ରିପର ପ୍ରକାଶନ ଆରମ୍ଭ କରିଥିଲେ। ୧୯୪୮-୬୯ ମଧ୍ୟରେ ଏହା ବିଶେଷ ପାଠକପ୍ରିୟତା ହାସଲ କରିଥିଲା। ୧୯୬୯ ଓ ୨୦୧୫ରେ ଗ୍ରାଣ୍ଡମା ନାମରେ ଦୁଇଟି ଫିଲ୍ମ ତିଆରି ହୋଇଥିଲା। ଗ୍ରାଣ୍ଡମା ଡକ୍ ଏକ ପ୍ରସିଦ୍ଧ ଡିଜନି କାର୍ଟୁନ।

ହୁଏତ ଏହି ଦିବସଟିକୁ ବିଧିବଦ୍ଧ ଭାବେ କେହି କେହି ଗ୍ରହଣ ନକରିପାରନ୍ତି ବା ଏହାକୁ ବିଦେଶୀ ସଂସ୍କୃତି କହି ପାରନ୍ତି। କିନ୍ତୁ ଓଡ଼ିଆ ଜନ ଜୀବନକୁ ଦେଖିଲେ ଏହା ବେଶ ସୁସ୍ପଷ୍ଟ ଜେଜେମାଙ୍କ ସହ ନାତି ନାତୁଣୀଙ୍କ ସମ୍ପର୍କ ଏପରି ହୃଦୟ ଆବେଗିକ ତାହା ଅବର୍ଣ୍ଣନୀୟ। ଯେଉଁ ଘରେ ଜଣେ ଗୃହ ମୁରବୀ ହିସାବରେ ଜେଜେମା ଥାଆନ୍ତି ସେ ଘର ଅନ୍ତତଃ ତୃତୀୟ ପିଢ଼ୀକୁ ଦେଖିଥାଏ ଏବଂ ଘର ପ୍ରୟୋଜନ ମନେ କରୁଥିବା ଅନେକ ମୂଲ୍ୟବାନ ପରାମର୍ଶ ଏହି ଜେଜେମା ମାନେ ଦେଇଥାନ୍ତି। ସେମାନଙ୍କ ବର୍ଷ ବର୍ଷର ଜୀବନ ତମାମର ଅନୁଭୂତି ଅଙ୍ଗେନିଭା କଥା ଆମ ମାନଙ୍କୁ ନିଜ ନିଜ ଜୀବନକୁ ଗଢ଼ି ତୋଳିବା ପାଇଁ ଅନେକ ପ୍ରେରଣା ଦେଇଥାଏ। ଏକ ସାଂସାରିକ ଜୀବନ ଆରମ୍ଭ ହେବା ପରେ ସେମାନଙ୍କ ପିତାମାତା ବିଶେଷ କରି ଜେଜେମା ମାନେ ଏକ ନାତିନାତୁଣୀ ଦେଖିବା ପାଇଁ ସେମାନଙ୍କର ବର୍ଷ ବର୍ଷର ପ୍ରତୀକ୍ଷା ଥାଏ। ତାଙ୍କ କୋଳକୁ ଏକ ନାତି ବା ନାତୁଣୀ ଆସିବା ପରେ ସେମାନଙ୍କ ଖୁସି ଓ ଆତ୍ମହରା ଆନନ୍ଦ ବାସ୍ତବିକ ଭୁଲି ହେବନାହିଁ। ଏକ ନିତିଦିନିଆ ଜୀବନରେ ଦେଖନ୍ତୁ ପରିଣତ ବୟସରେ ପହଞ୍ଚିଥିଲେ ମଧ୍ୟ ଜେଜେମା ଜଣଙ୍କ ସେମାନଙ୍କ ସବୁ ବ୍ୟସ୍ତତା ଭିତରେ ପ୍ରତି ମୁହୂର୍ତ୍ତରେ ଖୋଜି ବୁଲୁଥାନ୍ତି ସେମାନଙ୍କ ଆଦରର ନାତିନାତୁଣୀ ମାନଙ୍କୁ। ମୁଁ ବି ଜଣେ ଭାରି ଭାଗ୍ୟବାନ ଏପରି ଜଣେ ଜେଜେମା ପାଇଛି ଯିଏ କି ଅଶୀ ବର୍ଷ ଅତିକ୍ରମ କରିଥିଲେ ମଧ୍ୟ ଏବେ ବି ମୋ ପାଇଁ ତାର ସମସ୍ତ ପ୍ରକାର ବ୍ୟସ୍ତତା କିଛି ବଦଳି ନାହିଁ। ମୁଁ ହେତୁ ପାଇବା ପରଠାରୁ ତାର ଆଦର ସ୍ନେହ ଯତ୍ନ ପ୍ରତି ମୁହୂର୍ତ୍ତରେ ଅନୁଭବ କରିଛି। ଘର ବାହାରକୁ ଯାଇଥିଲେ ତାର ମୋ ସହ ଯୋଗାଯୋଗ ଅହର୍ନିଶ ସେ ରଖିଥାଏ ସେ ମୋ ଭଲ ମନ୍ଦ ଜାଣିବା ପାଇଁ। ଆଜିର ତଥାକଥିତ ସ୍ୱାର୍ଥ ସର୍ବସ୍ୱ ଓ ବସ୍ତୁ ସର୍ବସ୍ୱ ଜୀବନ ଭିତରେ ଏହି ଜେଜେମା ମାନଙ୍କୁ କେହି କେହି ଅଲୋଡ଼ା ଅନାବଶ୍ୟକ ମନେକରି ସେପରି କିଛି ଅଭାବନୀୟ ଦୁଃଖଦ ଘଟଣା ଗଣମାଧ୍ୟମରେ ଦେଖୁ କେବେ କେବେ ଆଖପାଖରେ ଦେଖିବାକୁ ପାଇଥାଉ। ମନର ପ୍ରତିଟି କ୍ଷଣ ଭିତରେ ଆମ ହୃଦୟର ଆବେଗ ଭିତରେ ଅହର୍ନିଶ ଆମ ଶୁଭ ମାନସିକ ରଖୁଥିବା ସେହି ଜେଜେମାଙ୍କ ପାଦ ପଦ୍ମରେ ଆମର ଭକ୍ତିପୂତ ପ୍ରଣତି।

+ସାଇ ଭବନ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୦୯୦୦୫୧୫୪୩

## ପଢ଼ିବା ପରେ..

# ସାମାଜିକ ମୂଲ୍ୟବୋଧର ନିଆରା କଥା : ମୁଠି ଚାଉଳ




କିଛି ବର୍ଷ ହେବ କବିତା, ଗଳ୍ପ, ପ୍ରବନ୍ଧ ପ୍ରଭୃତି ଲେଖି ନିଜକୁ ପରିଚିତ କରି ପାରିଥିବା ଲେଖିକା ଭିତରେ ଅମ୍ବିକା ସ୍ୱାଇଁ ଅନ୍ୟତମ । ଏପରିକି ଭଲ ଶିଶୁ କବିତା ସହିତ ଭକ୍ତି ରସାତ୍ମକ ଗୀତ ବି ସେ ଲେଖନ୍ତି। ମୁଠି ଚାଉଳ ତାଙ୍କର ଏକ ନିଆରା ଗଳ୍ପ ସଂକଳନ। ଏହା ତାଙ୍କର ପ୍ରଥମ ପ୍ରକାଶିତ ଗଳ୍ପ ବହି। ପୂର୍ବରୁ ଅନେକ ଗୁଡ଼ିଏ କବିତା ବହି ଓ ଶିଶୁ ମନଲାଖି ବହି ପ୍ରକାଶିତ। କୋଠ ଘର ପ୍ରକାଶନ ଦ୍ୱାରା ପ୍ରକାଶିତ ଏହି ସଂକଳନ ଟିରେ ଛୋଟ ବଡ ହୋଇ ସମୁଦାୟ ଅଠେଇଶିଟି ଗଳ୍ପ ପ୍ରକାଶିତ।

ପ୍ରଥମ ଗଳ୍ପ ବହିର ଶୀର୍ଷକ ଗଳ୍ପ ମୁଠି ଚାଉଳ। ଦୂର ଅତୀତକୁ ଫେରିଗଲେ ମୁଠି ଚାଉଳ ଆମ ପାଇଁ ଏକ ପରିଚିତ ଶବ୍ଦ। ସେତେବେଳେ ଅଧିକାଂଶ ପିଲା ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ଘରୋଇ ବିଦ୍ୟାଳୟଗୁଡ଼ିକର ଏତେ ପ୍ରାଧାନ୍ୟ ନଥିଲା। ପ୍ରତି ଟି ଶନିବାର ଦିନ ପିଲାମାନେ ମୁଠେ ମୁଠେ ଚାଉଳ ସ୍କୁଲ୍ କୁ ନେଇ ଯାଉଥିଲେ। ଏବେ ସେ ସବୁ ଆଉ ନାହିଁ। ଗାଳ୍ପିକାଙ୍କ ପ୍ରଥମ ଗଳ୍ପ ମୁଠି ଚାଉଳ ସେଇ ହଜିଲା ଦିନ ସବୁକୁ ମନେ ପକେଇ ଦିଏ। ଗଳ୍ପର ମୁଖ୍ୟ ଚରିତ୍ର ମିନା ପିଲା ଦିନେ ମୁଠି ଚାଉଳ ସଂଗ୍ରହ କରି ରଖିବାର ଅଭ୍ୟାସ ତାକୁ ସେବା ଦିଗରେ ଅଗ୍ରସର ହେବାର ସାହାଯ୍ୟ କରେ ଆଉ ଶେଷରେ ସେ ସମାଜ ସେବାରେ ନିଜକୁ ସମର୍ପି ପୁରସ୍କୃତ ହୁଏ।

ନିରବ ଲୋତକ ଅବାଟକୁ ଚାଲି ଯାଇଥିବା ଗୋଟିଏ କୁଳାଙ୍ଗାର ପୁଅର କାହାଣୀ। ନ ଖାଇ ନପିଇ ବାପା ବୋଉ ପିଲା ମାନଙ୍କୁ ଉଚ୍ଚ ଶିକ୍ଷିତ କରାନ୍ତି, ଆଶା ଥାଏ ସେ ଦିନେ ଶେଷ ସମୟରେ ଆଶା ବାଡି ହେବ। କିନ୍ତୁ ପୁଅ ଶିକ୍ଷିତ ହୋଇ ବାହାହୋଇ ଗଲା ପରେ ବାପା ବୋଉ ଅଲୋଡ଼ା ହୋଇ ଯାଆନ୍ତି ତାଙ୍କ ପାଇଁ। ଖୁବ୍ ମର୍ମସ୍ପର୍ଶୀ କାହାଣୀ। ନିମ୍ବ ଫୁଲର ହସ ନିଆରା କାହାଣୀଟିଏ। ସାଧାରଣ ମନେ ହେଉଥିବା ଏଇ ଗପରେ ବୁଢ଼ୀ ମା ଆଉ ତାଙ୍କ ନାତୁଣୀର ବାତ୍ସଲ୍ୟ ମମତାର କଥା ରହିଚି। ଶାଶୁ ମା ଯେତେବେଳେ ନିମ୍ବ ଫୁଲର ବରା ଖାଇବାକୁ ଇଚ୍ଛା ପ୍ରକାଶ କରିଛନ୍ତି ବୋହୂ ତାଙ୍କ ଇଚ୍ଛାକୁ ଅଣଦେଖା କରି ଚାଲି ଯାଇଚି। ଶେଷରେ ନାତୁଣୀ ତାଙ୍କର ଇଚ୍ଛାକୁ ପୂରଣ କରିବାକୁ ସକ୍ଷମ ହୋଇଚି। ପିଲା ଦିନରୁ ପରସ୍ପରଠୁଁ ଅଲଗା ହୋଇ ଯାଇଥିବା ଦୁଇ ସାଙ୍ଗ ରିତା ଆଉ ଅଳକାର କାହାଣୀ ଯୋଡ଼ି ବଣି। ପଢା ଶେଷ ପରେ ବାହା ହୋଇ ପରସ୍ପର ଠୁଁ ଅଲଗା ହୋଇ ଯାଇଥିବା ସାଙ୍ଗ ପୁଣି ଭେଟ ହୋଇଛନ୍ତି। ଏପରି ସୁଯୋଗ ଆଣି ଦେଇଛି ସେମାନଙ୍କ ପୁଅ ଝିଅର ପ୍ରେମ କାହାଣୀ।



ଅନ୍ଧ ବିଶ୍ୱାସ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର କରୁଣ ଚିତ୍ର। ଯେଉଁଠି ନିଃସନ୍ତାନ ସ୍ତ୍ରୀ ଲୋକ ଟିଏ ସମାଜ ଆଖିରେ ଡାହାଣୀ ବୋଲି ଘୃଣାର ଶିକାର ହୁଏ। ଶେଷରେ ନିର୍ଯାତନା ସହି ନପାରି ଆତ୍ମହତ୍ୟାର ବାଟ ବାଛି ନେଉଥିବା ସମୟରେ ତା କୋଳ ପୂର୍ଣ୍ଣ କରେ ଗୋଟିଏ ଅନାଥ ଶିଶୁ। ତାକୁ କୋଳେଇ କାଖେଇ ଶିକ୍ଷିତ କରି ନର୍ସ ଚାକିରି କରେଇ ସେ ପୁଣି ଫେରିଯାଏ ଗାଁ କୁ ଅନ୍ଧ ବିଶ୍ୱାସ ବିରୁଦ୍ଧରେ ଲଢ଼ି ବାକୁ।

ମଣିଷ ପଣିଆ ଗୋଟିଏ ସୁନ୍ଦର ବାର୍ତ୍ତା ବହନ କରୁଛି। ଅବିବାହିତ ମାତୃତ୍ୱ ମନରେ ଆଶାର କିରଣ ସଂଚାର କରୁଥିବା ଗୋଟିଏ ସୁନ୍ଦର କାହାଣୀ। ଘରକୁ କାମ କରି ଆସୁଥିବା କାମ ବାଲିର ରୋଗିଣା ଛୁଆକୁ ସାହାଯ୍ୟର ହାତ ବଢ଼େଇ ସହାନୁଭୂତି ସାଉଁଟି ଥିବାର କାହାଣୀ ବିବେକକୁ ପ୍ରଶ୍ନ । ଜୀବନରେ କିଛି ଲୋକଙ୍କ ଅନୁପସ୍ଥିତି ବେଳେବେଳେ ସାରା ଜୀବନ ଆମକୁ କଷ୍ଟ ଦିଏ। ସେମିତି ଏକ ମା ଛେଉଣ୍ଡ ପିଲା ସହ ଗାଳ୍ପିକାଙ୍କର ଅଚାନକ ଭେଟ, ତା ସହିତ ସଂପର୍କ ବୃଦ୍ଧି, ପୁଣି ଅଚାନକ ଗାଏବ ହୋଇ ଯିବାର ଦୁଃଖଦ ଅନ୍ତ ଗଳ୍ପ ପ୍ରଶ୍ନବାଚୀ କୁ ଆହୁରି କରୁଣ କରିଚି।

ପିଲା ବଡ ହେଲେ ମା ହାତ ରନ୍ଧା ଭୁଲି ଯାଏଁ। ତାକୁ ସୁଆଦ ଲାଗେ ପିଜା, ବର୍ଗର। ଷ୍ଟାର ହୋଟେଲ ପ୍ରେମରେ ସେ ପଡ଼େ। କିନ୍ତୁ ସେ ଭୁଲି ଯାଏଁ ଯେ ମା ହାତ ରନ୍ଧା ଖାଦ୍ୟର ସ୍ୱାଦ କୋଉଠି ନଥାଏ କାରଣ ମା ହାତ ରନ୍ଧାରେ ପନି ପରିବା ସହିତ ଥାଏ ମା ର ନିର୍ଭେଜାଲ ପ୍ରେମ।

ଅଧିକାଂଶ ଗପର ଚରିତ୍ର ସବୁ ମଧ୍ୟବିତ୍ତ ଆଉ ସେମାନଙ୍କ ଉଜୁଡ଼ା ଅସଜଡା ଜୀବନର କାହାଣୀ। କେଉଁଠି ଗାଳ୍ପିକା ସହାନୁଭୂତିର ହାତ ବଢ଼େଇଛନ୍ତି ତ କେଉଁଠି ହଜି ଯାଇଥିବା ଦିନ ସବୁକୁ ଝୁରି ହୋଇଛନ୍ତି। ଭକୁଆ ଗୋଟିଏ ନିଆରା ଗଳ୍ପ। ଲେଖକଙ୍କ ଲେଖା ଟିଏ ପ୍ରକାଶିତ ହେଲେ ପାଠକଟିଏ ପଢ଼ି ଖୁସି ହୋଇ ଫୋନ୍ କରି ବନ୍ଧୁତା ଜନ୍ମାଇବାରେ ଅସ୍ୱାଭାବିକତା ନାଇଁ। ମାତ୍ର ସେ ସଂପର୍କ ଟିକେ ଆଗେଇ ଗଲେ ମହଙ୍ଗା ସାବ୍ୟସ୍ତ ହୁଏ। ଯେମିତିକି ପାଠକ ଜଣଙ୍କ ବ୍ୟାଙ୍କ୍ ଅଫିସର କହି ଚାକିରୀ ଲୋଭ ଦେଖାଇ ଗାଳ୍ପିକାଙ୍କର ଦୁଇଜଣ ପରିଚିତଙ୍କୁ ଲୁଟି ଛନ୍ତି। ପ୍ରଥମ ଗଳ୍ପ ମୁଠି ଚାଉଳ ଠୁଁ ଶେଷ ଗଳ୍ପ କୋଥଳି ପର୍ଯ୍ୟନ୍ତ ସବୁ ଗୁଡିକରେ ଗାଳ୍ପିକା ତାଙ୍କର ଅନୁଭବ, ଅନୁଭୂତି ଆଉ ସହାନୁଭୂତି ପରସି ଦେଇଛନ୍ତି। ବହିଟିର ବହୁଳ ପ୍ରସାର କାମନା କରେ।



ସମୀକ୍ଷା:
ବିପ୍ଳବ
♥ ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

# ଗୁମର ଫିଟିବ

## ସୁବ୍ରତ ପଟ୍ଟନାୟକ



ଆମେ ଦେଖିଲୁ, ନବ ଦାସ ହତ୍ୟାକାଣ୍ଡର ଅଭିନୀତି ନାଟକ । ଏହି ରହସ୍ୟମୟ ନାଟକ ମଞ୍ଚସ୍ଥ କରିଥିଲେ । କ୍ରାଇମ୍‌ବ୍ରାଞ୍ଚ ପୁଲିସର କଳାକାର । ସ୍ଥାନ- ବ୍ରଜରାଜନଗର ଗାନ୍ଧିଛକ । ସମୟ-୨୦୨୩ ଫେବୃଆରୀ ସାତ ତାରିଖ ଅପରାହ୍ନ । ମୁଖ୍ୟ ଭୂମିକାରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ନିଲମ୍ବିତ ପୁଲିସ ଏଏସ୍ଆଇ ଗୋପାଳ ଦାସ ଓ ଅନ୍ୟମାନେ। ଗାନ୍ଧିଛକରେ ପ୍ରାୟ ତିନି ଘଣ୍ଟାକାଳ ଚାଲିଥିଲା ନାଟକ । ବିଚ୍ ରାସ୍ତାରେ ଦେଖଣାହାରି ଥିଲେ ଖଚାଖଚ୍ ।

ସମସ୍ତେ ଜାଣିଛନ୍ତି- ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ନବ ଦାସଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ୨୦୨୩ ଜାନୁଆରୀ ୨୯ ତାରିଖ ରବିବାର ଅପରାହ୍ନରେ । ହତ୍ୟାକାରୀ ବ୍ରଜରାଜନଗର ଗାନ୍ଧିଛକ ଫାଣ୍ଡି ଏଏସ୍ଆଇ ଗୋପାଳ ଦାସକୁ ଘଟଣାସ୍ଥଳରେ ପୁଲିସ କରିଥିଲା କାବୁ । ତା'ଠୁ ଜବତ କରାଯାଇଥିଲା ବ୍ୟବହୃତ ସର୍ଭିସ୍ ରିଭଲ୍‌ଭର । କୋର୍ଟରେ ହାଜର ହେବା ପରେ ପଠା ଯାଇଥିଲା ଝାରସୁଗୁଡ଼ା ଜେଲକୁ । ପୁଲିସ ତାକୁ ତିନିଥର ରିମାଣ୍ଡରେ ଆଣିଥିଲେ ବି ସତ ଓଗାଳି ପାରିନାହିଁ। ହତ୍ୟାକାଣ୍ଡର ଉଦ୍ଦେଶ୍ୟ ସମ୍ପର୍କରେ କୌଣସି ଟେର୍ ପାଉନାହିଁ । ଇତି ମଧ୍ୟରେ ଦୁଇ ମାସ ବିତି ଯାଇଥିଲେ ବି, ପୁଲିସର ହାତ ପୁରାପୁରି ଫାଙ୍କା ।

ଆମେ ଯେଉଁ ନାଟକ ଦେଖିଲୁ, ପୁଲିସ ଭାଷାରେ ତାହା 'ସିନ୍ ରିକ୍ରିଏସନ୍' । ଅର୍ଥାତ୍- ହତ୍ୟା ଘଟଣାର ପୁନର୍ବାର ରିହରସାଲ୍ ଥିଏଟର୍ ଓ ଅପେରାରେ ଆଗ ରିହରସାଲ୍, ପରେ ନାଟକ । 'ସିନ୍ ରିକ୍ରିଏସନ୍'ରେ ତାର ଓଲଟା । ନବ ଦାସ ଓ ଗୋପାଳ ଦାସଙ୍କ ସମ୍ପର୍କରେ ଆମେ କେତୋଟି ସୂଚନା ପ୍ରଦାନ କରୁଛେ । ନବଦାସ ଥିଲେ ସମ୍ବଲପୁର ଗଙ୍ଗାଧର ମେହେର କଲେଜ (ଏବେକାର ବିଶ୍ୱବିଦ୍ୟାଳୟ) ପୁରାତନ ଛାତ୍ର । ୧୯୮୨ ମସିହା କଲେଜ ଛାତ୍ର ସଂସଦ ସାଧାରଣ ସମ୍ପାଦକ ନିର୍ବାଚନରେ ସେ ହାରିଥିଲେ । ତାଙ୍କର ଶିକ୍ଷାଗତ ଯୋଗ୍ୟତା ଏମଏ ଏଲଏଲବି । ବୟସ ୫୪ । ୨୦୦୪ ମସିହାରେ ସେ ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳିରୁ କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ି ହାରିଥିଲେ । ମାତ୍ର, ୨୦୦୯ ଓ ୨୦୧୪ ବିଧାନସଭା ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀ ଭାବେ କରିଥିଲେ ବାଜିମାତ୍ । ସମଗ୍ର ପଶ୍ଚିମବଙ୍ଗ ଓଡ଼ିଶାରେ ଜାହିର୍ କରିଥିଲେ ନିଜର ଦବ୍‌ଦବା । ୨୦୧୯ ବିଧାନସଭା ନିର୍ବାଚନରେ ନବ କଂଗ୍ରେସ ଡଙ୍ଗା ଛାଡ଼ି, ବିଜେଡି ବୋଟ୍‌କୁ ମାରିଥିଲେ ଡିଆଁ। ବିଜେଡି ଟିକେଟରେ ବିଜୟୀ ହୋଇ ହାସଲ କରିଥିଲେ ହାଟ୍ରିକ୍ । ବ୍ୟାଚେଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ସେ ପାଲଟିଥିଲେ ଗେହ୍ଲାପୁଅ । ତାଙ୍କୁ ଦିଆ ଯାଇଥିଲା, ମନ୍ତ୍ରୀମଣ୍ଡଳରେ ସ୍ୱାସ୍ଥ୍ୟ ବିଭାଗର ଦାୟିତ୍ୱ । ଓଡ଼ିଶାର ବିଧାୟକ ବିଧାୟିକାମାନଙ୍କ ମଧ୍ୟରୁ ସେ ଥିଲେ ସବୁଠୁ ଧନୀ ବ୍ୟକ୍ତି । ଖଣି କାରବାର, ଲୁହା ପଥର ପରିବହନ, ହୋଟେଲ, ରିଏଲ ଇଷ୍ଟେଟ ଆଦି ତାଙ୍କର ବଡ଼ ବ୍ୟବସାୟ । ତାଙ୍କ ଉଦ୍ୟମରେ ଯେଉଁସବୁ ବିକାଶ ଘଟିଛି, ତାକୁ ଛୋଟିଆ ସ୍ତମ୍ଭରେ ବଖାଣିବା ଅସମ୍ଭବ । ଗୋଟିଏ କଥା ସ୍ୱୀକାର କରିବାକୁ ହେବ, ସେ ଥିଲେ ସାରା ଓଡ଼ିଶାର ଜଣେ ଲୋକପ୍ରିୟ ତୁଙ୍ଗ ନେତା । ତାଙ୍କର ଅକାଳ ବିୟୋଗ, ରାଜ୍ୟପାଇଁ ଏକ ଅପୂରଣୀୟ କ୍ଷତି । ଏହି ସ୍ତମ୍ଭ ମାଧ୍ୟମରେ ଆମେ ତାଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରୁଛୁ । ତାଙ୍କ ଅମର ଆତ୍ମା ସଦ୍‌ଗତି ଲାଭ କରୁ ।

ତଥ୍ୟ ଓ ଅନୁସନ୍ଧାନରୁ ଆମେ ଜାଣିବାକୁ ପାଇଛୁ, ଏଏସଆଇ ଗୋପାଳ ଦାସ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ବାସିନ୍ଦା । ୧୯୯୨ ମସିହାରେ ସେ କନଷ୍ଟେବଳ ଭାବେ ପୁଲିସ ବିଭାଗରେ ଭର୍ତ୍ତି ହୋଇଥିଲେ । ୨୦୧୩ ମସିହାରେ ତାଙ୍କର ହୋଇଥିଲା ପଦୋନ୍ନତି । ସେହିବର୍ଷ ତାଙ୍କୁ ମିଳିଥିଲା ସର୍ଭିସ୍ ରିଭଲଭର୍ । ଅତୀତରେ ସେ ବାନ୍ଧବାହାଲ ଫାଣ୍ଡି, ବନହରପଲୀ ଥାନା, କୋଲାବିରା ଥାନା ଓ ଗାନ୍ଧିଛକ ଫାଣ୍ଡିରେ ନିଯୁକ୍ତ ଥିଲେ । ଚାକିରି କାଳରେ ଉଲ୍ଲେଖନୀୟ ଅବଦାନ ଲାଗି ସେ ଅନେକଥର ପାଇଥିଲେ ପ୍ରଶଂସାପତ୍ର । ଗୁଳିଚାଳନା କ୍ଷେତ୍ରରେ ତାଙ୍କର ଥିଲା ବେଶ୍ ପାରଦର୍ଶିତା । କିଛି ବର୍ଷ ପୂର୍ବେ ଗୋପାଳଙ୍କୁ ଏଏସ୍ଆଇରୁ ଏସଆଇ ପଦକୁ ପଦୋନ୍ନତି ଆଦେଶ ଆସିଥିଲେ ହେଁ, ସେ ତାହା ଗ୍ରହଣ କରିନଥିଲେ । ବରଂ ଗାନ୍ଧିଛକ ଫାଣ୍ଡି ଏଏସ୍ଆଇ ଭାବେ କାର୍ଯ୍ୟ କରିବାକୁ ମଣିଥିଲେ ଅଧିକ ପସନ୍ଦ । ଏହାର କାରଣ ଆମକୁ ଜଣାନାହିଁ । ନବଦାସ ହତ୍ୟାକାଣ୍ଡ ପରେ ଗୋପାଳଙ୍କ ପତ୍ନୀ ମିଡିଆ ସମ୍ମୁଖରେ ସଫେଇ ଦେଇଥିଲେ- ଗୋପାଳ ମାନସିକ ରୋଗରେ ପୀଡ଼ିତ । ଚିକିତ୍ସା ଲାଗି ସେ ଛୁଟି ନେବାକୁ ଚାହୁଁଥିଲେ ହେଁ, ତାଙ୍କୁ ଛୁଟି ମିଳୁ ନଥିଲା । ତେଣୁ ସେ ଘୋର ମାନସିକ ଚାପରେ ଥିଲେ । ପୁଲିସ ରେକର୍ଡ ଅନୁଧ୍ୟାନ କରିବାରୁ ଜଣା ପଡ଼ିଛି, ଗୋପାଳ କାହାକୁ ନଜଣାଇ ଦୁଇଥର ୪ ମାସିଆ ଛୁଟିରେ ରହିଥିଲେ। ମାନସିକ ରୋଗ ଚିକିତ୍ସା ସାର୍ଟିଫିକେଟ୍ ଦାଖଲ କରି ପୁଣି କାର୍ଯ୍ୟରେ ଯୋଗ ଦେଇଥିଲେ । କ୍ରାଇମ ବ୍ରାଞ୍ଚ ପୁଲିସ ଗୋପାଳକୁ ଗୁଜରାଟ ଗାନ୍ଧିନଗର ପଠାଇ ପଲିଗ୍ରାଫ୍ ଓ ନାର୍କୋ ଆନାଲିସିସ୍ ଟେଷ୍ଟ ଆଦି କରାଇଛନ୍ତି । ସେ କଣ ଉତ୍ତର ଦେଲେ, ତାହା ଗଣମାଧ୍ୟମରେ ପ୍ରଘଟ କରାଯାଇନାହିଁ । ତଦନ୍ତ ଜାରୀ ରହିଥିବାରୁ ସେସବୁକୁ ଗୁପ୍ତ ରଖାଯାଇଥିବା କୁହାଯାଉଛି । ତେବେ, ଗୋପାଳକୁ ପରୀକ୍ଷା କରିଥିବା ଏକ ମାନସିକ ରୋଗ ବିଶେଷଜ୍ଞ ଦଳ ରିପୋର୍ଟ ଦେଇଛନ୍ତି- ଗୋପାଳ ଜଣେ ସୁସ୍ଥ ବ୍ୟକ୍ତି । ତାଙ୍କଠାରେ ମାନସିକ ରୋଗର ଲକ୍ଷଣ ନାହିଁ । ଏବେ ପ୍ରଶ୍ନ ଉଠୁଛି- ଯଦି ଗୋପାଳ ଜଣେ ମାନସିକ ରୋଗୀ, ତାକୁ ରିଭଲ୍‌ଭର୍ ଦିଆ ଯାଇଥିଲା କାହିଁକି ? ଦ୍ୱିତୀୟ ପ୍ରଶ୍ନ- ଜଣେ ମାନସିକ ରୋଗୀକୁ ନେଇ 'ସିନ୍ ରିକ୍ରିଏସନ୍' କରାଯିବାର ଉଦ୍ଦେଶ୍ୟ କଣ ? ଗୋପାଳକୁ ହତ୍ୟାକାଣ୍ଡରୁ ମୁକୁଳାଇବା ପାଇଁ 'ପାଗଳ' ନାଟକ କରାଯାଉ ନାହିଁ ତ ? ଜଣେ ମାନସିକ ରୋଗାକ୍ରାନ୍ତ ବ୍ୟକ୍ତି ଯେତେ ଜଘନ୍ୟ ହତ୍ୟାକାଣ୍ଡ ଘଟାଇଥିଲେ ବି, ତା'ର ଦଣ୍ଡକୁ କୋହଳ କିମ୍ବା ମୁକ୍ତ କରାଯିବାର ଆଇନଗତ ବିଧାନ ରହିଛି । ଏହି ଗଳାବାଟ ଦେଇ ଗୋପାଳକୁ ମୁକୁଳାଇବାର ଯୋଜନା ହେଉ ନାହିଁ ତ ?

ନବଦାସ ହତ୍ୟାକାଣ୍ଡର ପ୍ରକୃତ ମାଷ୍ଟରମାଇଣ୍ଡ୍ କିଏ କିଏ ଏହି ଷଡ଼ଯନ୍ତ୍ରକାରୀ ? ଯଦି ଗୋପାଳ ଏକୁଟିଆ ଏଭଳି ହତ୍ୟାକାଣ୍ଡ ଘଟାଇଛି, ତେବେ ତା'ର ଉଦ୍ଦେଶ୍ୟ କଣ ? ଗୋପାଳର ହାତଲେଖା ଚିରାଚିଠିକୁ ପାଇଖାନା ଟାଙ୍କିରୁ ଚାରି ଦିନ ପରେ ଉଦ୍ଧାର କରି ଫୋରେନ୍‌ସିକ୍ ପରୀକ୍ଷାଗାରକୁ ପଠା ଯିବାର କାରଣ କଣ ? ଏସବୁ ଘଟଣା ଓଡ଼ିଶାବାସୀଙ୍କୁ ବଡ଼ ବିଚିତ୍ର ଲାଗୁଛି । ହତ୍ୟାକାଣ୍ଡ ପଛରେ ବ୍ୟକ୍ତିଗତ, ରାଜନୈତିକ ନା ବ୍ୟବସାୟିକ ଶତ୍ରୁତା ରହିଛି, ତାର ଖୁଲାସା ହେଉନାହିଁ ।

ହତ୍ୟାକାଣ୍ଡର ତିନି ଦିନ ପୂର୍ବରୁ ମନ୍ତ୍ରୀ ନବଦାସ ମହାରାଷ୍ଟ୍ରର ପ୍ରଖ୍ୟାତ ଶନି ମନ୍ଦିରରେ ପୂଜାର୍ଚ୍ଚନା କରି ଠାକୁରଙ୍କୁ 'ସୁନା କଳସ' ଦାନ କରିଥିଲେ । ଶୁଣାଯାଏ, ନବୀନଙ୍କ ପରେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାପାଇଁ ନବ ଥିଲେ ଆଶାୟୀ । 'ସୁନା କଳସ' ତାଙ୍କ ଜୀବନ ପାଇଁ 'କାଳ' ପାଲଟିଥିଲା କି ? ହତ୍ୟା ଘଟଣା ପଛରେ ଏଭଳି ଅନେକ ଗୁଢ଼ ରହସ୍ୟ ଲୁଚି ରହିଛି । ଗୋଟାଏ କଥା ସ୍ପଷ୍ଟ ଦିନ ଦ୍ୱିପ୍ରହରରେ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ କରାଗଲା ଗୁଳି । ଜଣେ କର୍ତ୍ତବ୍ୟରତ ପୁଲିସ ଥିଲେ ହତ୍ୟାକାରୀ। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ହାତରେ ରହିଛି ଗୃହ ବିଭାଗ । ଖାକି ବର୍ଦ୍ଦିରେ ଲାଗିଛି କଳଙ୍କ । ତଦନ୍ତ ଦାୟିତ୍ୱ କ୍ରାଇମ୍‌ବ୍ରାଞ୍ଚ ହାତରେ । ଏଭଳି କ୍ଷେତ୍ରରେ ପ୍ରତିକୂଳ ମନ୍ତବ୍ୟ ରିପୋର୍ଟ ଦେଲେ କ୍ରାଇମ୍‌ବ୍ରାଞ୍ଚ ବଡ଼ପଣ୍ଡାଙ୍କ ମୁଣ୍ଡ ରହିବ ତ ? ଯଦି ରିପୋର୍ଟରେ ଅପରାଧୀକୁ ଘଣ୍ଟ ଘୋଡ଼ାଯାଇଛି ତେବେ ବୁଝାଯିବ ଯେ ଓଡ଼ିଶାର ଅନ୍ୟ ବିଧାୟକ ଓ ମନ୍ତ୍ରୀଙ୍କ ଜୀବନ ବି ଅସୁରକ୍ଷିତ । ଏ କ୍ଷେତ୍ରରେ ସରକାର ଓ ଗୁଇନ୍ଦା ବିଭାଗ ଅଧିକ ସତର୍କ ରହିବା ଉଚିତ । ଜୟ ଜଗନ୍ନାଥ ।

♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସ୍ମୃତି ଶତଦଳ ୨୯୭



# ମାଧୁର୍ଯ୍ୟର ମହାତୀର୍ଥ-୩

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
(ମୋ) -୯୪୩୭୦୫୫୦୦୭

ଦୁନିଆଁର ଯେଉଁ କୋଣ ଅନୁକୋଣରେ ଥିଲେ ବି' ପ୍ରତିଟି ଓଡିଆଙ୍କ ପାଇଁ ସେ ହେଉଛନ୍ତି ଏକ ଆପଣାପଣର ବିଗ୍ରହ, ହୃଦୟରେ ବସାବାନ୍ଧି ରହିଛନ୍ତି କାହିଁ କେଉଁ ଯୁଗରୁ । ପ୍ରତିଟି ମୁହୂର୍ତ୍ତରେ ଆମ ଶରୀରରେ ତାଙ୍କର ସୂକ୍ଷ୍ମ ଅବସ୍ଥିତି ହିଁ ଆମକୁ ମୋହାଚ୍ଛନ୍ନ କରି ରଖିଥାଏ କାଳ କାଳ ଧରି ତେଣୁ ତ' ବିପଦ ଆପଦ ପଡିଲେ ବରଦ ମୁଦ୍ରାରେ ସେ ଆମ ଆଗରେ ଠିଆ ହୁଅନ୍ତି ଆମ ଅଜାଣତରେ ଏବଂ ଅସୀମ ଶକ୍ତି ଯୋଗାଇ ଦିଅନ୍ତି ଆମକୁ ସେ ବିଷମ ପରିସ୍ଥିତିକୁ ସାମ୍ନା କରିବାକୁ ।

ବହୁଦୂରରୁ ଦେଖିଲେ କି ଅବା ଏକାଗ୍ର ଚିତ୍ତରେ ମନ ପରଦାରେ ତାଙ୍କୁ ବିହ୍ୱଳ ଭଳି ଦର୍ଶନ କଲେ, ତାଙ୍କ ଦେହରୁ ଏକଦୀପ୍ତ ସ୍ଫୁରଣ ଝରି ଝରି ଯାଏ ଆମକୁ ଆପ୍ଳୁତ କରି ଏବଂ ସାରା ଦେହ ସେ ଆଗ୍ନେୟ ତେଜରେ ଛଳଛଳ, ଅମୃତ୍ତ ଓ ପ୍ରାଣବନ୍ତ ହୋଇଯାଏ । ସେଇ ପରମାତ୍ମା ଚିରକାଳ ଥିବେ ଆମ ଭିତରେ, ଆମ ବାହାରେ ଏବଂ ସାରା ବିଶ୍ୱ ଓ ଅନ୍ତରୀକ୍ଷରେ । ତାଙ୍କ ଶରୀର ଖୁବ୍ ଜ୍ୟୋତିଷ୍ମାନ, ତାଙ୍କର ଦୁଇଟି ଚକ୍ଷୁ ଚନ୍ଦ୍ର ଓ ସୂର୍ଯ୍ୟ ଯାହା ଅପଲକ ଦୃଷ୍ଟିରେ ଓ ନିର୍ନିମେଷ ନୟନରେ ଅନାଇ ରହିଥାଏ ଓ ପଲକ ଉହାଡରେ ଭକ୍ତମାନଙ୍କୁ ଆଉଜାଇ ନେଉଥାଏ ନିଜ ଯାଦୁକରୀ ଦୃଷ୍ଟି ପାତରେ । ସେଇ ଚକ୍ଷୁ ଦୁଇଟି ମଧ୍ୟ ଦୀପ୍ତିମାନ । ତାଙ୍କ ଆଖି ସହ ଆଖି ମିଶିଗଲେ ଦେହରେ ତଡିତ୍ ପ୍ରବାହ ଖେଳିଯାଏ । ଗାଢ ବଉଦ ବକ୍ଷରେ ଚପଳାର ଦୀପ୍ତ ସ୍ଫୁରଣ ଭଳି ଚାହୁଁ ଚାହୁଁ ଭକ୍ତ ଦେହରେ ବିଦ୍ୟୁତ୍ ସଂଯୋଗ ହୋଇଯାଏ ଏବଂ ସଙ୍ଗେ ସଙ୍ଗେ ଭକ୍ତକୁ ଭାବାବେଗ କରି ପକାଏ । ପ୍ରଭୁଙ୍କର ଆକର୍ଷଣ ଶକ୍ତି ପ୍ରତିଟି ଲୋମ କୂପକୁ ଉନ୍ମାଦ କରିଦିଏ । ମେଘ ବର୍ଣ୍ଣର ଅନ୍ତରୀକ୍ଷରେ ଘଡିଟିଏ ବୁଲାଇ ଆଣି ପୁଣି ମହାଶୂନ୍ୟରେ ଝୁଲାଇ ରଖେ ।

ବେଳେବେଳେ ଶ୍ରୀମନ୍ଦିରରେ ପାହାଚ ପରେ ପାହାଚ ଚଢି ବାଇଶି ପାହାଚ ଅତିକ୍ରମ କଲାବେଳେ ଗରୁଡ ସ୍ତମ୍ଭ ପାଖରେ ଠାକୁରଙ୍କୁ ନିଜ ହୃଦୟ ସଂପୂର୍ଣ୍ଣ ଭାବରେ ସମର୍ପଣ କଲାବେଳେ ଭୁଲି ହୋଇଯାଏ, ବର୍ତ୍ତମାନ, ଅତୀତ ଓ ଭବିଷ୍ୟତ । ଲାଗେ କେବଳ ଏମିତି ହାତପାତି ଠିଆ ହୋଇଥାନ୍ତି ପ୍ରଣତ ମୁଦ୍ରାରେ କାଳ କାଳ ଶେଷ ହୋଇଯିବା ଯାଏଁ, ଏମିତିକି ତାଙ୍କ ଦୃଷ୍ଟିରେ ବିଲୀନ ହୋଇଯିବା ଯାଏଁ । ରଜତ ଗିରିନିଭ ବଡ ଠାକୁର ବଳଭଦ୍ର ଶାକମ୍ଭରୀ ମା' ସୁଭଦ୍ରା ଓ ଚକାନୟନଙ୍କୁ ଦେଖିଲାବେଳେ କେବଳ ସେ ହିଁ ଦୃଷ୍ଟି ଗୋଚର ହୁଅନ୍ତି । ସେଇ ମହାମହିମଙ୍କୁ କେତେ କ'ଣ ମାଗିବି ବୋଲି ତାଲିକା କରୁଥିବା ବେଳେ କାଳିଆ ସାଆଁଙ୍କର ଦୁଇଟି ଆଖିରେ ଭକ୍ତଟିଏ ବିଲୀନ ହୋଇଯାଏ। ପାତି ଦେଇଥିବା ଚିରୁଡାଏ ପଣତକାନିରେ କେବଳ କୈବଲ୍ୟ ଟିକକ ହିଁ ମହାର୍ଘ ପ୍ରସାଦ ହୋଇ ପ୍ରାପ୍ତ ହୋଇଥାଏ । ସେତେବେଳେ ସବୁ ହାତପାତି ମାଗିବାର ଲମ୍ବା ତାଲିକା ଉଭେଇ ଯାଏ, ସବୁକିଛି ଭୁଲି ହୋଇଯାଏ, ବର୍ତ୍ତମାନ , ଅତୀତ ଓ ଭବିଷ୍ୟତ । ଲାଗେ କେବଳ ସେ ହିଁ ଅଛନ୍ତି ଏ ସାରା ବିଶ୍ୱରେ । ସତରେ ସମସ୍ତଙ୍କ ଆଗରେ କି ନଗଣ୍ୟ ମୋର ମାଗିବା ପଣ ।

ଯେତେବେଳେ ରଥଯାତ୍ରା ସମୟରେ ପ୍ରଭୁ ପରମାତ୍ମା ଜୀବାତ୍ମାକୁ କୋଳେଇ ନେବାକୁ ଚାହାନ୍ତି ବା' ଜୀବାତ୍ମା ସାଙ୍ଗରେ ମିଳିତ ହେବାକୁ ଚାହାନ୍ତି, ଏକ ଅନନ୍ୟ ଭଙ୍ଗୀରେ ଧାଡି ପହଣ୍ଡିରେ ରତ୍ନସିଂହାସନରୁ ସେ ଓହ୍ଲାଇ ଆସନ୍ତି । ଅଗ୍ରଜ ବଳଭଦ୍ର, ଅନୁଜା ମା' ସୁଭଦ୍ରା ଓ ଆୟୁଧରାଜ ସୁଦର୍ଶନ ଏମିତି ଗୋଟିଏ ପରେ ଗୋଟିଏ ଦେବତା ତରତର ହୋଇ ଆସନ୍ତି । କିନ୍ତୁ ମନ୍ଦିରକୁ ଯିବାବେଳେ ଜୀବାତ୍ମା ଠାରୁ ପରମାତ୍ମା ଦୂରେଇ ଯିବାବେଳେ ଏକା ଏକା ଯାଆନ୍ତି ମନଦୁଃଖରେ 'ଗୋଟି ପହଣ୍ଡିରେ' । ଏ ଜଗତରେ ଯେତେ ଭିନ୍ନ ଭିନ୍ନ ଜୀବାତ୍ମା ଅଛନ୍ତି ଯେଉଁ ଜାତିର ଯେଉଁ ଧର୍ମର ଯେଉଁ ଭାଷାର ହେଲେ ମଧ୍ୟ ସମସ୍ତଙ୍କୁ ଆଧ୍ୟାତ୍ମିକ ଆଧିଦୈବିକ ତଥା ଆଧିଭୌତିକ ପ୍ରେରଣା ଯୋଗାଇଥାନ୍ତି ପରମାତ୍ମା ।

ଠିକ୍ ଯେମିତି ମା'ଟିଏ ତା' ଗର୍ଭରେ ଶିଶୁଟିକୁ ବଢାଇଥାଏ, ତା' ଜରାୟୁରେ ଥିବା ଗର୍ଭଫୁଲରୁ ନାଭିରଜ୍ଜୁ ଟିଏ ବାହାରି ଶିଶୁ ନାଭିରେ ସଂଯୁକ୍ତ ହୋଇଥାଏ ଏବଂ ସେଇ ନାଭିରଜ୍ଜୁ ଦେଇ ହିଁ ମା' ଦେହରୁ ସବୁ ସାରାଂଶ ତକ ଶିଶୁଟି ପାଇଥାଏ । ସେହିପରି ମତେ ଲାଗେ ସେଇ ଅନନ୍ତ, ଅବ୍ୟକ୍ତ, ଅଲୌକିକ ପରମାତ୍ମା ବା' ପରଂବ୍ରହ୍ମ ହିଁ ସାରା ବିଶ୍ୱର ଗର୍ଭଫୁଲ ଯାହାର ନାଭିରଜ୍ଜୁ ଦେଇ ସମଗ୍ର ଜୀବଜଗତ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ପୋଷକ ଶକ୍ତି ପାଇଥାନ୍ତି । ତାଙ୍କରି ଇଙ୍ଗିତରେ ଏ ସମଗ୍ର ଜଗତ ପ୍ରତିପାଳିତ ହୋଇଥାଏ । ସେ ହିଁ ବିଶ୍ୱର ଏକମାତ୍ର ବିଶାଳ ପଦ୍ମଫୁଲ ଭଳି ଗର୍ଭଫୁଲ ଯାହା ସହସ୍ର ସହସ୍ର ନାଭିରଜ୍ଜୁ ହୋଇ ସାରା ଜଗତର ଜୀବାତ୍ମା ମାନଙ୍କୁ ଜୀବନ ଦାନ କରିଥାନ୍ତି ।

ଯେଉଁ ପତିତମାନେ ଶ୍ରୀମନ୍ଦିରକୁ ପ୍ରବେଶ କରିପାରନ୍ତି ନାହିଁ, ସେଇମାନଙ୍କୁ ଦର୍ଶନ ଦେବା ପାଇଁ ତଥା ପତିତ ଉଦ୍ଧାରଣ ପାଇଁ ପାବନ ମନ୍ତ୍ରରେ ଦୀକ୍ଷିତ ହୋଇ ସେ ସମସ୍ତଙ୍କର ସାଯୁଜ୍ୟ ମୁକ୍ତି ପାଇଁ ଏ ରଥଯାତ୍ରା କରିଥାନ୍ତି ଏବଂ ଔଦାର୍ଯ୍ୟ ଲୀଳାରେ ତଥା ନିଜ ଉଦାର ପଣରେ ସମସ୍ତଙ୍କୁ ମୁକ୍ତି ଦେଇଥାନ୍ତି ।

କଳିଯୁଗରେ ପରଂବ୍ରହ୍ମ ସାଜି ସେଇ ନିଳାଦ୍ରୀ ଶେଖର ଚୂଡାମଣି, ସେଇ କୋଟି କୈବଲ୍ୟନାଥ, ସେଇ ସାରା ଜଗତର ନାଥ ଶ୍ରୀ ଶ୍ରୀ ପୁରୁଷୋତ୍ତମ ହିଁ ଘନନୀଳ ବିଗ୍ରହରେ ନିଳାଦ୍ରୀ ଶିଖରରେ ନୀଳାଚଳରେ ନିଳାଦ୍ରୀ ମଣ୍ଡପରେ ବିଜେ କରିଛନ୍ତି ନିଜର ସମସ୍ତ ଐଶ୍ୱର୍ଯ୍ୟ ଲୀଳା ମାଧୁର୍ଯ୍ୟ ଲୀଳା ଓ ଔଦାର୍ଯ୍ୟଲୀଳା ନେଇ । ତ୍ରେତୟା ଯୁଗରେ ସେଥିଲେ ରାମ ଅବତାରରେ 'ମର୍ଯ୍ୟାଦା ପୁରୁଷୋତ୍ତମ', ଦ୍ୱାପର ଯୁଗରେ କୃଷ୍ଣ ଅବତାରରେ ଥିଲେ 'ଲୀଳା ପୁରୁଷୋତ୍ତମ' ଓ କଳି ଯୁଗରେ ସେ ହୋଇଛନ୍ତି ଶ୍ରୀ ଶ୍ରୀ ପୁରୁଷୋତ୍ତମ, ପ୍ରଭୁ ଜଗନ୍ନାଥ । ଶ୍ରୀ ଶ୍ରୀ ନୀଳାଂଜନ ହେଉଛନ୍ତି ଦେବର ପ୍ରଣବ ଓଁକାର ସବୁ ଶବ୍ଦର ସବୁଜ ଝଙ୍କାର ଓ ସବୁ ସଂଜୀବନୀ ମନ୍ତ୍ରର ମଧୁର ସଂବୋଦନ । ସେ ଚିରକାଳ ଅନନ୍ୟ ଓ ଅତୁଳନୀୟ ।

(କ୍ରମଶଃ)

> କଳିଯୁଗରେ ପରଂବ୍ରହ୍ମ ସାଜି ସେଇ ନିଳାଦ୍ରୀ ଶେଖର ଚୂଡାମଣି, ସେଇ କୋଟି କୈବଲ୍ୟନାଥ, ସେଇ ସାରା ଜଗତର ନାଥ ଶ୍ରୀ ଶ୍ରୀ ପୁରୁଷୋତ୍ତମ ହିଁ ଘନନୀଳ ବିଗ୍ରହରେ ନିଳାଦ୍ରୀ ଶିଖରରେ ନୀଳାଚଳରେ ନିଳାଦ୍ରୀ ମଣ୍ଡପରେ ବିଜେ କରିଛନ୍ତି ନିଜର ସମସ୍ତ ଐଶ୍ୱର୍ଯ୍ୟ ଲୀଳା ମାଧୁର୍ଯ୍ୟ ଲୀଳା ଓ ଔଦାର୍ଯ୍ୟଲୀଳା ନେଇ ।

## ଧାରାବାହିକ ଅନୁବାଦ ଉପନ୍ୟାସ-(୩୧)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଳେ





ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

(୩୧)

ମାଆ ପାଇଁ, ମୋର ଜଣେ ବନ୍ଧୁ ଗୋଟେ ଶାଢି କିଣିଥିଲେ। ସେଇ ମିତ୍ର ଜଣକ ପେସାରେ ଥିଲା ପୋଷ୍ଟମ୍ୟାନ୍ । ତାର ନାଁ ଥିଲା ନେଟାବଟେ । ସିଏ ତାର ଦୁଇ ଝିଅଙ୍କର ବାହାଘର କରିଥିଲା। ମାଆକୁ ଡାକିଥିଲା ଖାଇବାକୁ। ସିଏ ମାଆକୁ ନେବା ପାଇଁ ନିଜ ପୁଅକୁ ପଠେଇଥିଲା । ସେଇ ପିଲାଟି ସହିତ ମାଆ ଖାଇବାପାଇଁ ଗଲା। ଫେରିବା ସମୟରେ ସାଙ୍ଗରେ ଶାଢି ନେଇକରି ଆସିଲା। ତାର ଏମିତି ଶାଢି ନେଇକି ଆସିବାଟା ମୋତେ ଟିକେ ଭଲ ଲାଗିଲାନି। ମୁଁ ଏ ବିଷୟରେ କିଛି କହିବାକୁ ନିଜକୁ ବିରତ କଲି। ଆଗରୁ ପିନ୍ଧିବା ପାଇଁ ମାଆକୁ ଶାଢ଼ି ମିଳୁ ନଥିଲା। ଗୋଟିଏ ଶାଢ଼ିକୁ ବାରମ୍ବାର ସିଲେଇ କରି ପିନ୍ଧିବାକୁ ପଡୁଥିଲା ତାକୁ। ବୋଧହୁଏ ସେଇଥିପାଇଁ ଶାଢି ପ୍ରତି ଅହେତୁକ ଆକର୍ଷଣ ସୃଷ୍ଟି ହୋଇଥିବ ତା ମନରେ। ସିଏ ଯେବେ ନାସିକ୍‌ର ମୋ ଘରକୁ ଆସେ ମୁଁ ତା ପାଇଁ ଶାଢି କିଣିଆଣେ। କେବେ କେବେ ତ ଦୁଇ, ଦୁଇ ଖଣ୍ଡ ଶାଢି କିଣେ। ତା ଛଡ଼ା ସିଏ ଯେତେବେଳେ ମୋର କୌଣସି ବନ୍ଧୁ ଘରକୁ ଯାଏ ସେମାନେ ମଧ ତାଙ୍କୁ ଶାଢି ଦିଅନ୍ତି। ଶିବାନୀ ଲାଣ୍ଡେ, ସଂଜୟ କୁମାର, ଯୁବରାଜ ବାବା, କମଲ କାଲେ ପରି କେତେ ଜଣ ଏମିତି ମାଆ ପାଇଁ ଶାଢ଼ି ଆଣୁଥିଲେ। ସେମାନଙ୍କ ଠାରୁ ଶାଢି ନେଲାବେଳେ ମାଆ ଟିକେ ହେଲେ ଅପ୍ରତିଭ ଲାଗୁ ନଥିଲା। ମୋ ପାଖରେ ବହୁତ ଶାଢି ଅଛି। ମୋପାଇଁ କାଇଁ ପୁଣି ଶାଢି ଆଣୁଛ। ମାଆ ଏମିତି କେବେ ହେଲେ କହିବାର ମୁଁ ଶୁଣି ନଥିଲି। ଶାଢ଼ି ପ୍ରତି ଏତେ ଲୋଭ କାହିଁକି ମାଆ ମନରେ। ଏ କଥା ମୁଁ ବୁଝିପାରୁ ନଥିଲି। ଶେଷରେ ଦିନେ ମୁଁ ଏମିତି ମାଆକୁ ପରିଦେଲି, "ମାଆ,କାହିଁକି ତୁ ସାଇତିଛୁ ଏତେ ଏତେ ଶାଢ଼ି ?"

"ଆରେ... ଯଦି କେହି ଜଣେ ଇଚ୍ଛା କରୁଛି ଦେବାକୁ ତେବେ ତା' ମନରେ ଦୁଃଖ କାହିଁକି ଦେବ । ନେଇ ଯିବା ଉଚିତ୍।

"ହେଲେ ତୋ ପାଖରେ ତ ବହୁତ ଶାଢ଼ି ଅଛି ।"

"ହେଲେ ଦେଉଥିବା ଲୋକଟି କେତେ ଖୁସିରେ ଦେଉଛି ।"

"ହଁ... କିନ୍ତୁ, ତୁ ଏତେ ଶାଢି ରଖି କଣ କରିବୁ ?"

"ନିଜର ଶବ ଉପରେ ଗୁଡ଼େଇବି ।"

"ତୁ ଏମିତି ଦେହଜଳା କଥା ସବୁ କାହିଁକି କହୁ କହିଲୁ ?"

"ନ ହେଲେ ଆଉ କଣ କହିବି କହ ?"

"ତେବେ ଠିକ୍ ଠିକ୍ କହନା ମୋତେ ।"

"ତୁ ତୋ ଭଉଣୀ ଶକୁକୁ ଦେଖିବାର କେତେ ବର୍ଷ ହେଲାଣି ?"

"ହୁଁ, ପନ୍ଦର ବର୍ଷ ହେଇଯିବ ବୋଧେ ।"

"ନିଜ ଭଉଣୀ ସାଙ୍ଗେ ଦେଖା କରିବାକୁ, ତାକୁ ନିଜ ପାଖକୁ ଡାକିବାକୁ କେବେ ଇଚ୍ଛା ହୁଏନି ତୋର ?"

"ସିଏ ଦୂରରେ ରହୁଛି । ଆଉ ମୋତେ ସମୟ ମିଳୁନି ।"

"ତୋ ଭଉଣୀକୁ ଲାଗୁଥିବ ତାର ଭାଇ ତାକୁ ବାପଘରକୁ ଡାକୁ... ଶାଢ଼ି-ବ୍ଲାଉଜ୍ ଦଉ... ହେଲେ ତୋର କଣ କେବେ ମନେପଡ଼େ ତା କଥା ?

"ମୋର ତା କଥା ମନେପଡ଼େ । ହେଲେ ମୁଁ ବହୁତ ଦୂରରେ ଅଛି ।"

"ଦୂର ମାନେ କେତେ ଦୂର ? ଚନ୍ଦ୍ରରେ ତ ନୁହେଁ ନା ?"

"ହଁ, ହେଲେ ମୁଁ ତାକୁ ଭୁଲିଛି କେଉଁଠି ?"

"ଆରେ ଭୁଲିନାହୁଁ... ଏ କଥା ସତ... ହେଲେ ଦେଖାତ କେବେ କରିନାହୁଁ ନା ।"

"ହେଲେ , ନୋଟାବଟି ଠାରୁ ଶାଢି ନେବା ସହିତ ୟାର କଣ ସମ୍ପର୍କ ?"

"ଅଛି ନା ... ନାହିଁ କେମିତି ?"

"କ'ଣ ସମ୍ପର୍କ ଅଛି ?"

ମୋତେ ଯେଉଁ ସବୁ ଶାଢି ମିଳେ ତାକୁ ମୁଁ କେବେ ହେଲେ ପିନ୍ଧେନାହିଁ। ନିଜର ଗରୀବ ଝିଅମାନଙ୍କୁ ଦିଏ। ପର୍ବ-ପର୍ବାଣୀରେ ଯେତେବେଳେ ସେମାନେ ଆସନ୍ତି,ସେମାନଙ୍କର ଅଶା ଥାଏ। ତୋ ସାଙ୍ଗରେ ତ ଭେଟ ହୁଏନି। ତୁ ଲୁଗାପଟା କିଛି ଦଉନା। ମୁଁ ଯଦି ତୋଅରି ପରି ବ୍ୟବହାର କରିବି ତେବେ କେମିତି ଚଳିବ ? ମୁଁ ତ ମାଆ ନା ଯେବେ ଯାଏ ମୋର ପିଣ୍ଡରେ ପ୍ରାଣ ଅଛି ବାପଘରକୁ ଛଡ଼େଇବି ନାଇଁ ସେମାନଙ୍କ ଠାରୁ । ମୋତେ ମିଳିଥିବା ଶାଢ଼ି ସବୁ ମୁଁ ସାଇତି ସମ୍ଭାଳି ରଖେ। ଏସବୁ ଦାମୀକା ଶାଢ଼ି। ଏମିତି ସବୁ ଶାଢି ମୋ ଝିଅମାନେ କେଉଁଠୁ ପାଇବେ ଭଲା ? ମୋ ପାଖରେ ସାଇତା ହୋଇଥିବା ଶାଢିକୁ ମୁଁ ସେମାନଙ୍କୁ ଦେଇଦିଏ। ଆଉ ସେମାନଙ୍କୁ ଏ କଥା ବି କହେ ଯେ, ୟା'କୁ ସେମାନଙ୍କର ଭାଇ ଦେଇଛି... ମୁଁ ନିଜ ନାଁରେ ଦିଏନି ଶାଢ଼ି ସବୁ। କାଲିକୁ ଯଦି ମୁଁ ମରିବିଯାଏ ତୋ ଭଉଣୀମାନଙ୍କର ମନରେ ତୋ ପାଇଁ ଭଲପାଇବା ରହିବ।

ମାଆର ଏଇ ଦୁଇପଦ ଉତ୍ତର ଶୁଣି ମୋ ସାମ୍ନାରେ ସାରା ଦୁନିଆଁ ଗୋଲାକାର ହୋଇ ବୁଲିବାକୁ ଲାଗେ। ସତକୁ ସତ ଭଉଣୀ ସହିତ ମୋର ଦେଖା କେଉଁ ଯୁଗରୁ ହୋଇନାହିଁ । ନ ଦେଖା ହେବା ପଛରେ କୌଣସି ଘଟଣା ନାହିଁ। ଲଢ଼େଇ ଝଗଡ଼ା ବି ନାହିଁ। ଛୋଟ ଭଉଣୀ ଥରେ ଦୁଇଥର ଆସି ନାସିକ ବୁଲି ଯାଇଛି। ହେଲେ ମଝିଆ ଭଉଣୀ କେବେ ହେଲେ ଆସିପାରିନାହିଁ। ମୋର ସେଇ ଭଉଣୀ ସବୁଠାରୁ ଗରୀବ। ସିଏ ତା ଜୀବନରେ ମୋତେ କେବେ କିଛି ମାଗି ନ ଥିଲା । କେବେ ନିଜର ଦାରିଦ୍ର୍ୟତା କଥା କହି ନଥିଲା ମୋ ଆଗରେ। କେବେ କୌଣସି ଜିନିଷ ପାଇଁ ଜିଦ୍ କରି ନଥିଲା। ଚିହ୍ନାଜଣା ଲୋକଙ୍କ ସହିତ ଦେଖା ହେଲେ ମୋ ବିଷୟ ପଚରାଉଚରା କରୁଥିଲା। ଆଉ ସେମାନଙ୍କ ହାତରେ କହି ପଠାଉଥିଲା ଭାଇକୁ କହିବ, "ତାଙ୍କୁ ଡାଇବେଟିସ୍, ସିଏ ନିଜର ଯତ୍ନ ନେବେ" ମୋ ପିଲାମାନଙ୍କ ବିଷୟରେ ବି ପରି ବୁଝୁଥିଲା। ତା' ନିଜର କଷ୍ଟ ଓ ଅସୁବିଧା ବିଷୟରେ କୌଣସି ବ୍ୟାଖ୍ୟା ନ ଥିଲା ତା'ର ସନ୍ଦେଶରେ। ହେଲେ ତା' କଥା ଏବେ ଯାଏଁ ମୋ ମନକୁ କିପରି ଆସି ନଥିଲା। ଚାକିରି ଆଉ ନିଜର ପିଲାମାନେ, ନିଜର ଘର-ସଂସାର ଭିତରେ ଏତେ ବେଶୀ ବାନ୍ଧିହୋଇ ରହିଯାଉ ଆମେ। ସେଥିପାଇଁ ମାଆ ସବୁବେଳେ ଅଭିଯୋଗ କରୁଥିଲା, ବାହାର ଦୁନିଆଁ ସାରା ଦୀପ ଜଳେଇବାର ବୁଦ୍ଧି ଅଛି, ଭାଷଣ ଦେବାର ବୁଦ୍ଧି ଅଛି, ବହି ଲେଖିବାର ବୁଦ୍ଧି ଅଛି, ମାଆ ଉପରେ ଚିଡ଼ିବାର ବୁଦ୍ଧି ଅଛି, ବୁଦ୍ଧି ଖାଲି କମ୍ ହେଉଯାଉଛି ନିଜର ଭାଇ ଭଉଣୀଙ୍କ ବିଷୟରେ ଚିନ୍ତା କଲାବେଳକୁ। ମୋତେ ଲାଗୁଛି ମାଆ ଏକଦମ୍ ସତକଥା କହିଛି। ହେଲେ ମନିଅର୍ଡରରେ ଟଙ୍କା ପଠେଇ ସମସ୍ତଙ୍କର ଘରସଂସାର ଚଳେଇ ପାରିବି ସେପରି ବଡ଼ ଲୋକ ବି ନୁହେଁମୁଁ । ମାଆ ସେଇ କଥା ବୁଝୁଥିଲା.. ଆରେ କିଛି ଦେଇକାହାରି ଘରସଂସାରକୁ କେହି ଚିରଦିନ ପାଇଁ ଚଳେଇ ପାରିବନାହିଁ ।ହେଲେ ଭଲ-ମନ୍ଦ ଦୁଇ/ଚାରି ପଦ କଥା ହେଇଗଲେ କଣ ପଇସା ପଡୁଛି ? ବନ୍ଧୁବାନ୍ଧବ ସମ୍ପର୍କ ଆଉ ଥାଏ କଣ ପାଇଁ ?

ସତକୁ ସତ କାହିଁକି ତିଆରି କରାଯାଇଛି ଏଇ ବନ୍ଧୁବାନ୍ଧବ ସମ୍ପର୍କର ମାୟାଜାଲ ? ମାଆ ନିଜ ଅନୁସାରେ ସାଇତି ସମ୍ଭାଳି ରଖିଥିଲା ନିଜର ସଂପର୍କକୁ। ସିଏ ମୋର ମାଉସୀମାନଙ୍କ ଘରକୁ ଯାଉଥିଲା। ମାମୁଁ ଘରକୁ ଯାଉଥିଲା। କୌଣସି ସମ୍ବନ୍ଧୀୟଙ୍କର ମୃତ୍ୟୁରେ ସେଠିକି ଯାଉଥିଲା। ସମାଜରେ ରହିବାକୁ ହେଲେ ବନ୍ଧୁବାନ୍ଧବ ସମ୍ପର୍କକୁ ଜୀବିତ ରଖିବାକୁ ହେବ ସେଥିପାଇଁ ଏସବୁ କରିବାକୁ ପଡେ.. ମଣିଷକୁ ଶତ୍ରୁ ଜ୍ଞାନ କଲେ କିମ୍ବା ଅସାମାଜିକ ହେଲେ ଚଳିବନାହିଁ ।ଏହା ହିଁ ମାଆର ତତ୍ତ୍ୱଜ୍ଞାନଥିଲା ।

ମୁଁ ଦୀପାବଳିରେ ମୋର ଛୋଟ ଭଉଣୀଙ୍କୁ ତାର ପିଲାମାନଙ୍କ ସହିତ ଆସିବାକୁ କହିଲି। ସେମାନଙ୍କୁ କହିଲି ଯେତେଦିନ ଇଚ୍ଛା ଖୁସିରେ ରୁହ ଏଇଠି। ତାକୁ, ତା'ର ପିଲାମାନଙ୍କୁ ଓ ସ୍ୱାମୀକୁ ଲୁଗାପଟା ଦେଇ ବିଦାକଲି। ସେମାନେ ଖୁବ୍ ଖୁସି ହେଲେ। ମୋର ପତ୍ନୀର ଛୋଟ ଭଉଣୀ ବି ତାର ସ୍ୱାମୀ ଓ ପିଲାଙ୍କୁ ନେଇ ଆସିଲା। ସିଏ ବି ରହିଲା ପାଞ୍ଚ / ଛଅ ଦିନ। ସମସ୍ତେ ଖୁସି ହୋଇଥିଲେ ଖୁବ୍। ଗୋତାବାଲାରେ ରହିବା ପରେ ମୋତେ ମଝିରେ ମଝିରେ ବାଧବାଧକତାରେ ଛୁଟି ନେବାକୁ ପଡୁଥିଲା। ମଝିରେ ମଝିରେ ସ୍ତ୍ରୀକୁ ବି ଛୁଟି ନେବାକୁ ପଡୁଥିଲା । ଆମର ଘରସଂସାରରେ କେଉଁଠି ଗୋଟେ ଫାଟ ସୃଷ୍ଟି ହେବାକୁ ଲାଗିଥିଲା, ଏମିତି ମୋତେ ଲାଗୁଥିଲା। ଭୋର ପାଞ୍ଚଟାରେ ମୋର ପତ୍ନୀ ଉଠି ଯାଉଥିଲା। ଦୁଇ ଛୁଆଙ୍କ ପାଇଁ ଟିଫିନ୍ ତିଆରି କରୁଥିଲା। ପୁଣି ମୋର ଆଉ ତାର ନିଜର ଟିଫିନ୍। ମୋର ଜଳଖିଆ ପାଇଁ କିଛି ତିଆରି କରୁଥିଲା। ପିଲାଙ୍କୁ ନିଦରୁ ଉଠେଇ ରେଡ଼ି କରୁଥିଲା। ନିଜେ ବି ରେଡ଼ିହୋଇ ସାଢ଼େ ଦଶଟାରେ ଘରୁ ବାହାରି ଯାଉଥିଲା। ଏଇ ସବୁ ଘଟଣାକ୍ରମ ଯଦି ଘଡ଼ିର ଘଣ୍ଟା କଣ୍ଟା, ମିନିଟ୍ କଣ୍ଟା ସହିତ ତାଳ ଦେଇ ଲୁଥିଲା ତେବେ ସିଏ ସାତପୁର ଯିବା ପାଇଁ ବସ୍ ପାଉଥିଲା। ଆଉ ଯଦି ସେଇ ବସ୍ ଧରି ପାରୁ ନଥିଲା ତେବେ ଆଉ ସାତପୁର ଯିବାପାଇଁ ବସ୍ ନଥିଲା। ସ୍କୁଲ୍‌ରେ ଅନୁପସ୍ଥିତି ପଡି ଯାଉଥିଲା। ଡେରିରେ ପହଞ୍ଚିଲେ ଲେଟ୍ ମାର୍କ ହେଉଥିଲା।


(କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ୧୬ ନଂ ଜାତୀୟ ରାଜପଥରେ ସେତୁ ଭୁଶୁଡିବା ଘଟଣା : ଘଟଣାସ୍ଥଳରେ ତିନି ଜଣିଆ ଏକ୍ସପର୍ଟ ଟିମର ତଦନ୍ତ

ଧର୍ମଶାଳା, ୨୨/୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ କୁଆଖିଆ ନିକଟରେ ୧୬ ନଂ ଜାତୀୟ ରାଜପଥରେ ସେତୁ ଭୁଶୁଡିବା ଘଟଣାକୁ ୫ ଦିନି ବିତି ଯାଇଛି । ଏହି ଘଟଣାକୁ ନେଇ ବିଜେଡି ଏକ ପ୍ରତିବାଦ ସଭାରେ ଏହି ସେତୁର କାରଣ ଖୋଜିବାକୁ ଯାଂଚ ଟିମର ତଦନ୍ତ କରିବା ସହ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ । ଫଳରେ ଆଜି ଏକ ତିନି ଜଣିଆ ଏକ୍ସପର୍ଟ ଟିମ୍ ଘଟଣାସ୍ଥଳରେ ପଂହଚି ତଦନ୍ତ ଆରମ୍ଭ କରିଛି । ଏହି କ୍ରମରେ ଘଟଣାସ୍ଥଳରେ ବିଶେଷଜ୍ଞ ପ୍ରତିନିଧି ଦଳ ଏହାର କାରଣ ଖୋଜିଛନ୍ତି । ଦିଲ୍ଲୀ ଓ କୋଲକାତାରୁ ଆସିଥିବା ଏହି ପ୍ରତିନିଧି ଦଳ ଆଜି ଅପରାହ୍ନ ୩ଟା ସମୟରେ ଘଟଣାସ୍ଥଳରେ ପଂହଚି ଥିଲେ । ସେତୁର ଉପରିଭାଗ ଓ ତଳ ଅଂଶକୁ ଯାଇ ମାପଚୁପ କରିଥିଲେ । ଏବଂ ସେତୁ ନିର୍ମାଣ ସମୟରେ ବ୍ୟବହୃତ ହୋଇଥିବା ସଂମେଂଟ ଓ ଲୁହାଛଡ ସହ ଅନ୍ୟାନ୍ୟା ସାମଗ୍ରୀ ଜବତ କରି ଯାଂଚ କରିଥିଲେ । ଏହା ସହିତ ସେତୁ କେଉଁ ସ୍ଥାନରୁ ଫାଟିଛି ଓ ଭାଙ୍ଗିଥିବା ଅଂଶକୁ ଯାଂଚ କରି ଏହାର ଫଟୋ ଉଠାଇଥିବା ଜଣାପଡିଛି । ୨୦୦୭-୦୮ ମସିହାରେ ଏଠାରେ ସେତୁ ନିର୍ମାଣ ହୋଇଥିଲା । ମାତ୍ର ୧୫ ବର୍ଷ ପୂର୍ବରୁ କାହିଁକି ସେତୁ ଦବି ଗଲା ସେ ନେଇ ପ୍ରଶ୍ନ ଉଠିଥିଲା । ଏହି ଟିମ ଗ୍ରସ୍ତ ସମୟରେ ଜାତୀୟ ରାଜପଥ ପ୍ରାଧିକରଣ ଆଂଚଳିକ ଅଧିକାରୀ ବିରେନ୍ଦ୍ର ସିଂ,ପ୍ରକଳ୍ପ ନିର୍ଦ୍ଦେଶକ ଜେପି ବର୍ମାଙ୍କ ସହ ବହୁ ଅଧିକାରୀ ସାମିଲ ହୋଇ ତଦନ୍ତ କରି ଫେରିଯାଇ ଥିଲେ । ଆଜି ଏହି ଏକ୍ସପର୍ଟ ଟିମ ଯାଂଚ ପରେ ବରିଷ୍ଠ ଅଧିକାରୀଙ୍କ ନିକଟରେ ରିପୋର୍ଟ ଦାଖଲ କରିବେ । ଏକ ସପ୍ତାହ ମଧ୍ୟରେ ସେତୁ ଭାଙ୍ଗିବାର କାରଣ ଜଣାପଡିବା ସହ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି । ସୂଚନା ଥାଉକି, ଗତ ୧୮ ତାରିଖ ଦିନ ସକାଳ ସମୟରେ ଯାଜପୁର ଜିଲା ରସୁଲପୁର ବ୍ଲକ କୁଆଖିଆ ନିକଟରେ ସେତୁଟି ହଠାତ୍ ଭୁଶୁଡି ଯାଇଥିଲା । ଏଥିରେ କୌଣସି କ୍ଷତି ହୋଇ ନଥିଲା । ତେବେ ଏହି ସେତୁର ସ୍ଥାୟୀତ୍ୱକୁ ବିଭିନ୍ନ ମହଲରୁ ତ୍ରୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଅବହେଳା ,ନିମ୍ନମାନ କାର୍ଯ୍ୟ,ନିୟମିତ ଯାଂଚ କରାନଯିବା ଯୋଗୁଁ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଥିଲା ।

# ହଳଦୀପଦା ଅଗ୍ରୱାଲା ସରକାରୀ ଉଚ୍ଚ ବିଦ୍ୟାଳୟ ଜନମହୋତ୍ସବରେ ଯୁଗଶ୍ରୀ ଟ୍ରଷ୍ଟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର, ୨୨/୦୭ (ନି.ପ୍ର): ବିଶ୍ୱରେ ପର୍ଯ୍ୟାବରଣ ଓ ଜଳବାୟୁ ପରିବର୍ତ୍ତନ ଏକ ବିକଟ ସମସ୍ୟା ସୃଷ୍ଟି କରିଥିବାରୁ ଏହାର ସଫଳ ମୁକାବିଲା ପାଇଁ ବୃକ୍ଷରୋପଣ ଓ ସବୁଜିମା ସୁରକ୍ଷା ଦିଗରେ ଗୁରୁତ୍ୱ ଦେବାପାଇଁ ପରିବେଶବିତ୍‌ମାନେ ମତ ପୋଷଣ କରିଛନ୍ତି । ଆଜି ସେହି କ୍ରମରେ ହଳଦୀପଦା ଅଗ୍ରୱାଲା ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍କୁଲ୍‌ର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର, ଛାତ୍ରୀ, ଅଭିଭାବକ ଓ ଯୁଗଶ୍ରୀ ଟ୍ରଷ୍ଟର ସଦସ୍ୟମାନେ ଉପସ୍ଥିତ ରହି ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥବଲେ । ପ୍ରଧାନଶିକ୍ଷକ ଶ୍ରୀ ଜୟନ୍ତ ବିଶ୍ୱାଳ ବିଷୟ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲାବେଳେ ଯୁଗଶ୍ରୀ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀମତୀ ମମତା ମହାପାତ୍ର, ସମାଜସେବୀ ଶ୍ରୀମତୀ ପ୍ରତିମା ପଣ୍ଡା, ଶ୍ରୀମତୀ ସ୍ମୃତି ଦାସ, ଶିକ୍ଷୟିତ୍ରୀ ଶ୍ରୀମତୀ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ପରିବେଶ ସୁରକ୍ଷା ଓ ବୃକ୍ଷର ଏଥିପାଇଁ ଅବଦାନ ସଂପର୍କରେ ବର୍ଣ୍ଣନା କରିବା ସଙ୍ଗେସଙ୍ଗେ ଛାତ୍ରଛାତ୍ରୀମାନଙ୍କୁ ଏ ସମ୍ପର୍କରେ ଶପଥପାଠ କରାଇଥିଲେ । ଛାତ୍ରଛାତ୍ରୀଙ୍କୁ ଉପହାର ସ୍ୱରୂପ ଚାରା ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମ ଓ ସଚେତନତା ସଭାକୁ ଶ୍ରୀମତୀ ରଶ୍ମିତା ପାତ୍ର, ରବୀନ୍ଦ୍ର ନାଥ ପ୍ରଧାନ, ସୁଚିସ୍ମିତା ପାତ୍ର, ଅଙ୍କିତା କମିଲା, ପ୍ରତିଭା ମାନ୍ନା, ଇତିଶ୍ରୀ ପଣ୍ଡା, ଖଗପତି ମହନ୍ତ, ଭବାନୀ ଶଙ୍କର ରଥ, ସୁଜାତା ଦାସ ଅଧିକାରୀ, ଜୟଶ୍ରୀ ଜେନା, ରଶ୍ମିରଞ୍ଜନ ଦାସ ପରିଚାଳନା କରିଥିଲେ । ଟ୍ରଷ୍ଟି ଗୀତାଞ୍ଜଳି ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ମଣିପୁରରୁ ଆସିଲା ....

କେହି ବି ଘଟଣା ବିଷୟରେ ପୁଲିସ୍‌କୁ କହି ନଥିଲେ । କିନ୍ତୁ ଦୁଇ ପୀଡ଼ିତାଙ୍କ ମଧ୍ୟରୁ ଜଣଙ୍କ ମା' ମେ' ୧୬ ତାରିଖରେ ସାଇକୁଲ ପୁଲିସ ଷ୍ଟେସନରେ ଏଫଆଇଆର କରିଥିଲେ । ଏଫଆଇଆରରେ କୁହାଯାଇଛି ଯେ ତାଙ୍କ ଝିଅ ଓ ଆଉ ଜଣେ ଯୁବତୀଙ୍କୁ ଦୁଷ୍କର୍ମ ପରେ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରାଯାଇଛି । ଏଥିସହ ସେମାନଙ୍କୁ ଭୟଙ୍କର ନିର୍ଯାତନା ମଧ ଦିଆଯାଇଥିଲା । ଏହି ମାମଲାକୁ ଇମ୍ଫାଲ ଇଷ୍ଟ ଜିଲ୍ଲାର ପୋରୋମପାଟ ପୁଲିସ୍ ଷ୍ଟେସନକୁ ସ୍ଥାନାନ୍ତର କରାଯାଇଥିଲା । ଦୁଇ ଯୁବତୀଙ୍କୁ ଦୁଷ୍କର୍ମ ପରେ ହତ୍ୟା କରାଯାଇଥିଲେ ମଧ ଏଯାଏ ସେମାନଙ୍କ ମୃତଦେହ ଜବତ କରାଯାଇ ପାରିନି । ସେହିପରି ପୁଲିସ୍ ଏହି ଘଟଣାରେ କାହାକୁ ବି ଗିରଫ କରିପାରିନି ।

## ରାଜ୍ୟ କଂଗ୍ରେସ ଦି'ଫାଳ...

ନିଲୟନକୁ ବିରୋଧ କରିଛନ୍ତି କଂଗ୍ରେସ କର୍ମୀ । ହଜାରେରୁ ଅଧିକ କଂଗ୍ରେସ କର୍ମୀ ମୌନ ପ୍ରତିବାଦ କରି ନିଲୟନ ହଟାଇବାକୁ ଦାବି କରିଥିଲେ । ଏଠାରେ ନିଜେ ମୋକିମ ଯୋଗ ଦେଇ କହିଥିଲେ, ମୁଁ କଂଗ୍ରେସର ଜଣେ ସଚ୍ଚୋଟ କର୍ମୀ । ମୁଁ କେବେ ବି ଦଳ ବିରୋଧୀ କାମ କରିନି । ନିଲୟନ ସତ୍ତ୍ୱେ ବି ସେ କଂଗ୍ରେସରେ ଅଛନ୍ତି ଆଉ ଆଗକୁ ରହିବେ । ଦଳର କିଛି ଲୋକ ତାଙ୍କୁ ଇର୍ଷାନ୍ୱିତ ହୋଇ ଏପରି କରିଛନ୍ତି । ଅନ୍ୟପଟେ କଂଗ୍ରେସରେ ବର୍ତ୍ତମାନ ସମାନ୍ତରାଳ ସଭା ଓ ପ୍ରତିବାଦ ଚାଲିଥିବାରୁ ଦଳ ବିଭାଜନ ଭଳି ସ୍ଥିତି ଉପୁଜିଲାଣି । ନିର୍ବାଚନ ପୂର୍ବରୁ ଏହା ଦଳ ପାଇଁ ଭାରି ପଡିପାରେ ବୋଲି ରାଜନୈତିକ ସମୀକ୍ଷକ ମତ ରଖିଛନ୍ତି । କଂଗ୍ରେସ କନ୍ଦଳ ଛିଡିବା ବଦଳରେ ବଢି ବଢି ଚାଲିଛି । ଏଭଳି ସ୍ଥଳେ ଦଳ କିପରି ବିଦ୍ରୋହୀଙ୍କୁ ମ୍ୟାନେଜ କରି ନିର୍ବାଚନକୁ ଓହ୍ଲାଇବେ ତାହା ବଡ ପ୍ରଶ୍ନ । ତେବେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଦଳରେ କୌଣସି ଲୋକ ଅସନ୍ତୁଷ୍ଟ ନାହାନ୍ତି । ଦଳରେ ସମସ୍ତେ ସନ୍ତୁଷ୍ଟ ଅଛନ୍ତି । ଯାହା ବି ହୋଇଛି ତାହା କଂଗ୍ରେସ ପରିବାର କଥା ।

## ଏୟାରପୋର୍ଟରୁ ଧରାପଡ଼ିଲା ....

ତଦନ୍ତ ଆରମ୍ଭ କରିଛନ୍ତି । ଏତେ ପରିମାଣର ବିଦେଶୀ ଟଙ୍କା କେବେ ହେଲେ ଭାରତର କୌଣସି ଏୟାରପୋର୍ଟରୁ ଜବତ କରାଯାଇ ନଥିଲା । କିନ୍ତୁ ଦିଲ୍ଲୀ ଏୟାରପୋର୍ଟରୁ ଶୁକ୍ରବାର ଏପରି ଘଟଣା ଘଟିଛି । ଅଟକ ଥିବା ୩ ବିଦେଶୀ ନାଗରିକଙ୍କ ମଧ୍ୟରେ ଜଣେ ନାବାଳକ ଥିବା ଜଣାପଡ଼ିଛି ।

## ବେଙ୍ଗଲ ଭାଇରାଲ ...

ଏହାପରେ ହିଁ ସ୍ଥାନୀୟ ମହିଳା ଦୋକାନୀମାନେ ଉଭୟଙ୍କୁ ପ୍ରବଳ ପିଟିଥିଲେ । ପଶ୍ଚିମବଙ୍ଗ ପୁଲିସ୍ କହିଛି, "ମାଡ଼ ଖାଇବା ପରେ ଦୁଇ ମହିଳା ଉକ୍ତ ଅଞ୍ଚଳ ଛାଡ଼ି ଚାଲି ଯାଇଥିଲେ । ସେମାନେ କୌଣସି ପ୍ରକାରର ଅଭିଯୋଗ କରି ନଥିଲେ । ସେହିପରି ସ୍ଥାନୀୟ ଦୋକାନୀମାନେ ମଧ ଚୋରି ସମ୍ପର୍କରେ କିଛି ବି ପୁଲିସ୍ ?କୁ କହି ନଥିଲେ । ପୁଲିସ୍ ନିଜ ଆଡୁ ଘଟଣାର ଯାଞ୍ଚ କରି ୫ ଜଣଙ୍କୁ ଗିରଫ କରିଛି ।"

# ମୟୂରଭଞ୍ଜକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଆନ୍ଦୋଳନ



ବାରିପଦା , ୨୨/୦୭ (ନି.ପ୍ର): ମାସାଆର୍ମୀର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ଆହ୍ୱାନ କ୍ରମେ ମୟୂରଭଞ୍ଜକୁ ପୁଣିଥରେ ସ୍ୱତନ୍ତ୍ର ରାଜ୍ୟ କରିବା ପାଇଁ ଚାଲିଥିବା ଆନ୍ଦୋଳନ ରେ ଗାଁଗାଁ ରେ ଆଦିବାସୀ ମାନଙ୍କର ଜାହିରା ପିଠରେ ମାରାଂବୁରୁ ଏବଂ ଜାହେର ଆୟ ଙ୍କୁ ପ୍ରାର୍ଥନା କରାଯିବା ସହିତ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ କରାଯାଉଛି । ଏହିକ୍ରମରେ ଆଜି ଶୁଳିଆପଦା ବ୍ଲକ ଅନ୍ତର୍ଗତ ଗଣ୍ଡିଆଡିହା ଗ୍ରାମବାସୀଙ୍କ ପକ୍ଷରୁ ଗ୍ରାମର ଜାହିରା ପୀଠରେ ପୂଜାର୍ଚ୍ଚନା କରାଯାଇଛି । ଏହି ପୂଜାର୍ଚ୍ଚନା ଓ ପ୍ରାର୍ଥନା କାର୍ଯ୍ୟକ୍ରମ ଉକ୍ତ ଗ୍ରାମର ମାଝୀବାବା ବାଜୁନ କିସ୍କୁ ଙ୍କ ତତ୍ତ୍ୱାବଧାନରେ ପୂଜକ ନାୟକେ ବାବା ନବିନ ସରେନ ପୂଜା କରିଥିଲେ । ସାମୁରାମ ହେମ୍ବ୍ରମ, ମାଝୀବାବା ଲକ୍ଷ୍ମଣ ହେମ୍ବ୍ରମ, ସପନ ମୁର୍ମୁ, ସୁପାଇ ହେମ୍ବ୍ରମ, ପାରାନ ହେମ୍ବ୍ରମ, ବାଜାଲ୍ ସରେନ, ରାଜେନ୍ଦ୍ର ସରେନ, ସୁନିଲ ହାଁସଦା ପ୍ରମୁଖ ଆଜିର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ମାସାଆର୍ମୀ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି, ଶୁଳିଆପଦା ବ୍ଲକ ସଭାପତି କିରଣ କୁମାର ମାରାଣ୍ଡି, କୃଷ୍ଣ ଟୁଡୁ, ରାମ ସରେନ ପ୍ରମୁଖ ଯୋଗଦେଇ ମାରାଂବୁରୁ ଓ ଜାହେର ଆୟଙ୍କୁ ପ୍ରାର୍ଥନା କରିଥିଲେ । ମୟୂରଭଞ୍ଜ ରେ ନିର୍ବାଚନ ଲଢୁଥିବା ଯେକୌଣସି ରାଜନୈତିକ ଦଳ ଯଦି ମୟୂରଭଞ୍ଜ ସ୍ୱତନ୍ତ୍ର ରାଜ୍ୟ ଦାବିକୁ ସମର୍ଥନ ନକରନ୍ତି ତାହେଲେ ଆଗାମୀ ନିର୍ବାଚନରେ ସେମାନଙ୍କୁ ଅସହଯୋଗ କରାଯିବ ବୋଲି ଜାହିରା ପିଠରେ ଶପଥ ଗ୍ରହଣ କରାଯାଇଛି ।

# ସିପିଆଇ (ଏମ)ର ଦୁଇଦିନିଆ ଜିଲ୍ଲାସ୍ତରୀୟ ଶିକ୍ଷା ଶିବିର ଅନୁଷ୍ଠିତ




ନୀଳଗିରି, ୨୨/୦୭ (ନି.ପ୍ର): ସିପିଆଇ (ଏମ )ନୀଳଗିରି ଆଞ୍ଚଳିକ କମିଟି ଆୟୋଜନରେ ପଞ୍ଚଲିଙ୍ଗେଶ୍ୱର ପାନ୍ଥନିବାସ ଠାରେ ୨ଦିନିଆ ଜିଲ୍ଲାସ୍ତରୀୟ ଶିକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୁଲାଇ ୨୧ଓ ୨୨ଦୁଇଦିନ ଧରି ଅନୁଷ୍ଠିତ ବୈଠକକୁ ସାଥୀ ବିଜୟ ପାତ୍ର ସଭାପତିତ୍ୱ କରିଥିଲେ । ପ୍ରଥମଦିନ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ ଉଦଘାଟନ କରିଥିଲେ । ଏହି ବୈଠକର ଦ୍ୱିତୀୟ ଦିବସରେ ବରିଷ୍ଠ ବାମପନ୍ଥୀ ନେତା ତଥା ସାମ୍ୟବାଦୀର ପୂର୍ବତନ ସମ୍ପାଦକ, ସ୍ତମ୍ଭକାର, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତି ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ କେନ୍ଦ୍ର ସରକାରଏବଂ ଆରଏସଏସ ର ହିନ୍ଦୁ ଓ ହିନ୍ଦୁତ୍ୱବାଦ ନୀତି ଉପରେ ଆଲୋଚନା କରିଥିଲେ । ମଣିପୁର ହିଂସାରେ କେନ୍ଦ୍ର ସରକାର ଅସଫଳ ରହିବା ସହିତ ଆଗାମୀ ୨୪ ସାଧାରଣ ନିର୍ବାଚନରେ ଦଳ ନୀଳଗିରି ଓ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରିବାକୁ ବ୍ୟାପକ ପ୍ରସ୍ତୁତି କରିବାକୁ ଆଲୋଚନା କରିଥିଲେ । ଏଥିସହିତ ନୀଳଗିରି ପ୍ରଜା ଆନ୍ଦୋଳନର ଅନ୍ୟତମ ବରିଷ୍ଠ ନେତା ଓ ବାମପନ୍ଥୀ ଆନ୍ଦୋଳନର ସାରଥୀ ସ୍ୱର୍ଗତ ବନମାଳୀ ଦାସଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଆସନ୍ତା ଅଗଷ୍ଟ ୨୯ତାରିଖ ରେ 'ସ୍ୱାଧୀନ ଭାରତ ଓ ଆଜିର ଭାରତ'ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବବୋଲି ଏହି ଶିକ୍ଷା ଶିବିରରେ ସ୍ଥିର କରାଗଲା । ପାର୍ଟିର ସଂଗଠନ ଓ ସମ୍ବିଧାନ ଉପରେ ଜିଲ୍ଲା ସମ୍ପାଦକ ଶିଶିର ହୁଇ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କମିଟି ସଭ୍ୟ ସୀତାଂସୁ ସେନାପତି, ଜିଲ୍ଲା କମିଟି ସଭ୍ୟ ଯୋଗାନନ୍ଦ ଦାସ, ଜ୍ୟୋତିର୍ମୟ ରାଉତ, ସତ୍ୟଜିତ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଏହି ଶିବିରରେ ବହୁ କର୍ମୀ ଯୋଗଦାନ କରିଥିଲେ ।

# ଖତଗଦାରୁ ନବଜାତ ଶିଶୁକନ୍ୟା ଉଦ୍ଧାର

ମାଲକାନଗିରି, ୨୨/୦୭ (ନି.ପ୍ର): ପୁଣି ଅଲୋଡ଼ା ହେଲା ନବଜାତ ଶିଶୁକନ୍ୟା । ଜରି ବସ୍ତାରେ ବାନ୍ଧି ଏକ ନବଜାତ ଶିଶୁକନ୍ୟାକୁ ଖତଗଦାରେ ଫିଙ୍ଗି ଦିଆଯାଇଥିବା ବେଳେ ଶନିବାର ସ୍ଥାନୀୟ ଲୋକଙ୍କ ଦ୍ୱାରା ଏହି ଶିଶୁକନ୍ୟା ଉଦ୍ଧାର କରାଯାଇଛି । ମିଳିଥିବା ସୂଚନା ମୁତାବକ, ମାଲକାନଗିରି ଜିଲା ସଦର ମହକୁମା ତଳସାହି ଠାରେ ଅଳିଆ ଆବର୍ଜନାପୂର୍ଣ୍ଣ ଏକ ଖତଗଦାରେ ଶିଶୁକନ୍ୟାର କାନ୍ଦ ଶୁଭିଥିଲା । ଭୋର ପ୍ରାୟ ୪ଟା ସମୟରେ ସ୍ଥାନୀୟ କିଛି ପରିବାର କାନ୍ଦ ଶୁଣି ପ୍ରଥମେ ସାହି ପଡ଼ିଶା ଘରେ କେହି ଜଣେ ଶିଶୁ କାନ୍ଦୁଥିବା ଅନୁମାନ କରିଥିଲେ । କିନ୍ତୁ, ଅନବରତ କାନ୍ଦ ଶୁଣି କିଛି ଲୋକେ ଲାଇଟ ଧରି କାନ୍ଦ ଆସୁଥିବା ସ୍ଥାନକୁ ଯାଇ ଦେଖିଲା ବେଳକୁ ଏକ ଜରିବସ୍ତାରେ ଶିଶୁକନ୍ୟା ପଡ଼ି ରହିଥିବା ଦେଖିବାକୁ ପାଇଥିଲେ । ଏହା କୌଣସି ଅବୈଧ ସନ୍ତାନ କିମ୍ୱା କନ୍ୟା ଜନ୍ମ ଯୋଗୁ ବୋଧେ କେହି ଶିଶୁକୁ ପକାଇ ପଳାଇଥିବା ଅନୁମାନ କରାଯାଉଛି । ସ୍ଥାନୀୟ ଲୋକେ ଶିଶୁକନ୍ୟାକୁ ଉଦ୍ଧାର କରି ଜିଲା ଚାଇଲ୍ଡ ଲାଇନକୁ ଖବର ଦେଇଥିଲେ । ଚାଇଲ୍ଡ ଲାଇନ କର୍ମକର୍ତ୍ତା ପହଂଚି ଶିଶୁକନ୍ୟାକୁ ଉଦ୍ଧାର କରିଥିଲେ ।

# ମୋଟର କର୍ମଚାରୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କଠାରେ ଦାବିପତ୍ର ପ୍ରଦାନ



ବାରିପଦା, ୨୨/୦୭ (ନି.ପ୍ର): ଓଡ଼ିଶା ସରକାରୀ ମୋଟର କର୍ମଚାରୀ ସଂଘର ମୟୂରଭଞ୍ଜ ଜିଲ୍ଲା ଶାଖା ପକ୍ଷରୁ କର୍ମଚାରୀଙ୍କ ଚାକିରୀ ନିୟମିତ କରିବା ପାଇଁ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ଭେଟି ଆଲୋଚନା ପୂର୍ବକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବି ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟାଳୟ ସମେତ ରାଇରଙ୍ଗପୁର, କରଞ୍ଜିଆ ଓ କପ୍ତିପଦା ଉପଖଣ୍ଡ ଏବଂ ୨୬ଟି ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ମୋଟର ଯାନର ଚାଳକ ଡିଏଲଆର ଓ କାର୍ଯ୍ୟାଳୟରେ ଏନଏମଆର କର୍ମଚାରୀ ମାନେ ବହୁ ଦିନ ଧରି କାର୍ଯ୍ୟ କରୁଛନ୍ତି । ସେମାନଙ୍କୁ କାର୍ଯ୍ୟର ୬ବର୍ଷ ପରେ ନିୟମିତ କରିବାର ନିୟମ ଥିବା ବେଳେ ଅନେକ ୨୦ରୁ ୨୫ବର୍ଷ କାର୍ଯ୍ୟ କରିସାରିବା ପରେ ମଧ ନିୟମିତ ହୋଇନାହାନ୍ତି । ସରକାରୀ ଅଧିକାରୀଙ୍କ ପାଇଁ ସମସ୍ତ ଦାୟିତ୍ୱ ବହନ କରି ଯଥା ସମୟରେ ସେବା ପ୍ରଦାନ କରୁଛନ୍ତି । କୋଭିଡ ପରିସ୍ଥିତିରେ ମଧ୍ୟ ସମସ୍ତେ ୨୪ଘଣ୍ଟିଆ ସେବା ଠାରୁ ଆରମ୍ଭ କରି ସମସ୍ତ ସ୍ଥିତିରେ ନିଜର କାର୍ଯ୍ୟ ସମ୍ପାଦନ କରୁଛନ୍ତି । କିନ୍ତୁ ଏମାନେ ଖୁବ କମ ଦରମାରେ ଅସ୍ଥାୟୀ ଗାଡିଚାଳକ ଭାବେ କାର୍ଯ୍ୟ କରୁଛନ୍ତି । ତେଣୁ ଚାଳକମାନଙ୍କୁ ସ୍ଥାୟୀ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଆଗାମୀ ମାସକ ମଧ୍ୟରେ ଦାବି ବାବଦରେ କୌଣସି ପଦକ୍ଷେପ ଗ୍ରହଣ କରାନଗଲେ ଆନ୍ଦୋଳନକୁ ଓହ୍ଲାଇବାକୁ ସମସ୍ତେ ବାଧ ରହିବେ ବୋଲି ଦର୍ଶାଇଛନ୍ତି । ଜିଲ୍ଲା ଶାଖା ସଂଘର ସଭାପତି ନିରଞ୍ଜନ ଗିରି, ସମ୍ପାଦକ ସଦାନନ୍ଦ ମହାନ୍ତ, କୋଷାଧକ୍ଷ ଭବାନୀ ଶଙ୍କର ମହାନ୍ତ, ସଦସ୍ୟ ସୁବୋଧ କୁମାର ଘୋଷ, ଚରଣ ହାଁସଦା, ରବୀନ୍ଦ୍ର ସିଂ, ସନ୍ତୋଷ କୁମାର ଭଞ୍ଜବାବୁ, ବିଚିତ୍ରାନନ୍ଦ ଦାସ, ଭାଗବତ ବାରିକ, ସୁଦାମ ବାରିକ ଓ ଚିତ୍ତରଞ୍ଜନ ଖିଲାର ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# ଶ୍ରାବଣ ମାସରେ ଶିବ ମହାପୁରାଣ କଥା ଓ ବ୍ୟାଖ୍ୟା ରାମଚରିତ ମାନସ ମନ୍ଦିରରେ ଆୟୋଜନ

ବଲାଙ୍ଗିର, ୨୨/୦୭ (ନି.ପ୍ର): ପବିତ୍ର ଶ୍ରାବଣ ମାସରେ ୨୦ ଜୁଲାଇରୁ ୨୯ ତାରିଖ ଦଶ ଦିନ ବ୍ୟାପୀ ଆୟୋଜିତ ହେଉଥିବା ଶିବ ମହାପୁରାଣ କଥା ଓ ପ୍ରବଚନ ପାଇଁ ପ୍ରଥମ ଦିନ ସକାଳ ୯ ଟାରୁ ସମଲେଶ୍ୱରୀ ମନ୍ଦିର ଠାରୁ ରାମଚରିତ ମାନସ ମନ୍ଦିର ପର୍ଯନ୍ତ ଏକ ଭବ୍ୟ କଳସ ଶୋଭାଯାତ୍ରା ମୁଖ୍ୟ ଆୟୋଜକ ମହିଳା ସମିତିର ଆଶା ଅଗ୍ରୱାଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି । ମାରୱାଡ଼ି ମହିଳା ସମିତି ସମେତ ସବୁ ବର୍ଗର ମହିଳା ଓ ପୁରୁଷ ଭକ୍ତ ମାନେ ମୁଣ୍ଡରେ କଳସ ନେଇ ନଗର ପରିକ୍ରମା କରି ରାମଚରିତ ମାନସ ମନ୍ଦିରକୁ ଯାଇଥିଲେ । ପ୍ରତ୍ୟହ ଅପରାହ୍ନ ୪ ଟାରୁ ସନ୍ଧ୍ୟା ୭ଟା ପର୍ଯନ୍ତ ବୃନ୍ଦାବନ ଶ୍ରିଧାମର ପ୍ରବଚକ ପଣ୍ଡିତ ଅଶୋକ ଭରଦ୍ୱାଜଙ୍କ ଦ୍ୱାରା ଦେବ ଦେବଙ୍କ ମହାପୁରାଣର କଥା ବସ୍ତୁ ଉପରେ ଓଜସ୍ୱି କଥା ବାଚନ ଓ ପ୍ରବଚନ ଆରମ୍ଭ କରି ଶିବ ମହାତ୍ମା ବର୍ଣ୍ଣନ କରିଥିଲା ବେଳେ ସହଯୋଗୀ ମାନେ ବାଦ୍ୟ ଯନ୍ତ୍ରରେ ସହଯୋଗ କରୁଛନ୍ତି । ଦ୍ୱିତୀୟ ଦିନରେ ଲିଙ୍ଗ ପୂଜା ଓ ବିଧାନ ଅନୁଷ୍ଠିତ ହୋଇଥିଲା । ଆଚାର୍ଯ୍ୟ ଚନ୍ଦ୍ର ମୋହନ ପଚୌରି ପୂଜା କାର୍ଯ ସମ୍ପନ୍ନ କରିଥିଲେ । ପୂଜାରେ ମନୋଜ କୁମାର ଜୈନ ଓ ତାଙ୍କର ଧର୍ମପତ୍ନୀ କର୍ତା ରୂପରେ ଯୋଗଦେଇ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିଥିଲେ । ପ୍ରତ୍ୟହ ମୂଳ କଥାଟି ସକାଳ ୭ ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ହେଉଥିବା ବେଳେ ସାନ୍ଧ୍ୟରେ କଥା ବସ୍ତୁ ଉପରେ ପ୍ରବଚନ ହେଉଛି । ଆଜି ୨୨ ତାରିଖରେ ସତୀ ମୋହ କଥା, ୨୩ ରେ ପାର୍ବତୀ ଜନ୍ମ, ୨୪ ତାରିଖ ସୋମବାରରେ ଶିବ ପାର୍ବତୀ ବିବାହ,୨୫ ତାରିଖ ମଙ୍ଗଳବାର କାର୍ତିକ ଗଣେଶ ଜନ୍ମ,୨୬ ତାରିଖ ବୁଧବାର କୃଷ୍ଣ ଚରିତ୍ର କଥା, ଗୁରୁବାର ଶିବ ଅବତାର କଥା ହୋଇ ୨୮ ତାରିଖ ଶୁକ୍ରବାର ଶିବ ପୂଜନ ମହାତ୍ମା କଥା ବିଶ୍ରାମ ହୋଇ ବ୍ୟାସ ପୂଜା ଓ ହୋମ ହୋଇ ସମାପନ ହେବ । ୨୯ ତାରିଖ ଶନିବାରରେ ମନ୍ଦିର ପରିସରରେ ଥିବା ମହାଦେବ ମନ୍ଦିରରେ ସକାଳ ୧୦ ଟାରୁ ଗଙ୍ଗାର ପବିତ୍ର ଜଳରେ ଜଳସାୟୀ ଅନୁଷ୍ଠିତ ହୋଇ ଦିନ ଗୋଟାଏରେ ପ୍ରସାଦ ସେବନ ରହିଛି ।

# ପରିଚାଳନାଗତ ତ୍ରୁଟି ଯୋଗୁଁ ବଡ ବନ୍ଧକୁ ଚାରି ମାସ ହେଲା ଜଳ ଯୋଗାଣ ବ୍ୟାହତ

ବଲାଙ୍ଗିର, ୨୨/୦୭ (ନି.ପ୍ର): ଦେଓଗାଁ ବ୍ଲକ ବଡ଼ବନ୍ଧ ପଂଚାୟତ କୌଣସି ପାହାଡ଼, ପର୍ବତ ଘେରା ଗାଁ ନୁହେଁ, ଖୋଦ ସୋନଗଡ଼ ନଦୀ କୂଳରେ ଅଛି । ହେଲେ ଗତ ୪ ମାସ ହେଲା ଜଳ ଯୋଗାଣ ହେଉନାହିଁ ବୋଲି ଗାଁର ଲୋକମାନେ ଅଭିଯୋଗ କରିଛନ୍ତି । ୪ ମାସ ହେଲା ପାଇପ ଯୋଗେ ପାଣି ନ ପାଇବା ବିଷୟରେ କନିଷ୍ଠ ଯନ୍ତ୍ରୀ ମୃତ୍ୟୁଞ୍ଜୟ ରାଉତଙ୍କୁ ପଚାରିବାରୁ ବଡ଼ବନ୍ଧ ଓ ସିକୁଆଁ ପଂଚାୟତକୁ ପାଣି ଯୋଗାଇବା ପାଇଁ ସିକୁଆଁ ସୋନଗଡ଼ ନଦୀକୂଳରେ ପମ୍ପ ବସାଯାଇଛି । ଏହି ଦୁଇଟି ପଂଚାୟତର ସରପଂଚ ପାଣି ଯୋଗାଣକୁ ନେଇ ପଟୁ ନାହାନ୍ତି । ବଡ଼ବନ୍ଧ ପଂଚାୟତ ବିଦ୍ୟୁତ ବିଲ ପଇଠ କରିବା ପାଇଁ ପଇସା ଦେଉ ନ ଥିଲେ । ବିଦ୍ୟୁତ ବିଲ୍ ପଂଚାୟତ ନ ଦେଲେ କିପରି ପାଣି ଯୋଗାଣ ହେବ ହେବ ବୋଲି କହିଛନ୍ତି । ଅନ୍ୟପକ୍ଷରେ ୪ ମାସ ନୁହେଁ କମ ଦିନ ବୋଲି କହିଛନ୍ତି କହିଛନ୍ତି ଶ୍ରୀ ରାଉତ । ସେପଟେ ଜଳ ଯୋଗାଣରେ ବ୍ୟତିକ୍ରମକୁ ଗ୍ରହଣ କରୁନାହାନ୍ତି ବଡ଼ବନ୍ଧ ସରପଂଚ ଓ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ । ସେମାନେ କହୁଛନ୍ତି ଯେ, ସିକୁଆଁରେ ପାଣି ଅଭାବ ଯୋଗୁଁ ଗତ ଏପ୍ରିଲ ମାସ ଆରମ୍ଭରୁ ବର୍ତମାନ ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଯାଉଛି । କନିଷ୍ଠ ଯନ୍ତ୍ରୀ ବଡ଼ବନ୍ଧ ପଂଚାୟତର ବିଦ୍ୟୁତ ବିଲ ପଇଠକୁ ନେଇ ଜଳ ଯୋଗାଣରେ ଅନିୟମିତତା ବୋଲି କହୁଥିବା ବେଳେ ପଂଚାୟତ ପକ୍ଷରୁ ପାଣି ଅଭାବ ଯୋଗୁଁ ଯୋଗାଣରେ ବ୍ୟତିକ୍ରମ ହୋଇଥିବା ପୃଥକ ପୃଥକ କଥା କହୁଥିବାରୁ ପାଣି ଯୋଗାଇବାରେ ତଦାରଖରେ ଫେଲ ମାରୁଛି ବୋଲି ଜଣାପଡୁଛି । ଅନ୍ୟପକ୍ଷରେ ପାଣି ଯୋଗାଇବା ପାଇଁ ଟ୍ୟାଙ୍କର ନିଯୁକ୍ତି ପଂଚାୟତର ମୁଖ୍ୟ କାରଣ ବୋଲି କିଛି ଲୋକ ଅଭିଯୋଗ କରୁଛନ୍ତି । ଏ ସମ୍ପର୍କରେ ପୂର୍ବ ଜିଲ୍ଲା ପରିଷଦ ସଭ୍ୟ ସୁଶୀଳ ଚାନ୍ଦ କହିଛନ୍ତି ଯେ, ଯେକୌଣସି ପ୍ରକାରରେ ଲୋକଙ୍କୁ ପାଣି ଯୋଗାଇବା ପଂଚାୟତର କର୍ତବ୍ୟ । ଯଦି ପାଣି ଯୋଇବାରେ ପଂଚାୟତ ଅସମର୍ଥ ତାହା ହେଲେ ଲୋକମାନେ କାହାକୁ ଗୁହାରି କରିବେ ବୋଲି କହିଛନ୍ତି । ତେଣୁ ପାନୀୟ ଜଳ ଯୋଗାଣରେ ଅନିୟମିତତା ନ କରିବା ପାଇଁ ଲୋକମାନେ ଦାବୀ କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ନବନିର୍ମାଣର ନବୀନ ହଟାଓ ସ୍ଲୋଗାନ ଆରମ୍ଭ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ୮ନମ୍ବରସ୍ଥିତ ବିଏମ୍‌ସି କମ୍ୟୁନିଟ ହଲରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ରାଜନୈତିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅଧିକାଂଶ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ, ବରିଷ୍ଠ ସାମ୍ବାଦିକ, ବୁଦ୍ଧିଜୀବୀ ଓ କୃଷକ ନେତା ପ୍ରମୁଖ ଯୋଗ ଦେଇଥିଲେ । ସଂଗଠନର ରାଷ୍ଟ୍ରୀୟ ନେତା ଅକ୍ଷୟ କୁମାରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ବିଶିଷ୍ଟ ସମାଜବାଦୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇ କହିଥିଲେ ଯେ, ଦେଶରେ ଦିନକୁ ଦିନ ବେଶି ବେଶି ବିଷମତା ବଢୁଛି । ଧନୀ ଲୋକମାନେ କମ୍ ଟିକସ ଦେଲାବେଳେ ଗରିବ ଲୋକମାନେ ବେଶି ଟିକସ ଦେଇ ଗରିବ ହେଉଛନ୍ତି । ସମୃଦ୍ଧ ଓଡ଼ିଶାର ସଭାପତି ଯତୀଶ ମହାନ୍ତି ତାଙ୍କ ବକ୍ତବ୍ୟରେ କହିଲେ ଯେ, ଓଡ଼ିଶାରେ ଶାସନ ବଦଳିଲେ ପ୍ରକୃତପକ୍ଷେ ଦୁର୍ନୀତି କିଭଳି ତୃଣମୂଳସ୍ତରରେ ହଟାଯିବା, ପ୍ରତି ୱାର୍ଡ଼ରେ ଲୋକଙ୍କ ତରଫରୁ ଭିଜିଲାନ୍ସ କମିଟି ରଖି ତାହାକୁ ସଫଳ କରିପାରିବୁ । ପୂର୍ବତନ ବରିଷ୍ଠ ପ୍ରଶାସକ ଅରବିନ୍ଦ ବେହେରା କହିଲେ ଯେ, ଏବେ ଧନତନ୍ତ୍ରର ଶାସନ ଚାଲିଛି । ଯେଉଁମାନଙ୍କ ପାଖରେ ପଇସା ବେଶି, ସେମାନେ ଶାସନ କରୁଛନ୍ତି । ଆମେ ବିଚକ୍ଷଣ ଚତୁର ବ୍ୟକ୍ତିଙ୍କ ଦ୍ୱାରା ଶାସିତ ହେବାକୁ ଜନ୍ମ ହୋଇନୁ । ସ୍ତମ୍ଭକାର ସୁବାସ ପଟ୍ଟନାୟକ କହିଲେ ଯେ, ଏବେ ରାଜନୀତିରେ ଆଦର୍ଶବାଦର ସମାପ୍ତ ଘଟିଛି । ପେଟପାଟଣାବାଦ ରାଜନୀତିକୁ ନଷ୍ଟଭ୍ରଷ୍ଟ କରିଛି । ସେ ଓଡ଼ିଆ ଭାଷାର ବ୍ୟବହାର ନେଇ କହିଥିଲେ ଯେ, ସମସ୍ତ ଆଇନ ମାତୃଭାଷାରେ ହେବା ଉଚିତ୍ । ପୂର୍ବତନ ଡିଜି ମନମୋହନ ପ୍ରହରାଜ ରାଜ୍ୟରେ ଚାଷର ସ୍ଥିତିକୁ ସୂଚାଇବାକୁ ଯାଇ କହିଥିଲେ ଯେ, ଚାଷ ପ୍ରତି ଆଦୌ ସରକାରୀ ପ୍ରୋତ୍ସାହନ ଓ ଆନୁସଙ୍ଗିକ ସୁବିଧା ସୁଯୋଗ ନଥିବା କାରଣରୁ ଚାଷୀର ମେରୁଦଣ୍ଡ ଭାଙ୍ଗିଛି ଓ ଲୋକେ ଚାଷ କରିବାକୁ ବିମୁଖ ହେଉଛନ୍ତି । ସୂଚନା ଅଧିକାରୀ ଆନ୍ଦୋଳନ ନେତା ପ୍ରଦୀପ ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଲେ ଯେ, ରାଜ୍ୟରେ ଅବିରତ ଭାବରେ ଖଣି, ପାଣି, ଜଙ୍ଗଲ, ଜମିର ଅବିଚାରିତ ଲୁଟ ଚାଲିଛି । ଏହି ଲୁଟ ଅର୍ଥରେ ବିଜୁ ଜନତା ଦଳ ଜନବିରୋଧୀ ପ୍ରକଳ୍ପମାନ କରି ଭୋଟରେ ଜିତି ଓଡ଼ିଆଙ୍କୁ ଦରିଦ୍ର ଓ ନିଃସ୍ୱ କରିଛି ।

# ମରଣଯନ୍ତା ସାଜିଛି ନିର୍ମାଣାଧୀନ ସାତଭଉଣୀ-ଚୁନିଦା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ

## କାର୍ଯ୍ୟ ଆରମ୍ଭ ନହେଲେ ରାସ୍ତାରୋକ ଚେତାବନୀ, ଠିକାଦାରଙ୍କୁ ବିଭାଗ ତରଫରୁ କଡା ଚେତାବନୀ



ଭଦ୍ରକ, ୨୨/୦୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେଉଛି ବହୁ ରାସ୍ତା । ମାତ୍ର ଭଦ୍ରକ ବ୍ଲକ୍ ଅଧୀନସ୍ଥ ସାତଭଉଣୀ-ଚୁନିଦା ବଳଭଦ୍ରପୁର ରାସ୍ତା ଦେଇ ଧାମନଗର ବ୍ଲକ୍‌କୁ ସଂଯୁକ୍ତ କରୁଥିବା ଏହି ଯୋଜନାରେ ନିର୍ମିତ ୫ କିମି ରାସ୍ତାଟି ଗତ ମାର୍ଚ୍ଚ ମାସରୁ ମେଣ୍ଟାଲିଂ କାର୍ଯ୍ୟ ଆରମ୍ଭ ହୋଇ ଏପର୍ଯ୍ୟନ୍ତ ଅଧାପନ୍ତରିଆ ଭାବେ କିଭଳି ଲୋକଙ୍କ ଯାତାୟତରେ ମରଣଯନ୍ତା ପାଲଟିଛି, ତାହା ନିଜ ଆଖିରେ ନଦେଖିଲେ ବିଶ୍ୱାସ କରିହେବନାହିଁ । ଗତ କିଛିମାସ ମଧ୍ୟରେ ଏହି ଅଧାପନ୍ତରିଆ ରାସ୍ତା ଯୋଗୁଁ ଛୋଟବଡ ବହୁ ଦୁର୍ଘଟଣା ଘଟି ନିକଟରେ ଜଣେ ମୋଟର ସାଇକେଲ୍ ଆରୋହୀ କଟକରେ ମୃତ୍ୟୁ ସହ ସଂଗ୍ରାମ କରିବା ଘଟଣା ଲୋକଙ୍କ ମଧ୍ୟରେ ଘୋର ପ୍ରତିକ୍ରିୟା ସୃଷ୍ଟି କରିଛି । ଏହି ରାସ୍ତାଟିର ଏଭଳି ଦୂରାବସ୍ଥାକୁ ନେଇ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ସାକ୍ଷାତ୍ କରି କୌଣସି ସଫଳତା ନପାଇବାରୁ ଏବେ ବାଧହୋଇ ରାସ୍ତାରୋକ ଭଳି ଚରମ ପନ୍ଥା ଗ୍ରହଣ କରିବାର ଚେତାବନୀ ଦେଇଛନ୍ତି । ଏ ସଂପର୍କରେ ମିଳିଥିବା ତଥ୍ୟ ଅନୁସାରେ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦ୍ୱାରା ଅନୁଦାନ ପ୍ରାପ୍ତ ଏହି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାଟି ସାତଭଉଣୀ ଠାରୁ ଚୁନିଦା ପର୍ଯ୍ୟନ୍ତ ମୋଟ ୫.୧୫୦ କିମି ପାଇଁ ୩,୨୯,୭୦,୩୪୦ ଟଙ୍କା ଅଟକଳ ମୂଲ୍ୟରେ ନିର୍ମାଣ ହେବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଗତ ୨୦୨୧ ଡିସେମ୍ବର ୧୭ ତାରିଖରୁ କାର୍ଯ୍ୟ ଆରମ୍ଭ ହୋଇ ୨୦୨୨ ନଭେମ୍ବର ୧୬ ତାରିଖରେ କାର୍ଯ୍ୟ ସମାପ୍ତି କରାଯିବାର ଅବଧି ରହିଥିଲା । ଠିକାଦାରଙ୍କ ଦ୍ୱାରା ପ୍ରଦତ୍ତ କାର୍ଯ୍ୟ ସ୍ଥାୟୀତ୍ୱର ଅବଧି ପାଞ୍ଚ ବର୍ଷ ରଖାଯାଇଥିଲା । ଏହି ଜିଲାର ବାସୁଦେବପୁର ଅଂଚଳର ବିଦ୍ୟାଧର ଘଡେଇ ନାମକ ଜନୈକ ଠିକାଦାରଙ୍କ ଦ୍ୱାରା ଏହି କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଭଦ୍ରକ-୧ର ଗ୍ରାମ୍ୟ ନିର୍ମାଣ ବିଭାଜନ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିଲେ । ତେବେ ଏହି ରାସ୍ତା ଉନ୍ନତିକରଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଗତ ୨୦୨୨ ଜାନୁଆରୀ ୩ରେ ସାଂସଦ ମଂଜୁଲତା ମଣ୍ଡଳ ଓ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକଙ୍କ ସମେତ ତତ୍‌କାଳୀନ ପଂଚାୟତ ସମିତି ଅଧ୍ୟକ୍ଷ ରଘୁନାଥ ଧଳ, ଜିଲା ପରିଷଦ ସଭ୍ୟ ସରୋଜ ନାୟକ, କୋର୍କରା ସରପଞ୍ଚ ମଧୁସ୍ମିତା ଜେନା ଓ ସମିତି ସଭ୍ୟା ଅଂଜନା ଜେନା ପ୍ରମୁଖ ଅତିଥିଙ୍କ ଗହଣରେ ସଂପନ୍ନ ହୋଇଥିଲା । କିନ୍ତୁ ଏହି ରାସ୍ତାଟି ଅତ୍ୟନ୍ତ ନିମ୍ନମାନର ଆରମ୍ଭ ହୋଇ ପୂର୍ବରୁ ଥିବା ପିଚୁ ଓ ମେଣ୍ଟାଲ ତଡାଯାଇ ତାହା ପାଇଲିଂ କରାଯାଇ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏପରିକି ସଂପୃକ୍ତ ଠିକାଦାର ମେଣ୍ଟାଲ ଡଷ୍ଟ ରାସ୍ତାର ଦୁଇ ପାର୍ଶ୍ୱରେ ପକାଇ କାର୍ଯ୍ୟଟିରେ ବହୁ ଘୋଟାଲା କରିଥିଲେ ।

# ମହିଳା କଂଗ୍ରେସର ସମାବେଶ ଅନୁଷ୍ଠିତ




ବସ୍ତା, ୨୨/୦୭ (ନି.ପ୍ର): ବସ୍ତା ବ୍ଲକର ୧୪ ଟି ପଞ୍ଚାୟତର କଂଗ୍ରେସର ମହିଳା କର୍ମୀଙ୍କୁ ନେଇ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ନାରୀ ନେତ୍ରୀ ଅଞ୍ଜଳି ପ୍ରଧାନଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ବ୍ଲକ ଚେୟାରମେନ ରଞ୍ଜିତା ନାୟକଙ୍କ ସହ ବହୁ ମହିଳା ସରପଞ୍ଚ, ସମିତି ସଦସ୍ୟା ,ଏସ ଏଚ ଜି ଗ୍ରୁପର ମହିଳା ମାନେ ଯୋଗଦେଇ ଉଭୟ ସରକାରଙ୍କୁ ସମାଲୋଚନା କରିଥିଲେ । କଂଗ୍ରେସ ଦଳରେ ରହିଥିବାରୁ ଶାସକ ଦଳର ନେତୃତ୍ୱ ମାନେ ପଞ୍ଚାୟତ ସ୍ତରରେ ଅଣଦେଖା କରୁଥିବା ବେଳେ ବିଭିନ୍ନ ସରକାରୀ ସହାୟତାରୁ ବଞ୍ଚିତ ହେଉଥିବା କହିଥିଲେ । ଅନ୍ୟ ତମ ଅତିଥି ଭାବେ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ଜିଲ୍ଲା ସମ୍ପାଦକ ସୁଧାଂଶୁ ଜେନା, ବ୍ଲକ ସଭାପତି ସତ୍ୟନାରାୟଣ ଗୁପ୍ତା ଯୋଗଦେଇ ନାରୀମାନେ ଏକତ୍ରିତ ହୋଇ ଚେଷ୍ଟା କଲେ ସମସ୍ତ କାର୍ଯ୍ୟ କରିପାରିବେ ବୋଲି କହିଥିଲେ । କେବେବି ନିଜକୁ ଅସହାୟ ମନେ କରିବା ଉଚିତ ନୁହେଁ । ସରକାରଙ୍କ ସମସ୍ତ ସୁବିଧା ଥିବା ସତ୍ୱେ ମଧ ନାରୀ ଆଜି ବି ଅବଳା ଦୁର୍ବଳା ଭାବରେ ରହିଆସୁଥିବା ବେଳେ ସର୍ବଦା ଅନ୍ୟ ଉପରେ ନିର୍ଭର କରିଆସୁଛନ୍ତି ଏବଂ ସମସ୍ତ ସ୍ଥାନରେ ନିର୍ଯ୍ୟାତନାର ଶିକାର ହେଉଛନ୍ତି । ତେଣୁ ସମସ୍ତ ନାରୀ ସମାଜରେ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଲଢେଇ ଜାରି ରଖିବାକୁ ନେତୃତ୍ୱ ମଣ୍ଡଳୀ ଆହ୍ୱାନ ଦେଇଥିଲେ । ନେତୃତ୍ୱ ମଣ୍ଡଳୀ ମାନଙ୍କ ମଧ୍ୟରେ ନାବରା ପଞ୍ଚାୟତର ସରପଞ୍ଚ ଡ: ନଗେନ୍ଦ୍ର ନାଥ ସିଂ, ସମିତି ସଦସ୍ୟା ଶାକର ହେମ୍ବ୍ରମ, ସୁମିତ୍ରା ପାତ୍ର, ଶ୍ରାବଣୀ ଚାନ୍ଦ, ସୁମିତ୍ରା ସେନାପତି,ମମତା ଜେନା, ଗାୟତ୍ରୀ ଗିରି,ମେନକା ଜେନା, ରଶ୍ମିତା ପଢିଆରୀ, ମିନତି ସାହୁ,ମଞ୍ଜୁରାଣୀ ଜେନା, ଜୟନ୍ତୀ ରାଉତ, ଦମୟନ୍ତୀ ସାହୁ ପ୍ରମୁଖ ବହୁ ନାରୀ ନେତ୍ରୀ ଯୋଗ ଦେଇଥିଲେ ।

# ଅଣସଂକ୍ରାମକ ରୋଗ ନିରୁପଣ ଶିବିର ଅନୁଷ୍ଠିତ

ଜୟପୁର, ୨୨/୦୭ (ନି.ପ୍ର): ଅଣସଂକ୍ରାମକ ରୋଗ ନିରୁପଣ ଶିବିର ଅନୁଷ୍ଠିତ ହୋଇଛି । ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଜୟପୁର ଏଲଆର ଓ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଜଗଧାତ୍ରୀପୁର ତରଫରୁ ଶିବିରି ଆୟୋଜନ କରିଥିଲେ । ଜୟପୁର ଏଲଆର ତରଫରୁ ହାଟପଦା ମିଶନ ଶକ୍ତିର ଗୃହରେ ଅନୁଷ୍ଠିତ ହୋଇଥିବା ବେଳେ ଖ୍ରିଷ୍ଟିଆନପେଟା କ୍ଲବରେ ଜଗଧାତ୍ରୀପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ତରଫରୁ ହେଇଥିଲା । ଏହି ଶିବିରରେ ରୋଗ ନିରୁପଣ, ରକ୍ତ ପରୀକ୍ଷା ଆଦି କରାଯାଇ ଔଷଧ ବିତରଣ କରାଯାଇଥିଲା । ଡାକ୍ତର ଉପସ୍ଥିତ ରହି ପରୀକ୍ଷା କରିଥିଲେ । ଖ୍ରିଷ୍ଟିଆନପେଟା କ୍ଲବ ଠାରେ ୯୩୭ ଜଣ ରୋଗି ଚିକିତ୍ସିତ ହୋଇଥିବା ବେଳେ ହାଟପଦା ମିଶନ ଶକ୍ତି ଠାରେ ୯୨୭ ଜଣ ରୋଗି ଚିକିତ୍ସିତ ହୋଇଛନ୍ତି । ଏହି ଶିବିରରେ ଅଣ ସଂକ୍ରମଣ ରୋଗର ଚିକିତ୍ସା ବାବଦରେ ଲୋକଙ୍କୁ ସଚେତନ କରାଯାଇଥିଲା । ଏଥିସହ ରକ୍ତଚାପ, ମଧୁମେହ, ରକ୍ତହୀନତା ସହ ସାଧାରଣ ରୋଗର ଚିକିତ୍ସା କରାଯାଇଥିଲା । ଗୁଟଖା ଓ ତମାଖୁ ଦ୍ୱାରା କର୍କଟ ରୋଗ ହୋଇ କିଭଳି ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି ସେ ନେଇ ଲୋକଙ୍କୁ ବିଭିନ୍ନ ଫଟୋଚିତ୍ର ମାଧ୍ୟମରେ ସଚେତନ କରାଯାଇଥିଲା । ଏହି ଶିବିରରେ ଡାକ୍ତର ତଥାଗତ ରଥ, ଡାକ୍ତର ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିଦ୍ଧାନ୍ତ ନାୟକ, ଲିଙ୍ଗରାଜ ପାଢୀ, ସତ୍ୟ ନାରାୟଣ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅବକାରୀ ପୋଲିସକର୍ମୀଙ୍କ ଉପରେ ନିଶା ବେପାରୀଙ୍କ ଆକ୍ରମଣ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): କୋରାପୁଟ ଜିଲ୍ଲାରେ ଚଢାଉ ବେଳେ ଗଂଜେଇ ଚୋରା ଚାଲାଣକାରୀ ମାନେ ଅବକାରୀ ପୋଲିସ ଉପରେ ଆକ୍ରମଣ କରିଥିବା ଜଣା ପଡିଛି । ଏହି ଆକ୍ରମଣରେ ଜଣେ ପୋଲିସକର୍ମୀ ଆହତ ହୋଇଥିବା ଜଣା ପଡିଛି । ପୋଲିସ ଏହି ମାମଲାରେ ତଦନ୍ତ ଜାରୀ ରଖିଛି । ମିଳିଥିବା ସୂଚନା ଅନୁସାରେ ଗତ କାଲି ବିଳମ୍ବିତ ରାତ୍ର ସମୟରେ କୋଟପାଡ଼ ଥାନା ଅନ୍ତର୍ଗତ ମାଲଚାମାଲ ଜଙ୍ଗଲ ଘଡାଘାଟରେ କୋଟପାଡ଼, ବୋରିଗୁମ୍ମା, ଜୟପୁର ଅବକାରି ବିଭାଗ ମିଳିତ ଭାବରେ ଜୟପୁର ଅବକାରି ଆଇଆଇସି ଙ୍କ ତତ୍ୱାବଧାନରେ ଚଢଉ କରିଥିଲେ ।

# ବରହମପୁର ମହୋତ୍ସବ ପକ୍ଷରୁ ରକ୍ତଦାନ ଶିବିର



ନୀଳଗିରି, ୨୨/୦୭ (ନି.ପ୍ର): ବରହମପୁର ମହୋତ୍ସବ କମିଟି ପକ୍ଷରୁ ଦୀନବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ଗତ ୨୦ ତାରିଖରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଡ. ଖଗେଶ୍ୱର ସିଂହ ରକ୍ତଦାତାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିବା ସହିତ ଟେକ୍ନିସିଆନ ଅଜିତ ସିଂ, ଅବିନାସକର,ହୃଷିକେଶ ବାଗ ଏବଂ ମାନସ ମହାନ୍ତି ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । ବରହମପୁର ମହୋତ୍ସବ କମିଟିର ସଭାପତି ଫ୍ରାଙ୍କସିସ ବେକନ ସ,ଜୟନ୍ତୀ ବିନ୍ଧାଣୀ,ପ୍ରିତମ ସେଠୀ, ଐଶ୍ୱର୍ଯ୍ୟା ସାହୁ,ସରୋଜ ମଣ୍ଡଳ, ପ୍ରିୟବର୍ତ୍ତ ସାହୁ,ସୌମ୍ୟ ଧଳ, ବିକ୍ରମ ବେହେରା, ରବିନାରାୟଣ ସେନାପତି, ହ୍ରିତିକ ସ, ସୁଧାଂଶୁ ବେହେରା ପ୍ରମୁଖ ଉପସ୍ଥିତ ରହି ରକ୍ତ ଦାନ ଶିବିରଟିକୁ ପରିଚାଳିନା କରିଥିଲେ । ସଂଗୃହୀତ ସମସ୍ତ ରକ୍ତ ଗୁଡିକୁ ଉଦଳା ରକ୍ତକେନ୍ଦ୍ରରେ ଡିପୋଜିଟ କରାଯାଇଥିଲା ।

# ବୁଥ୍ ସ୍ତରୀୟ ଅଧିକାରୀଙ୍କ ଘରକୁ ଘର ବୁଲି ସର୍ବେକ୍ଷଣ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ଆସନ୍ତାବର୍ଷ ହେବାକୁ ଥିବା 'ସାଧାରଣ ନିର୍ବାଚନ-୨୦୨୪'କୁ ଆଖି ଆଗରେ ରଖି ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ୩୭୬୦୬ ଜଣ ବୁଥ୍ ସ୍ତରୀୟ ଅଧିକାରୀମାନେ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଜୁଲାଇ ୨୧ ତାରିଖରୁ ଅଗଷ୍ଟ ୨୧ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଘରକୁ ଘର ବୁଲି ନିର୍ଭୁଲ ତଥ୍ୟ ସଂଗ୍ରହ କରିବେ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏହା ପ୍ରକାଶ କରିଛନ୍ତି । ରାଜ୍ୟର ୩୦ ଗୋଟି ଜିଲ୍ଲାରେ ଥିବା ୧୪୭ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥ୍ ସ୍ତରୀୟ ଅଧିକାରୀମାନେ ଘରକୁ ଘର ବୁଲି ଭୋଟର ତାଲିକାରେ ଥିବା ତଥ୍ୟଗୁଡ଼ିକର ତନଖି କରିବା ସହ ତାଲିକାରୁ ବାଦ ପଡ଼ିଥିବା ଯୋଗ୍ୟ ବ୍ୟକ୍ତିଙ୍କ ନାମ ଯୋଗ କରିବା, ନୂତନ ଭୋଟର ଯେଉଁମାନଙ୍କ ବୟସ ୦୧/୧୦/୨୦୨୪ ସୁଦ୍ଧା ୧୮ ବର୍ଷ ପୂର୍ଣ୍ଣ ହେଉଥିବ ସେମାନଙ୍କୁ ତାଲିକାଭୁକ୍ତ କରାଇବା, ସବୁଦିନ ପାଇଁ ନିର୍ବାଚନ ମଣ୍ଡଳୀରୁ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଥିବା ଭୋଟର ଏବଂ ମୃତ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରୁ ବାଦ ଦେବା ସହ ସବୁଦୃଷ୍ଟିରୁ ତ୍ରୁଟିଶୂନ୍ୟ ଭୋଟର ତାଲିକ ପ୍ରସ୍ତୁତି ନିମନ୍ତେ ସଂପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବେ ।

# ମଲ୍ଲୀଛକଠାରୁ ତ୍ରୈଲୋକ୍ୟ ଛକ ରାସ୍ତାର ଦୂରାବସ୍ଥା



ଲଙ୍ଗଳେଶ୍ୱର , ୨୨/୦୭ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ କୁଣ୍ଡୁଳି ପଞ୍ଚାୟତର ଶଙ୍ଖୁଆ ଠାରୁ ମଲ୍ଲୀଛକ ଇନ୍ଦିପଡା ଦେଇ ତ୍ରୈଲୋକ୍ୟ ଛକ କୁ ସଂଯୋଗ କରୁଥିବା ଦୁଇ କିଲୋମିଟର ରାସ୍ତାର ଅବସ୍ଥା କହିଲେ ନସରେ ଏହି ରାସ୍ତାରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ଯାତାୟତ କରନ୍ତି ଖାଲଖମା ଭରା ରାସ୍ତାର ପ୍ରତ୍ୟେକ ଦିନ ଛୁଟଛୁଟ ଦୁର୍ଘଟଣା ଘଟୁଛି ଅସରାଏ ବର୍ଷା ହୋଇଗଲା ରାସ୍ତାରେ ଢ଼େଉ ଭାଙ୍ଗେ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି । ପାଣି ଜମା ହେଉଥିବାରୁ ସ୍କୁଲ କୁ ଆସୁଥିବା ପିଲାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏହି ରାସ୍ତାର ମରାମତି ପାଇଁ ଜଗନ୍ନାଥ ବେହେରା, ମନ୍ମଥ ବେହେରା, ମୃତ୍ୟୁଞ୍ଜୟ ସାହୁ, ସୁଦର୍ଶନ ନାୟକ, ସୁକଦେବ ସାହୁ, କାଳିଚରଣ ବେହେରା ପ୍ରମୁଖ ଦାବି କରିଛନ୍ତି ।

# ବଡ଼ଦୁନ୍ଦୁ ସରପଞ୍ଚଙ୍କୁ ଅଯୋଗ୍ୟ ଘୋଷଣା କଲେ କୋର୍ଟ



ବାରିପଦା , ୨୨/୦୭ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ଅନ୍ତର୍ଗତ ବଡଦୁନ୍ଦୁ ଗ୍ରାମପଞ୍ଚାୟତର ସରପଞ୍ଚ ଶୁଖିମଣୀ ସୋରେନଙ୍କୁ ମିଥ୍ୟା ସତ୍ୟପାଠ ମାମଲାରେ ରାଇରଙ୍ଗପୁର ସିଭିଲ ଜଜ ସିଦ୍ଧାର୍ଥ ଶଙ୍କର ସେନାପତି ଗୁରୁବାର ଅଯୋଗ୍ୟ ଘୋଷଣା କରିଛନ୍ତି । ଅଭିଯୋଗ ମୁତାବକ ଶୁଖିମଣୀ ସୋରେନଙ୍କ ଏକାଧିକ ସ୍ଥାନରେ ଭୋଟ ପରିଚୟପତ୍ର ରହିଥିବା ଏବଂ ନିଜ ବିରୁଦ୍ଧରେ ରହିଥିବା ମାମଲା ସଂପର୍କରେ ପ୍ରାର୍ଥୀପତ୍ର ଦାଖଲ ସମୟରେ ମିଥ୍ୟା ତଥ୍ୟ ପ୍ରଦାନ କରିଥିଲେ । ୨ୟ ସ୍ଥାନରେ ରହି ପରାଜିତ ହୋଇଥିବା ସରପଞ୍ଚ ପ୍ରାର୍ଥୀ ସୁମିତ୍ରା ହେମ୍ବ୍ରମ ଏନେଇ ସିଭିଲ ଜଜକୋର୍ଟରେ ମାମଲା ଦାଏର କରିଥିଲେ । ସିଭିଲ ଜଜ ଶ୍ରୀ ସେନାପତି ମିଥ୍ୟା ସତ୍ୟପାଠ ମାମଲାରେ ସରପଞ୍ଚ ଶୁଖିମଣୀଙ୍କୁ ଅଯୋଗ୍ୟ ଘୋଷଣା କରିବା ସହିତ ନିକଟତମ ପ୍ରତିଦ୍ୱନ୍ଦୀ ସୁମିତ୍ରା ହେମ୍ବ୍ରମଙ୍କୁ ସରପଞ୍ଚ ଭାବେ ଘୋଷଣା କରିଛନ୍ତି । ଏହା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# କୃଷି କ୍ରାନ୍ତି ଅଭିଯାନର ଅଭିନବ ପ୍ରୟାସ: ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି



ଉଦଳା , ୨୨/୦୭ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ ଜନଜାଗୃତି ମଂଚ ତରଫରୁ ମୟୂରଭ ଜିଲ୍ଲାରେ ଚଳିତ ଜୁଲାଇ ୬ ତାରିଖ ଗୁରୁବାର ଠାରୁ ଆରମ୍ଭ ହୋଇଛି 'କୃଷି କ୍ରାନ୍ତି ଅଭିଯାନ' । କୃଷକ ମାନଙ୍କର ବିଭିନ୍ନ ସମସ୍ୟାକୁ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିବା ସହିତ, ଧାନ ଚାଷ ପରେ ପଡ଼ିଆ ପଡୁଥିବା ଜମିରୁ ପୁଣି ଥରେ ବିନା ଜଳ ସେଚନରେ କିପରି ଆଉ ଗୋଟିଏ ଫସଲ ଅମଳ କରାଯାଇପାରିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି । ମଂଚର ଟିମ ଲିଡ଼ର ଗଦାଧର ଦାଶ ଏହି ଅଭିଯାନର ନେତୃତ୍ୱ ନେଇଛନ୍ତି । ଅଭିଯାନକୁ ୧୭ ଦିନ ପୁରି ଯାଉଥିବା ବେଳେ ଆଜି ଜୁଲାଇ ୨୨ ତାରିଖ ଶନିବାର ଦିନ କପ୍ତିପଦା ବ୍ଲକ ଅନ୍ତର୍ଗତ କୋଳିଅଳମ ଗ୍ରାମ ଠାରେ ସ୍ୱେଚ୍ଛାସେବୀ ହରପ୍ରିୟା ଦାସଙ୍କ ନେତୃତ୍ୱରେ ଆଲୋଚନା ଚକ୍ର ଓ ଖୋଲା ଚିଠି ସମ୍ପର୍କରେ ଭାଇ ଭଉଣୀ ମାନଙ୍କୁ ଅବଗତ କରାଯାଇଛି । ଓଡ଼ିଶା ଶ୍ରମଜୀବି ମଂଚର ସ୍ୱେଚ୍ଛାସେବୀ ପଂଚାନନ ପ୍ରଧାନ ଏଥିରେ ଯୋଗ ଦେଇ ସମଗ୍ର ଓଡ଼ିଶାରେ ୧୮ ଗୋଟି ଜିଲ୍ଲାରେ ଏହି ଅଭିଯାନ କିପରି ଚାଲିଛି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିବା ସହିତ ପୋଷ୍ଟକାର୍ଡ଼ ଆନ୍ଦୋଳନର ରୂପରେଖ ଓ ଏହାର ପ୍ରଭାବ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସମଗ୍ର ଓଡ଼ିଶାରୁ ୭ ଲକ୍ଷ ୫୦ ହଜାର ପୋଷ୍ଟ କାର୍ଡ଼ ଚିଠି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯିବାକୁ ପ୍ରସ୍ତୁତି ପର୍ବ ଆଗେଇ ଚାଲିଛି ବୋଲି ସୂଚନା ପ୍ରଦାନ କରିଥିଲେ । ସେହିପରି ସମଗ୍ର ଓଡ଼ିଶାରେ ୬ ହଜାର ୟଙ୍ଗ ଇଗଲ ସ୍ୱେଚ୍ଛାସେବୀ ଏଥିରେ କିପରି ନିୟୋଜିତ ଅଛନ୍ତି ଜଣାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ କପାଳ ମାର୍ଣ୍ଡି, ଅବନ୍ତି ବେହେରା, ସୁବ୍ରତ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ । ଶେଷରେ 'କୃଷକ ହାତରେ ବିହନ ପାଣି, ସରକାର ଦିଅ ତୁରନ୍ତ ଆଣି' ସ୍ଲୋଗାନ ଦିଆଯିବା ସହିତ ଆଜିର କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

# ସମୟ ଆସିଲେ ୪ ଦ୍ୱାର ଖୋଲାଯିବ : ପ୍ରମିଳା ମଲ୍ଲିକ

ଭୁବନେଶ୍ୱର, ୨୨/୦୭ (ନି.ପ୍ର): ଶ୍ରୀମନ୍ଦିର ଚାରି ଦ୍ୱାର ଖୋଲିବା ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ । ସେ କହିଛନ୍ତି ସଠିକ ସମୟ ଆସିଲେ ନିଶ୍ଚୟ ୪ ଦ୍ୱାର ଖୋଲାଯିବ । ଏବେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ଚାଲିଛି । ଶ୍ରଦ୍ଧାଳୁ ଚାରିଦ୍ୱାର ଦେଇ ଗଲେ ଆହତ ହେବାର ସମ୍ଭାବନା ରହିଛି । ସୂଚନାଯୋଗ୍ୟ ଯେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶ୍ରୀମନ୍ଦିରର ୪ ଦ୍ୱାର ଭକ୍ତଙ୍କ ପାଇଁ ଖୋଲିବାକୁ ଦାବି କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo